


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

**ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ**

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି । ଗୁରୁବାର ଏହି ଘଟଣା ଘଟିଥିଲା । ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ । ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ଅଚେତ ହୋଇପଡ଼ିଯାଇଥିଲେ । ସେଠାରେ ଥିବା ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା । କିନ୍ତୁ ହସପିଟାଲ ନେବା ସମୟରେ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିସିଆନ ତାଙ୍କ ସହ ଦୁଷ୍କର୍ମ କରିଥିଲା । ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲା । ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ । ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ ମଧ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ନିନ୍ଦା କରିଛନ୍ତି ।

# ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ବିଷ ପିଇ ସମୂହ ଆତ୍ମହତ୍ୟା କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ । ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦) । ଚାଷ ଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ । ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ । ଗତକାଲି ବିଷ ପିଇବା ପରେ ୪ ଜଣ ବାନ୍ତି କରିବା ଆରମ୍ଭ କରିଥିଲେ । ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ । ସେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ । ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହରଙ୍କ ମୃତ୍ୟୁ ଘଟିଥିଲା । ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ କଲେଜରେ ପ୍ରଥମ ବର୍ଷର ଛାତ୍ରୀ ଥିଲେ । ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ ବୋଲି ଜଣାପଡ଼ିଛି । ଗାଁରେ ଶୋକ ଖେଳିଯାଇଛି ।

# ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ**

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍ । ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି । ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି ।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ । ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ । ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ । ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି । ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି ।


ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି । ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ । ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି । ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି । ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି । ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି । ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି । ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ଜଣାପଡ଼ିଛି । ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି । ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ମଧ୍ୟ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ▶ପୃଷ୍ଠା-୭

# ଅବପାତ ଆଣିଲା ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବାବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୩୯.୧୬ ମିଟର ରହିଛି । ସେହିପରି ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସେଠାରେ ଜଳସ୍ତର ୬ଟା ସୁଦ୍ଧା ୧୮.୮୮ ମିଟର ରହିଛି । ରାତି ୧୦ଟା ସୁଦ୍ଧା ଏଠାରେ ଜଳସ୍ତର ୧୯.୧୦ ମିଟର ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି । ସମାନ ଭାବରେ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଜଳସ୍ତର ବର୍ତ୍ତମାନ ୭.୧୩ ମିଟର ରହିଛି । ଜାମଶୋଳାଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ସେଠାରେ ବର୍ତ୍ତମାନ ବିପଦ ସଙ୍କେତ ଉପରେ ଅର୍ଥାତ୍ ୫୦.୬୪ ମିଟରରେ ଜଳ ପ୍ରବାହିତ ହେଉଛି । ଆସନ୍ତାକାଲି ଦିନ ୧୧ଟା ସୁଦ୍ଧା ସୁବର୍ଣ୍ଣରେଖା ବିପଦ ସଙ୍କେତ ଅତିକ୍ରମ କରିବା ସହ ପ୍ରାୟ ୧୧.୭ ମିଟରରେ ପ୍ରବାହିତ ହେବା ଆଶଙ୍କା ରହିଛି । ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ । ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି ।

**ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ**



**ଫୁଲୁଛି ମହାନଦୀ**

## ହୀରାକୁଦର ୨୦ ଗେଟ୍‌ରୁ ଜଳ ନିଷ୍କାସନ

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭ (ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି । ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି । ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି । ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି । ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ । ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ । ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି । ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ । ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି । ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ । ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି । ▶ପୃଷ୍ଠା-୭

# କୁଶଭଦ୍ରାକୁ ଖସିପଡ଼ିଲା କାର୍

■ **କୋଣାର୍କ/କନ୍ଦରପୁର, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି । ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିଥିଲେ । ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

**ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ**



ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା । କାର୍‌ଟି ଓଲଟିଯାଇ ପାଣିରେ ଭାସୁଥିବା ଅବସ୍ଥାରେ ଅଗ୍ନିକମାନେ ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ ।

# ପୁଅକୁ ଫାଶୀ ଦେଇ ଝୁଲିପଡ଼ିଲା ବାପା

■ **ପିପିଲି, ୨୬।୭ (ସମିସ):** ସ୍ତ୍ରୀ ଛାଡ଼ି ଚାଲିଯିବାରୁ ମାତ୍ର ୩ବର୍ଷର ପୁଅକୁ ଫାଶୀ ଦେଇ ଫ୍ୟାନ୍‌ରେ ଝୁଲିପଡ଼ିଲା ବାପା । ପାରିବାରିକ କଳହକୁ ନେଇ ପିପିଲି ଥାନା ତେଇଶିପୁର ପଞ୍ଚାୟତର ପୋଟଳ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି । ମୃତକଦ୍ୱୟ ହେଲେ, ଗ୍ରାମର ଦୀପକ ପାଣି (୩୨) ଓ ତାଙ୍କର ୩ବର୍ଷର ପୁଅ ।

ସୂଚନାନୁଯାୟୀ, ୮ବର୍ଷ ତଳେ ଦୀପକ କେନ୍ଦ୍ରାପଡ଼ା ଅଞ୍ଚଳର ପୂଜା ମଲ୍ଲିକଙ୍କୁ ପ୍ରେମବିବାହ କରିଥିଲେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛୋଟମୋଟ କଳିଝଗଡ଼ା ହେଉଥିଲେ ହେଁ ସଂସାର ରଥ ଗଡୁଥିଲା । ୩ବର୍ଷ ତଳେ ଉଭୟଙ୍କର ଏକ ପୁଅ ହୋଇଥିଲା । ତେବେ ଧୀରେଧୀରେ ଦୁହିଁଙ୍କ ସଂପର୍କରେ ଭଟ୍ଟା ପଡ଼ିଥିଲା । କଥା କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା । ଶୁକ୍ରବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ▶ପୃଷ୍ଠା-୭

**ବ୍ରେନଷ୍ଟିନ ରିପୋର୍ଟ**

# ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି । ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବା ବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି । ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି । ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି । ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି ।



**୧ ପ୍ରତିଶତ ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାରର ସମ୍ପତ୍ତି**

**ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି**

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି । ଏହାଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି । ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି । ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି । ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି । ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଙ୍ଗସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି । ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି । ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି । ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି । ଏମାନଙ୍କ ମଧ୍ୟରେ ହାଇ ନେଟୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି ।

ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋର୍ଟଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି । ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି । ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି ।

**ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର**

# ମଉଳିଲା ମେଟ୍ରୋ ସ୍ୱପ୍ନ



**ସମସ୍ତ ଟେଣ୍ଡର ରଦ୍ଦ**

■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି । କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି । ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି । ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ ।

ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର । ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ଅନେକ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ । ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପ୍ରୁଫ୍ ବ୍ଲୁ ପ୍ରିଣ୍ଟ । ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ▶ପୃଷ୍ଠା-୭

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି । ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ । ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି । ଆମେ ସବୁ ସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ । ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା । ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ କରିଛି । ଏହା ସହର ଭିତରେ ଜନଗହଳିକୁ ▶ପୃଷ୍ଠା-୭



**ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା**

ଦେଶ ବିଦେଶ
ସକାଳ THE SAKALA
www.sakalaepaper.com

## ଭୁଲ ରାସ୍ତା ଦେଖାଇଲା ଗୁଗଲ ମ୍ୟାପ୍

### ● ପୋଲ ତଳକୁ ଖସିଲା ଅଡି କାର୍

ମୁମ୍ବଇ, ୨୬ ।୭ (ଏଜେନ୍ସି): ପୁଣିଥରେ ଗୁଗଲ ମ୍ୟାପ ଭୁଲ ରାସ୍ତା ଦେଖାଇବା ଫଳରେ ଏକ ଦୁର୍ଘଟଣା ହୋଇଛି । ନବି ମୁମ୍ବଇର ବେଲପୁରରେ ଗୁଗଲ ମ୍ୟାପ୍ ଭୁଲ ରାସ୍ତ ଦେଖାଇବାରୁ ଏକ ଅଡି କାର ପୋଲ ତଳକୁ ଖସି ପାଣିରେ ପଡ଼ିଛି । ଜଣେ ମହିଳା ତାଙ୍କ ଅଡି କାର ଚଳାଇ ବେଲାପୁରରୁ ଉଲୱେ ଯାଉଥିଲେ । ଗୁଗଲ ଭୁଲ ରାସ୍ତକୁ ଅନୁସରଣ କରିବା ଫଳରେ କାରଟି ବେଲାପୁର ପୋଲ ତଳକୁ ଖସିପଡ଼ିଥିଲା । ଏହି ଘଟଣା ଶୁକ୍ରବାର ରାତି ୧ଟାରେ ଘଟିଥିଲା । ଗୁଗଲ ମ୍ୟାପ ମହିଳାଙ୍କୁ ପୋଲ ତଳର ଏକ ରାସ୍ତାକୁ ସୂଚାଇଥିଲା । ଫଳରେ ମହିଳା ଜଣକ ପୋଲ ଉପରେ ଯିବା ବଦଳରେ ତଳେ ଥିବା ରାସ୍ତାରେ ଯାଇଥିଲେ । ତାଙ୍କ କାର ସିଧା ୫୦ ଫୁଟ୍ ତଳକୁ ଯାଇ ତଳକୁ ଖସିପଡ଼ିଥିଲା । ସମୁଦ୍ର ସୁରକ୍ଷା ପୁଲିସ କାରକୁ ଖାଇରେ ପଡୁଥିବାର ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲା । ଏହାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା । ପୂର୍ବରୁ ମଧ୍ୟ ଗୁଗଲ ମ୍ୟାପ ପାଇଁ ଏକାଧିକ ଦୁର୍ଘଟଣା ଘଟିଛି । ଗତ ଜାନୁଆରୀରେ ଫ୍ରାନ୍ସର ଏକ ଦମ୍ପତି ଗୁଗଲ ମ୍ୟାପ୍ କାରଣରୁ ସର୍ଟକର୍ଟ ରାସ୍ତାରେ ଯାଇ ଏକ ଶୂନଶାନ ରାସ୍ତାରେ ବାଟବଣା ହୋଇଥିଲେ । ଏହି ଦମ୍ପତି ଦିଲ୍ଲୀରୁ ନେପାଳ କାଣ୍ଡମାଣ୍ଡୁ ଯାଉଥିଲେ ଓ ୟୁପିର ବରେଲିରେ ବାଟବଣା ହୋଇଥିଲେ ।

## ମୁଖ୍ୟମନ୍ତ୍ରୀ ଅଫିସ, ଏୟାରପୋର୍ଟ ଉଡ଼ାଇବାକୁ ଧମକ

ଜୟପୁର, ୨୬ ।୭ (ଏଜେନ୍ସି): ରାଜସ୍ଥାନ ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦର ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି । ଏହାପରେ ପୁଲିସ ପ୍ରଶାସନ ଏହି ଧମକକୁ ଗମ୍ଭୀରତାର ସହ ଗ୍ରହଣ କରି ସକ୍ରିୟ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦରରେ ଚେକିଂ ଆରମ୍ଭ କରାଯାଇଥିଲା । କିନ୍ତୁ ଏକ ଘଣ୍ଟାର ଛାନ୍‌ଭିନ୍ ପରେ ପୁଲିସ କୌଣସି ସଂଦୀଗ୍ଧ ବସ୍ତୁ ପାଇ ନଥିଲା । ଶନିବାର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଫିସିଆଲ ଇମେଲ୍ ଆଇଡିକୁ ଏହି ଧମକ ମିଳିଥିଲା । ଗୋଟିଏ କିମ୍ବା ଦୁଇଘଣ୍ଟା ପରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ଉଡାଇ ଦିଆଯିବ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ଏୟାରପୋର୍ଟ ପୁଲିସ, ଫାୟାର ବ୍ରିଗେଡ୍, ବମ୍ ସ୍କ୍ୱାଡ ଓ ସିଭିଲ ଡିଫେନ୍ସ ଚେକିଂ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମଧ୍ୟ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚିଥିଲା । ସେଠାରେ ମଧ୍ୟ କୌଣସି ସଂଦୀଗ୍ଧ ବସ୍ତୁ ମିଳି ନଥିଲା ।

## ୟୁପିରେ ଛାତ୍ରୀଙ୍କୁ ଗୁଳି ମାରିଲା ପ୍ରେମିକ

ମନପୁରୀ, ୨୬ ।୭ (ଏଜେନ୍ସି): ୟୁପିର ମେନପୁରୀରେ ଏକ ଶିବ ମନ୍ଦିରରେ ପୂଜା କରୁଥିବାବେଳେ ବିଏସ୍‌ସି ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ଭାବେ ଭଲ ପାଉଥିବା ଜଣେ ପ୍ରେମିକ ଗୁଳି ମାରିଛନ୍ତି । ଛାତ୍ରୀ ଜଣକ ଯେତେବେଳେ ପୂଜା ଆରମ୍ଭ କରିଥିଲେ ପ୍ରେମିକ ଜଣକ ଗେଟ୍ ବନ୍ଦ କରି ତାଙ୍କୁ ବାଡିଅରେ ଆକ୍ରମଣ କରିଥିଲେ । ଏହାପରେ ସେ ଗୋଟିଏ ପରେ ଗୋଟିଏ ୪ଟି ଗୁଳି ମାରିଥିଲେ । ଦୁଇଟି ଗୁଳି ଛାତ୍ରୀଙ୍କ ହାତରେ ଓ ଆଉ ଦୁଇଟି ଗୁଳି ତାଙ୍କ ପେଟରେ ବାଜିଥିଲା । ଫଳରେ ଛାତ୍ରୀ ଜଣକ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ । ଛାତ୍ରୀଜଣଙ୍କୁ ତାଙ୍କ ମା ଓ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କୁ ସଇଫାଇ ମେଡିକାଲକୁ ରେଫର କରାଯାଇଥିଲା । ଏହି ଘଟଣାର ୩ ଘଣ୍ଟା ପରେ ଏନକାଉଣ୍ଟର କରି ପୁଲିସ ଅଭିଯୁକ୍ତ ପ୍ରେମୀକକୁ ଗିରଫ କରିଥିଲା । କିନ୍ତୁ ଗୁଳି ଖାଇବା ପରେ ପ୍ରେମିକ ଜଣକ ହସୁଥିବାର ଦେଖାଯାଇଥିଲା । ଯୁବକ ଜଣକ ଏକତରଫା ପ୍ରେମ କରୁଥିଲା ଓ ଛାତ୍ରୀଙ୍କୁ ବିବାହ କରିବାକୁ ଚାପ ପକାଉଥିଲା । କିନ୍ତୁ ବିବାହ କରିବାକୁ ଛାତ୍ରୀ ମନା କରିବା ପରେ ସେ ଏହି କାଣ୍ଡ ଘଟାଇଥିଲା ।

## ପାକିସ୍ତାନ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସଲାମାବାଦ୍, ୨୬ ।୭ (ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଘୋଟକ ଜିଲ୍ଲାରେ ଜଣେ ମହିଳା ଟିକ୍‌ଟକ୍ ତାରକାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି । ଏହି ଟିକଟକ କ୍ରିଏଟରଙ୍କ ନାମ ସୁମୀରା ରାଜପୁତ । ଶନିବାର ସେ ନିଜ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବାର ଦେଖାଯାଇଥିଲା । ସୁମୀରାଙ୍କୁ ଜବରଦସ୍ତ ବିବାହ କରିବାକୁ ଚାପ ପକାଯାଉଥିଲା ବୋଲି ତାଙ୍କ ୧୫ ବର୍ଷୀୟ ଝିଅ ଦାବି କରିଛନ୍ତି । ସୁମୀରା ମନା କରିବା ଫଳରେ ତାଙ୍କୁ ବିଷ ଦେଇ ମାରିଦିଆଯାଇଛି ବୋଲି ଅଭିଯୋଗ ହୋଇଛି । ତାଙ୍କୁ ବିଷ ଟାବଲେଟ ଦିଆଯାଇଥିଲା ବୋଲି ଝିଅ କହିଛନ୍ତି । ସୁମୀରା ଜଣେ ଜଣାଶୁଣା ଡିଜଟାଲ କଣ୍ଟେଟ କ୍ରିଏଟର ଥିଲେ । ଟିକ୍‌ଟକ୍‌ରେ ତାଙ୍କର ୫୮, ୦୦୦ ଫଲୋଅର ରହିଥିଲେ ଓ ତାଙ୍କର ୧୦ ଲକ୍ଷରୁ ଅଧିକ ଲାଇକ୍ ଥିଲା । ତାଙ୍କ ଝିଅ ମଧ୍ୟ ଟିକ୍‌ଟକ୍‌ରେ ସକ୍ରିୟ ଥିଲେ । ଝିଅର ମଧ୍ୟ ବହୁ ସଂଖ୍ୟାରେ ଫଲୋଅର ରହିଛନ୍ତି । ଏ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । କିନ୍ତୁ ଏପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ ।

## ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଇଟାଲୀ ଅରାଜି

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ନେଇ ଫ୍ରାନ୍ସ ଘୋଷଣା କରିବାର ଗୋଟିଏ ଦିନ ପରେ ଇଟାଲୀ ଏହାକୁ ବିରୋଧ କରିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଶନିବାର ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଖୋଲା ଖୋଲି ଭାବେ ବିରୋଧ କରିଛନ୍ତି । ୟୁରୋପରେ ଏବେ ପାଲେଷ୍ଟାଇନକୁ ମାନ୍ୟତା ଦେବା ନେଇ ଅଭିଯାନ ଜୋର ଧରିଥିବା ବେଳେ ମିଲୋନୀ ଏହାର ଫଳ ଓଲଟା ହେବ ବୋଲି କହିଛନ୍ତି । ପାଲେଷ୍ଟାଇନ ଦେଶ ସପକ୍ଷରେ ରହିଛି । କିନ୍ତୁ ଦେଶ ଗଠନ ହେବା ପୂର୍ବରୁ ମାନ୍ୟତା ଦେବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କେବଳ କାଗଜରେ ଏଭଳି ମାନ୍ୟତାର କିଛି ମୂଲ୍ୟ ନାହିଁ । ତେଣୁ ପ୍ରଥମେ ବାସ୍ତବରେ ପାଲେଷ୍ଟାଇନ ଦେଶ ଗଠନ ହେବା ଜରୁରି । ନହେଲ ସମସ୍ୟାର ସମାଧାନ ନହୋଇ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବୃଦ୍ଧି ପାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଫ୍ରାନ୍ସ ଭଳି ଜର୍ମାନୀ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ସପକ୍ଷରେ ମନ୍ତବ୍ୟ ଦେଇଛି ।



## ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ: ମୃତ୍ୟୁସଂଖ୍ୟା ୩୩

ବ୍ୟାଙ୍କକ୍/ନୋମ ପେନ୍ହ, ୨୬ ।୭ (ଏଜେନ୍ସି): ଏକ ହଜାର ବର୍ଷ ପୁରାତନ ଶିବ ମନ୍ଦିରକୁ ନେଇ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଛି । ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । କାମ୍ବୋଡିଆ ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ସଂଘର୍ଷରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୮ ନାଗରିକ ଓ ୫ ଜଣ ସୈନିକ ସାମିଲ ରହିଛନ୍ତି । ଏହାକୁ ବାଦ୍ ଦେଲେ ୭୧ ଜଣ ଲୋକ ଆହତ ହୋଇଛନ୍ତି । ସେହିପରି ଥାଇଲାଣ୍ଡର ମଧ୍ୟ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୧୪ ନାଗରିକ ଓ ୬ ଜଣ ସୈନିକ ସାମିଲ ରହିଛନ୍ତି । ଥାଇଲାଣ୍ଡ ଜାଣିଶୁଣି ଆକ୍ରମଣ କରୁଛି ବୋଲି କାମ୍ବୋଡିଆ ଅଭିଯୋଗ କରିଛି । ଥାଇସେନା କାମ୍ବୋଡିଆର ସାର୍ବଭୌମତ୍ୱ ଉପରେ ଆଞ୍ଚ୍ ଆଣୁଛି ବୋଲି କୁହାଯାଉଛି । ଜୁଲାଇ ୨୪ରେ ମାଲେସିଆର ମଧ୍ୟସ୍ଥତାରେ ଅସ୍ତ୍ରବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା ବୋଲି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ ମାନେଟ୍ ଶନିବାର ଦାବି କରିଛନ୍ତି । କିନ୍ତୁ ଏହାର ଏକ ଘଣ୍ଟା ମଧ୍ୟରେ ଥାଇଲାଣ୍ଡ ନିଜର ରୂପ ବଦଳାଇ ଥିଲା ବୋଲି ସେ କହିଛନ୍ତି । ସେହିପରି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ବୈଠକରେ କାମ୍ବୋଡିଆ ସଂଘର୍ଷ ରୋକିବାକୁ ଅପିଲ କରିଥିଲା । ତେବେ ଦୁଇଦେଶକୁ କୁଟନୈତିକସ୍ତରରେ ସମାଧାନ ବାହାର କରିବାକୁ ପରାମର୍ଶ ଦେଇଥିଲେ । ଆହୁରି ଅଧିକ ଆକ୍ରମଣ କରିବାକୁ ଥାଇଲାଣ୍ଡ ପ୍ରସ୍ତୁତି ଚଳାଉଛି ବୋଲି କାମ୍ବୋଡିଆ କହିଛି । ଏହି ସଂଘର୍ଷରେ କାମ୍ବୋଡିଆରେ ୩୫ ହଜାର ଲୋକ ପଳାୟନ କରିବାକୁ ବାଧ ହୋଇଛନ୍ତି । ଓଡାର ମିନଚେରେ ୨୨, ୦୦୦ ଲୋକ ଓ ପ୍ରୀହ ବିହାରରେ ୧୦, ୦୦୦ ଲୋକ ପଳାୟନ କରିଛନ୍ତି ।

## ଟ୍ରମ୍ପଙ୍କ ୟୁରୋପ ଚିନ୍ତା

### ୟୁରୋପକୁ ଗିଳି ଯାଉଛନ୍ତି ପ୍ରବାସୀ

### ଭୟଙ୍କର ଅନୁପ୍ରବେଶକୁ ବନ୍ଦ କର

ଏଡିନବର୍ଗ, ୨୬।୭ (ଏଜେନ୍ସି): ନିଜ ମନ ମୁତାବକ ନୀତି ବଳରେ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପ୍ରବାସୀଙ୍କ ଅନୁପ୍ରବେଶକୁ ନେଇ ୟୁରୋପକୁ ବଡ଼ ଚେତାବନୀ ଦେଇଛନ୍ତି । ପ୍ରବାସୀ ୟୁରୋପକୁ ଗିଳି ଯାଉଛନ୍ତି । ମିଳିତ ଭାବେ ଏହାର ମୁକାବିଲା କରିବା ଜରୁରୀ । ଅନେକ ୟୁରୋପୀୟ ରାଷ୍ଟ୍ର ଏହି ଭୟାନକ ଅନୁପ୍ରବେଶକୁ ରୋକିବା ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି । ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଆମେରିକା ରାଷ୍ଟ୍ରପତି 'ଏୟାର ଫୋର୍ସ ୱାନ'ରୁ ଓହ୍ଲାଇବା ପରେ ଏହି ଟିପ୍ପଣୀ ଦେଇଛନ୍ତି । ସେ ଏହି ଗସ୍ତରେ ପତ୍ନୀ ମେଲାନିଆ ଟ୍ରମ୍ପ ତାଙ୍କ ସହ ଯାଇ ନାହାନ୍ତି । ତେଣୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି ।


ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ମାମଲାରେ ସବୁ ଦେଶ ନିଜ ରଣନୀତି ଉପରେ କାର୍ଯ୍ୟ କରିବା ଉଚିତ । ସତର୍କ ନ ହେଲେ ୟୁରୋପ ଆଉ ତୁମର ହୋଇ ରହିବ ନାହିଁ । ତେଣୁ ଏକାଠି ହୋଇ ଦେଶଗୁଡିକୁ ନିଜ କାମ କରିବାକୁ ହେବ । ୟୁରୋପରେ ଚାଲିଥିବା ଭୟାନକ ଅନୁପ୍ରବେଶକୁ ରୋକିବାକୁ ହେବ । ତେବେ କିଛି ନେତା ଏହି ଅନୁପ୍ରବେଶକୁ ରୋକିବାକୁ ଚାହୁଁ ନାହାନ୍ତି । ସେମାନଙ୍କୁ ଏହାର ଶ୍ରେୟ ମଧ୍ୟ ମିଳୁନାହିଁ । ଏବେ କିଛି ନେତାଙ୍କ ନାମ କହିପାରିବି, କିନ୍ତୁ ଏପରି କରି ଅନ୍ୟମାନଙ୍କୁ ଲଜ୍ଜିତ ହେବାକୁ ଦେବି ନାହିଁ । ୟୁରୋପରୁ ଆମେରିକାକୁ ପ୍ରବାସୀ ଭାବେ ଆସିଥିବା ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପଙ୍କ ବାପା ଫ୍ରେଡ ଏବଂ ମା' ମେରି ଆନେ ମାକଲିଓଡ ୟୁରୋପରୁ ଆମେରିକା ଆସିଥିଲେ ।

ଅନ୍ୟପକ୍ଷରେ ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ନିର୍ଦ୍ଦେଶ 'ଜନ୍ମଗତ ନାଗରିକତା ଅଧିକାର'ଉପରେ କଟକଣା ଲଗାଇ ଦେଇଛନ୍ତି । ଆମେରିକାରେ ବେଆଇନ ଭାବେ ରହିଥିବା ମାତାପିତାଙ୍କଠାରୁ ଜନ୍ମିତ ଶିଶୁକୁ ଆମେରିକା ନାଗରିକତା ମିଳିବ ନାହି ବୋଲି ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ । ଏବେ ତୃତୀୟ ଥର ପାଇଁ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି । ତେବେ ଏହା ଉପରେ ସୁପ୍ରିମକୋର୍ଟ ଶେଷ ନିଷ୍ପତ୍ତି ନେବେ ବୋଲି ଫେଡେରାଲ କୋର୍ଟ କହିଛନ୍ତି । ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ଆମେରିକାରୁ ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ କାରଣ ଦେଖାଇ ବିତାଡ଼ିତ କରିବା ସହିତ ବିଭିନ୍ନ ଦେଶ ସହ ଶୁଳ୍କ ଯୁଦ୍ଧ ଚଳାଇଥିବା ଟ୍ରମ୍ପ ଏବେ ପ୍ରବାସୀଙ୍କ ନାମରେ ୟୁରୋପୀୟ ଦେଶଙ୍କୁ ଉସୁକାଇବାରେ ଲାଗିଛନ୍ତି । ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି ।



### ଡେମୋକ୍ରାଟିକ୍ ଲିଡର ଆପ୍ରୁଭାଲ ରେଟିଂ

## ଶୀର୍ଷରେ ମୋଦୀ, ଅଷ୍ଟମ ସ୍ଥାନରେ ଟ୍ରମ୍ପ



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ହାସଲ କରିଛନ୍ତି । ଶନିବାର ଜାରି ହୋଇଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ'ରେ ମୋଦୀ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ତାଙ୍କୁ ୭୫ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି । ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କୁ ୫୯ ପ୍ରତିଶତ ରେଟିଂ ମିଳିଛି । ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେଷ୍ଠ-୫ରେ ସ୍ଥାନ ମିଳିନାହିଁ । ଟାରିଫ୍ ବିବାଦ କାରଣରୁ ତାଙ୍କୁ ୮ମ ସ୍ଥାନ ମିଳିଛି । ଆମେରିକାର ବ୍ୟବସାୟିକ ଗୋଇନ୍ଦା ଫାର୍ମ ମର୍ଣ୍ଣିଂ କନସଲ୍ଟ ବିଭିର୍ଣ୍ଣ ତଥ୍ୟ ବିଶ୍ଳେଷଣ କରି ଏହି ରେଟିଂ ଜାରି କରିଛି । ବିଶ୍ୱବ୍ୟାପୀ ନେତା, ଖାସ୍ କରି ଗଣତାନ୍ତ୍ରିକ ଦେଶଗୁଡିକର ନେତାମାନଙ୍କ ଲୋକ୍‌ପ୍ରିୟତାର ସର୍ଭେ କରି ରେଟିଂ ଆକଳନ କରାଯାଇଥାଏ । ବିଭିନ୍ନ ଦେଶରେ ପ୍ରତିଦିନ ହଜାର ଲୋକଙ୍କ ସାକ୍ଷାତକାରକୁ ଆଧାର କରି ଏହି ସର୍ଭେ କରାଯାଇଥାଏ ।

## ୧୭ ସାଂସଦଙ୍କୁ ସଂସଦରତ୍ନ ସମ୍ମାନ

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲୋକସଭାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ଦଳର ୧୭ ଜଣ ସାଂସଦଙ୍କୁ ସଂସଦରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ସୁପ୍ରିଆ ସୁଲେ, ରବି କିଷନ, ନିଶିକାନ୍ତ ଦୁବେ, ଅରବିନ୍ଦ ସାମନ୍ତ, ଭର୍ତ୍ତୃହରି ମହତାବ, ଏନ୍‌କେ ପ୍ରେମଚାନ୍ଦ, ଶ୍ରୀରଙ୍ଗ ଆପ୍ପା ବାର୍ଣ୍ଣେଙ୍କୁ ଆଜି ସମ୍ମାନିତ କରାଯାଇଛି । ମହାରାଷ୍ଟ୍ରରୁ ସର୍ବାଧିକ ୭ ଜଣ ସାଂସଦ ଏହି ସମ୍ମାନ ହାସଲ କରିଛନ୍ତି । ସେହିପରି ଉତ୍ତରପ୍ରଦେଶର, ଝାଡଖଣ୍ଡର, ରାଜସ୍ଥାନର ଦୁଇଜଣ ଲେଖାଏ ସାଂସଦ ଏବଂ ଓଡ଼ିଶା, ତାମିଲନାଡୁ ଓ ଆସାମର ଜଣେ ଲେଖାଏ ସାଂସଦଙ୍କୁ ଏହି ସମ୍ମାନ ମିଳିଛି । ଉଲ୍ଲେଖଥାଉ କି, ୨୦୧୦ରେ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ଓ ଇମାଗାଜିନ୍ ପ୍ରିସେନ୍ସ ପ୍ରଥମଥର ପାଇଁ ଏହି ପୁରସ୍କାର ଦେବାର ପରମ୍ପରା ଆରମ୍ଭ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ଏହି ପୁରସ୍କାର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ୨୦୧୦ରେ ଅନୁଷ୍ଠିତ ପ୍ରଥମ ପୁରସ୍କାର ଉତ୍ସବରେ ସେ ଏହି ପୁରସ୍କାରର ଉଦ୍‌ଘାଟନ କରିଥିଲେ । ସଂସଦରେ ପ୍ରଶ୍ନ ପଚାରିବାର ସଂଖ୍ୟା, ବୈଠକ ଓ ଚର୍ଚ୍ଚାରେ ଭାଗୀଦାରି ଭଳି ବିଷୟକୁ ଦୃଷ୍ଟିରେ ରଖି ପୁରସ୍କାର ଦିଆଯାଏ ।

## ବିହାରରେ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ଟଙ୍କା ପେନସନ

ପାଟନା, ୨୬ ।୭ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ ବିହାରରେ ମାନ୍ୟତାପ୍ରାପ୍ତ ସମ୍ବାଦିକଙ୍କୁ ମାସକୁ ୧୫ ହଜାର ଟଙ୍କାର ପେନସନ ମିଳିବ ବୋଲି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି । ପୂର୍ବରୁ ସାମ୍ବାଦିକଙ୍କୁ ୬ ହଜାର ଟଙ୍କା ପେନସନ ଦିଆଯାଉଥିଲା ଓ ଏହାକୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୁଣି ଯଦି କୌଣସି ସାମ୍ବାଦିକଙ୍କ ପରଲୋକ ହୁଏ ତେବେ ତାଙ୍କ ପତ୍ନୀଙ୍କୁ ୩ ହଜାର ବଦଳରେ ୧୦ ହଜାର ଟଙ୍କା ପେନସନ ଦିଆଯିବ ବୋଲି କୁହାଯାଇଛି । ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ଓ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଥାଏ । ତେଣୁ ସମ୍ବାଦିକଙ୍କ ପାଇଁ ପେନସନ ବୃଦ୍ଧି କରାଯିବା ଆବଶ୍ୟକାତା ରହିଛି ବୋଲି ନୀତୀଶ କହିଛନ୍ତି ।

### କପିଲ ଶର୍ମାଙ୍କ କାଫେକୁ ଗୁଳିମାଡ଼ ମାମଲା

## ନିଜକୁ ଦୂରେଇଲା ବବର ଖାଲସା

ଅମୃତଶର, ୨୬ ।୭ (ଏଜେନ୍ସି): କାନାଡାର ସରେ ସହରରେ କମେଡିଆନ କପିଲ ଶର୍ମାଙ୍କ ନୂଆ କାଫେ 'କେପ୍ସ କାଫେ' ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଏବେ ନୂଆ ମୋଡ ନେଇଛି । ଏହି ଘଟଣା ପାଇଁ ଆମେ ଦାୟୀ ନୁହଁ ଓ ଆମର କିଛି ଯାଏ ଆସେ ନାହିଁ ବୋଲି ଖଲିସ୍ତାନୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ତରଫରୁ କୁହାଯାଉଛି । ଏ ନେଇ ବିକେଆଇ ୨ ପୃଷ୍ଠାର ଚିଠି ଜାରି କରିଛି । ଜୋରଜବରଦସ୍ତି ଅର୍ଥ ଆଦାୟ, ଧମକ କିମ୍ବା ହିଂସାର କୌଣସି ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ । ଆମେ କୌଣସି ପ୍ରକାର ଆକ୍ରମଣ କରିନାହୁଁ । ଏଭଳି ଘଟଣାରେ ଆମକୁ ଦାୟୀ କରିବା ଠିକ୍ ନୁହଁ ବୋଲି ବିକେଆଇ ଶନିବାର ସ୍ପଷ୍ଟ କରିଛି । ଉଲ୍ଲେଖଥାଉ କି, ଜୁଲାଇ ୧୦ରେ କପିଲଙ୍କ କାଫେ ଉପରେକୁ ଗୁଳିମାଡ ହୋଇଥିଲା । ଜୁଲାଇ ୭ରେ କପିଲ ଏହାର ଉଦ୍‌ଘାଟନ କରିଥିଲେ । ଏହି ଘଟଣାରେ ଖଲିସ୍ତାନୀ ଆତଙ୍କୀ ହରଜିତ ସିଂହ ଲାଡି ନିଜକୁ ଦାୟୀ କରିଥିଲା



ଶନିବାର ଦିନ ମୁମ୍ବାଇ-ପୁଣେ ଏକ୍ସପ୍ରେସ ହାଇୱେରେ ପ୍ରବଳ ବର୍ଷା ଓ ଦୁର୍ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବ୍ରେକ ଫେଲ୍ ହୋଇଯିବାରୁ ଗୋଟିଏ ଟ୍ରକ ଅତିକମରେ ୧୨ଟି କାର ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା ।

### ଭାରତୀୟ ଇତିହାସରେ ପ୍ରଥମ

## ଯବାନଙ୍କ ପରିବାରକୁ ମିଳିବ ଆଇନଗତ ସୁରକ୍ଷା

ଶ୍ରୀନଗର, ୨୬।୭ (ଏଜେନ୍ସି): କାର୍‌ଗିଲ ବିଜୟ ଦିବସରେ ଯବାନଙ୍କ ନିମନ୍ତେ ଐତିହାସିକ ପଦକ୍ଷେପ ନିଆଯାଇଛି । ଭାରତରେ ପ୍ରଥମ ଥର ପାଇଁ ଯବାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ନୂଆ ଯୋଜନା ଆରମ୍ଭ କରାଯାଇଛି । ଏହାର ନାମ 'ନାଲ୍‌ସା ବୀର ପରିବାର ସହାୟତା ଯୋଜନା-୨୦୨୫' ରଖାଯାଇଛି । ଉପାନ୍ତ ଅଞ୍ଚଳରେ ତଥା ଦୂରଦୂରାନ୍ତ କ୍ଷେତ୍ରରେ ମୁତୟନ ଥିବା ଯବାନଙ୍କୁ ଘରୋଇ ଆଇନର ବୋଝରୁ ମୁକ୍ତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି (ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାକୁ ଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ଶ୍ରୀନଗରରେ ଏହି ଯୋଜନାର ଶୁଭାରମ୍ଭ କହିଛନ୍ତି । ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ବଳିଦାନ ଦ୍ୱାରା ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ସେ ଯବାନଙ୍କ ମଙ୍ଗଳ ପାଇଁ ନ୍ୟାୟପାଳିକା ମାଧ୍ୟମରେ କି ଯୋଗଦାନ ଦିଆଯାଇପାରିବ ତାହା ଖୋଜିବା ଆରମ୍ଭ କରି ଦେଇଥିଲେ । ସୂଚନା ଅନୁଯାୟୀ ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ବ୍ୟକ୍ତିଗତ ମାମଲାର ଲଢ଼େଇରେ ଆଇନଗତ ସୁବିଧା ସୁନିଶ୍ଚିତ କରି ଏକାକୀ ହେବାକୁ ନ ଦେବା ଉଚିତ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଚାହୁଁଥିଲେ । ଏହି ଚିନ୍ତାଧାରା 'ନାଲସା ବୀର ପରିବାର ସହାୟତା ଯୋଜନା'ରେ ପରିଣତ ହୋଇଛି । ନଭେମ୍ବର ୨୪ରେ ଭାରତର ପ୍ରଧାନ ବିଚାରପତି ଭାବେ ଶପଥ ନେବା ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଯୋଜନାର ଶୁଭାରମ୍ଭ କରିବେ । ଏଥିରେ ଦୂର ଦୂରାନ୍ତ କ୍ଷେତ୍ରରେ ମୁତୟନ ଥାଇ ଆଇନଗତ ମାମଲା ପାଇଁ ହାଜର ହୋଇ ପାରୁ ନ ଥିବା ଯବାନଙ୍କୁ ସହାୟତା ପ୍ରଦାନ କରାଯିବ । ପାରିବାରିକ ସମ୍ପତ୍ତି ବିବାଦ, ଘରୋଇ ବିବାଦ ଏବଂ ଜମିଜମା ଆଦି ମାମଲାରେ ଆଇନଗତ ସହାୟତା ଦିଆଯିବ । ଏଭଳି ସ୍ଥିତିରେ ନାଲ୍‌ସା ମାଧ୍ୟମରେ ମାମଲାକୁ ଉଚିତ ଭାବେ କୋର୍ଟରେ ଉପସ୍ଥାପନା କରିବାକୁ ସୁନିଶ୍ଚିତ କରାଯିବ ।

## ଆରବ, ଇସଲାମ ଶିଖିବାକୁ ସୈନିକଙ୍କୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ

ତେଲ ଅଭିଭ୍, ୨୬ ।୭ (ଏଜେନ୍ସି): ଇସ୍ରାଏଲ୍ ଏବେ ତା'ର ସବୁ ସୈନିକ, ଅଧିକାରୀ ଓ ଗୋଇନ୍ଦା ବିଭାଗକୁ ଆରବ ଭାଷା ଓ ଇସ୍‌ଲାମ ଧର୍ମ ବିଷୟରେ ଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି । ଆରବ ଭାଷା ଓ ଇସ୍ଲାମିକ ଷ୍ଟଡିଜର ପ୍ରଶିକ୍ଷଣ ନେବା ବାଧ୍ୟତାମୂଳକ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ କୁହାଯାଇଛି । ଜେରୁସଲମ ପୋଷ୍ଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ଏହି ପଦକ୍ଷେପ ଗ୍ରହଣ କରିଛି । ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ଆକ୍ରମଣ କରିଥିଲା । ସେତେବେଳେ ଇସ୍ରାଏଲ ଗୋଇନ୍ଦା ବିଭାଗର ବିଫଳତା କାରଣରୁ ଏହା ଘଟିଥିଲା ବୋଲି କୁହାଯାଇଥିଲା । ଗୋଇନ୍ଦା ବିଭାଗର ଅଧିକାରୀମାନେ ଆତଙ୍କୀ ଭାଷାକୁ ସ୍ପଷ୍ଟ ଭାବେ ବୁଝିବାରେ ବିଫଳ ହୋଇଥିଲେ । ଇସ୍ରାଏଲ ମଧ୍ୟ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହି ପଦକ୍ଷେପ ନେଇଛି । କେବଳ ସେତିକି ନୁହଁ ଏହି କାର୍ଯ୍ୟକ୍ରମ ଅନୁସାରେ ସୈନିକମାନଙ୍କୁ ହୁତି ଓ ଇରାକର କଥିତ ଭାଷା ଶିକ୍ଷା କରିବାକୁ କୁହାଯିବ । ହୁତି ଭାଷା ବୁଝିବାରେ ଗୋଇନ୍ଦା ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୟେମେନ ଓ ଅନ୍ୟ ଆରବ ଅଞ୍ଚଳରେ ଲୋକ ଗୁଟଖା ଭଳି 'କାତ' (ହାଲକା ନିଶା ଯୁକ୍ତ ପତ୍ର) ଚୋବାଇବାରେ ଅଭ୍ୟାସ ରଖନ୍ତି । ଏହା ଦ୍ୱାରା ସ୍ପଷ୍ଟ ଭାବେ କଥା କୁହାଯାଇପାରି ନଥାଏ । ଆତଙ୍କୀଙ୍କ ଭାଷା ବୁଝିବାକୁ ହେଲେ ଏହି ସବୁ ଶିକ୍ଷା କରିବା ଆବଶ୍ୟକୟ । ତେଣୁ ଏହି ସବୁ ଭାଷା ଶିକ୍ଷା କରିବାକୁ ଇସ୍ରାଏଲ ବାଧ୍ୟତାମୂଳକ କରିଛି ।

## କାର୍ଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲାଦାଖ ଦ୍ରାସ ସେକ୍ଟରରେ ଆଜି କାରଗିଲ ବିଜୟ ଦିବସ ପାଳନ ହୋଇଛି । ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଏହି ଅବସରରେ ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେବାରେ ଭାରତ ସଫଳ ହୋଇଛି । ଆତଙ୍କବାଦ ଓ ଏହାର ସମର୍ଥକଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅପରେସନ ଦ୍ୱାରା ସ୍ପଷ୍ଟ କରାଯାଇଛି । ପହଲଗାମରେ ହୋଇଥିବା ଆତାଙ୍କବାଦୀ ଆକ୍ରମଣକୁ ଅପରେସନ ସିନ୍ଦୂର ଦ୍ୱାରା ଦୃଢ ଜବାବ ଦିଆଯାଇଥିଲା । କାରଗିଲ ବିଜୟ ଦିବସକୁ ୨୬ ବର୍ଷ ପୂର୍ତ୍ତୀପାଳନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନ୍ୟାସନାଲ ମେମୋରିଆଲ ପହଞ୍ଚିଥିଲେ । ତାଙ୍କ ସହ ୩ ସେନା ପ୍ରମୁଖ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ରାଜନାଥ ଶହୀଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଉଲ୍ଲେଖଥାଉ କି, ୧୯୯୯ ମେ ୫ରେ ପାକିସ୍ତାନ ସୈନ୍ୟ ଅନୁପ୍ରବେଶ କରିଥିଲା । ଫଳରେ ଦୁଇ ଦେଶ ମଧ୍ୟରେ କାରଗିଲରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ପାଖାପାଖି ୮୪ ଦିନ ପର୍ଯ୍ୟନ୍ତ ଚାଲିଥିଲା । ତେବେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ସହ ଏହି ଯୁଦ୍ଧ ଶେଷ ହୋଇଥିଲା ।

ପାର୍ବଣ ପାଇଁ ଅପରାଧୀ ସଜବାଜ

# କଟକରୁ ମୁଙ୍ଗେର୍ ବନ୍ଧୁକ କାରବାର ରାକେଟ୍ ଠାବ

- କୁଖ୍ୟାତ କାଦୁଅ ସମେତ ୬ ଦୁର୍ଦ୍ଦାନ୍ତ ଗିରଫ
- ୫ବନ୍ଧୁକ, ୧୩ ଗୁଳି, ସ୍କୁଟି, ମୋବାଇଲ ଜବତ
- ପୂରା ରାଜ୍ୟକୁ ଲମ୍ବିଛି ଚେର



କଟକ,୨୫।୭(ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ ବନ୍ଧୁକ ବ୍ୟବସାୟ। ବିହାରର ମୁଙ୍ଗେର୍‌ରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହ ଗୁଳି ଆଣି ବିକ୍ରି ହେଉଥିଲା। ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଉଛି, ଯୋବ୍ରା ମାଟିଆମଙ୍ଗଳା ସାହିର ଦେବଦତ୍ତ ସିଂହ ବେହେରା ଓରଫ୍ କାଦୁଅ (୨୬)। ତା' ନିକଟରୁ ବନ୍ଧୁକ କିଣିଥିବା ୫ ଅଭିଯୁକ୍ତ ଯୋବ୍ରା ମହଲ୍ଲା ସାହିର ରାଜା ଓରଫ୍ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ୍ ବିଜୟ ରାଓ(୩୬), ନୂଆସାହିର ଜ୍ୟୋତି ରଞ୍ଜନ ନାୟକ ଓରଫ୍ ହାପି(୨୩), ବୈଦ୍ୟନାଥ ବେହେରା ଓରଫ ବିଦୁ (୨୨) ଓ ତଳସାହିର ତପନ ସେଠୀ ଓରଫ ତପୁ(୨୦)କୁ ମଧ୍ୟ ପୁଲିସ୍ ଗିରଫ କରିଛି। ଏମାନଙ୍କ ପାଖରୁ ପୁଲିସ୍ ୫ଟି ୭.୬୫ ଏମ୍‌ଏମ୍ ପିସ୍ତଲ, ୧୩ ରାଉଣ୍ଡ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହ ଆଜି ଏହି ସୂଚନା ଦେଇଛନ୍ତି।

ପୁଲିସ ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। କିଛି ଦୁର୍ବୃତ୍ତ ବଡ଼ଧରଣର ଅପରାଧିକ କାଣ୍ଡ ଭିଆଇବା ଉଦ୍ଦେଶ୍ୟରେ ଏକାଠି ହେଉଥିବା ଜଣାପଡ଼ିଥିଲା। ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେସାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆମଙ୍ଗଳା ଛକରେ ଚଢ଼ଉ କରିଥିଲା। ଏହି ସମୟରେ ସ୍କୁଟି ଧରି ଛିଡ଼ା ହୋଇଥିବା କାଦୁଅ ଖସି ପଳାଇବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ୍ ତାକୁ କାବୁ କରିନେଇଥିଲା। ତଲାସି ବେଳେ ତା' ପାଖରୁ ୭.୬୫ ଏମ୍‌ଏମ୍‌ର ଗୋଟିଏ ପିସ୍ତଲ ସହ ୫ରାଉଣ୍ଡ ଗୁଳି ମିଳିଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ପୁଲିସ୍‌କୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଥିଲା।

ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେର୍‌ରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଯୋଗାଉଥିଲା। ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତା'ର ଗ୍ରାହକ ଥିଲେ। କିଛି ଦିନ ତଳେ କାଦୁଅ ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା। ସେଥିରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟ ରାଓ ସମେତ ୫ଜଣଙ୍କୁ ବିକିଥିଲା। ଆଉ ଗୋଟିଏ ବନ୍ଧୁକ ଅନ୍ୟଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା। ତା' ସୂଚନା ଆଧାରରେ ପୁଲିସ୍ ରାତିତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢ଼ଉ କରି ବିଜୟ ଓ ତା'ର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଗୁଳି ଜବତ କରିଥିଲା। ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେ ବି ଗୋଟିଏ ପୁଲିସ ଜବତ କରିପାରିନାହିଁ।



ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଙ୍ଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି। କିଛି ଦିନ ହେବ, ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ ଗଢ଼ିଥିଲା। ଆଗକୁ ପାର୍ବଣ ସମୟରେ ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି। ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ପୁଲିସ୍ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଏହି ସୂଚନା ଦେଇଥିଲେ।

## ସବୁରି ମୂଳରେ ବିହାରୀ ଦାଦା

ଭୁବନେଶ୍ୱର, ୨୬।୭ (ସମିସ): କଟକରୁ ଠାବ ବନ୍ଧୁକ କାରବାର ରାକେଟ୍ ପଛରେ ଜଣେ ବିହାରୀ ଦାଦାଙ୍କ ହାତ ରହିଛି। ସେ ମୁଙ୍ଗେର୍‌ରେ ବସି ପୂରା ରାକେଟ୍ ଚଳାଉଛି। ଆଜି ଗିରଫ ଦେବଦତ୍ତ ସିଂହ ବେହେରା ଓରଫ୍ କାଦୁଅକୁ ପୁଲିସ୍ ପଚରାପଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଏହି ବିହାରୀ ଦାଦା ୭ଟି ରାଜ୍ୟକୁ ବନ୍ଧୁକ ଚାଲାଣ କରୁଛି। ଓଡ଼ିଶା ପାଇଁ ସେ ୩ଜଣଙ୍କୁ ଦାୟିତ୍ୱ ଦେଇଥିଲା।

### କାଦୁଅକୁ ରିମାଣ୍ଡରେ ନେବ ଏସ୍‌ଟିଏଫ୍

ଗ୍ୟାଙ୍ଗଷ୍ଟର୍ ଅସଲାମ, ଦିଲ୍ଲୀପ ଏବଂ କାଦୁଅ ତା'ର ଏହି ବେଆଇନ କାରବାର ବୁଝୁଥିଲେ। ହେଲେ, ଅସଲାମ ଓ ଦିଲ୍ଲୀପ ଗିରଫ ହେବା ପରେ କାଦୁଅ ଏକା ଏହି କାରବାର କାନ୍ଧେଇଥିଲା। ତେଣୁ, ତା'ଠାରୁ ଅଧିକ ତଥ୍ୟ ଓଗାଳିବାକୁ ଏସ୍‌ଟିଏଫ୍ ତାକୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ବିଶେଷକରି କିଏ ସେ ବିହାରୀ ଦାଦା ଏବଂ ପୂରା ନେଟ୍‌ୱାର୍କ ସେ କେମିତି ଚଳାଉଛି, ତାହା ଜାଣିବା ପାଇଁ ଏସ୍‌ଟିଏଫ୍ ଦେବଦତ୍ତକୁ ଜେରା କରିବ ବୋଲି କୁହାଯାଉଛି।

ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣ ବୃଦ୍ଧି ନେଇ ପ୍ରଶ୍ନ କଲେ ମାନସ

# ଦେଶର କୃଷି ପରିବାର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ଅଧା

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ କୃଷକଙ୍କ ଆୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ କୃଷକଙ୍କ ଆୟ ଦ୍ୱିଗୁଣିତ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି କି ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନ କରିଥିବା ବେଳେ କେନ୍ଦ୍ର ସରକାର ଏନେଇ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଓଡ଼ିଶାର କୃଷକଙ୍କ ଆୟ ବାବଦରେ ସୂଚନା ଦେବା ପରିବର୍ତ୍ତେ ଦେଶର କୃଷି ପରିବାରର ଆୟ ବୃଦ୍ଧି ନେଇ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର ଉତ୍ତର ରଖିଛନ୍ତି।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ରାଷ୍ଟ୍ରୀୟନମୂନା ସର୍ଭେକ୍ଷଣ କାର୍ଯ୍ୟାଳୟ(ଏନଏସଏସଓ)ର ଗତ ୨୦୧୯ ମସିହା ଜାନୁଆରୀରୁ ଡିସେମ୍ବର ମାସ ଯାଏଁ ଏକ ସର୍ଭେ କରିଥିଲା। ଏହି ସର୍ଭେରେ କୃଷି ପରିବାରଙ୍କ ସ୍ଥିତି ଆକଳନ କରାଯାଇଥିଲା। ଏହି ସର୍ଭେକ୍ଷଣ ଅନୁଯାୟୀ ୨୦୧୨-୧୩ରେ ଦେଶରେ ପ୍ରତି କୃଷି ପରିବାରର ମାସିକ ଆୟ ୬୪୨୬ ଟଙ୍କାରୁ ବଢ଼ି ୨୦୧୮-୧୯ରେ ୧୦୨୧୮ ଟଙ୍କାରେ ପହଞ୍ଚିଛି। ସମାନ ଅବଧି ସମୟରେ ଓଡ଼ିଶାର ପ୍ରତି କୃଷକଙ୍କ ପରିବାର ଆୟ ବୃଦ୍ଧି ପାଇ ୫୧୧୨ ଟଙ୍କା ରହିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୨-୧୩ରେ ଓଡ଼ିଶାର ପ୍ରତି କୃଷି ପରିବାରର ମାସିକ ଆୟ କେତେ ଥିଲା ସେନେଇ ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିନାହାନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୮-୧୯ ମସିହାରେ ଦେଶରେ କୃଷି ପରିବାରର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ୫୦୧୬ ଟଙ୍କା କମ୍ ଥିବା ଜଣାପଡ଼ିଛି। ସମାନ ଭାବେ ଶ୍ରୀ ମଙ୍ଗରାଜ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନିଆଯାଇଚି ପ୍ରଶ୍ନ କରିଥିଲେ ହେଁ କେନ୍ଦ୍ର ସରକାର ଏନେଇ କୌଣସି ସ୍ୱଷ୍ଟ ଉତ୍ତର ରଖିନାହାନ୍ତି। ବରଂ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ଫସଲ ଓ ପଶୁଧନ ଉତ୍ପାଦକତା ବୃଦ୍ଧି, ଫସଲ ସଘନତା ବୃଦ୍ଧି, ଉଚ୍ଚ ମୂଲ୍ୟ ଯୁକ୍ତ କୃଷିରେ ବିବିଧକରଣ, କୃଷକଙ୍କ ଉତ୍ପାଦିତ ସଶ୍ୟର ଲାଭକାରୀ ମୂଲ୍ୟ ପ୍ରଦାନ ପରି ପଦକ୍ଷେପ କେନ୍ଦ୍ର ସରକାର ନେଇଥିବା ମନ୍ତ୍ରୀ ଶ୍ରୀ ଠାକୁର ଉତ୍ତର ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଡିଜିଟାଲ କୃଷିକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। କୃଷକ ଓଡ଼ିଶା, ଏଗ୍ରିଷ୍ଟେକ ମିଶନ, ଗୋ-ସୁଗମ, ସଫଳ, ଏଡିଏପିଟି, କୃଷି ସମୀକ୍ଷା କେନ୍ଦ୍ର ପରି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଉପରୋକ୍ତ ନୀତି ଗୁଡ଼ିକ ପ୍ରାୟତଃ ପୂର୍ବ ବିଜେଡି ସରକାର ସମୟରେ ଲାଗୁ ହୋଇଥିଲା।

# ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମୁହାଁମୁହିଁ; ୩ ମୃତ

ଗଣିଆ/ଦଶପଲ୍ଲା,୨୬।୭(ସମିସ): ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହିଁମୁହିଁ ଧକ୍କା ହେବାରୁ ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଟାକରା ନିକଟରେ ଆଜି ସଂଧ୍ୟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସେହିପରି, ଏହି ଅଘଟଣରେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଟ୍ରକ୍ ଚାଳକ ଦୀପକ ଚୌହ୍ୱାନ, ଆପଲା ନାଇଡୁ। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ। ଦଶପଲ୍ଲା ପୁଲିସ ଘଟଣାସ୍ଥଳରୁ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ ରାୟଗଡ଼ାରୁ ଗୋଟିଏ ମାଲବୋଝେଇ ଟ୍ରକ୍ ଆସୁଥିବା ବେଳେ ଅନ୍ୟ ଟ୍ରକ୍‌ଟି ବିପରୀତ ଦିଗରେ ଆନ୍ଧ୍ରପ୍ରଦେଶରୁ ଆସିଥିଲା। ଦଶପଲ୍ଲା ଟାକରା ନିକଟରେ ଏକ ବାଇକ୍ ଟ୍ରକ୍ ଆଗରେ ଅତି ବେପରୁଆ ଭାବେ ଅତିକ୍ରମ କରିବାରୁ ଗୋଟିଏ ଟ୍ରକ୍ ଆରପଟେ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଏଥିରେ ଟ୍ରକ୍ ଚାଳକ ଦୀପକ ଚୌହ୍ୱାନ ଓ ଅନ୍ୟ ଏକ ଟ୍ରକ୍‌ରେ ଥିବା ଆପଲା ଓ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟ୍ରକ୍‌ଦ୍ୱୟରେ ଥିବା ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇବା ସହ ଯାତାୟାତରେ ବାଧକ ସୃଷ୍ଟି ହୋଇଥିଲା।



- ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ

# ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ

ବାଲେଶ୍ୱର,୨୬।୭(ସମିସ): ବାଲେଶ୍ୱରରୁ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଏସଂପର୍କରେ ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି। ସେ ହେଲା, ନୀଳଗିରି ଥାନା ଅନ୍ତର୍ଗତ ମର୍ଦ୍ଦରାଜପୁର ଅଞ୍ଚଳର ହରିହର ପାତ୍ର ଓରଫ୍ ଶଙ୍କର। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ପରିସରରେ ଶଙ୍କର ଜଣେ ଶ୍ରମିକ ଭାବେ କାର୍ଯ୍ୟରତ। ପ୍ରଫେସର୍‌ଙ୍କ ପତ୍ନୀ ଉପରେ ତା'ର ଖରାପ ନଜର ରହିଥିଲା। ବିଶ୍ୱବିଦ୍ୟାଳୟ ପରିସରରେ କାମ କରିବା ବେଳେ ସେ ମହିଳା ଓ ତାଙ୍କ ପରିବାର ଉପରେ ନଜର ରଖିଥିଲା। ଆଜି ସଂଧ୍ୟାରେ ପ୍ରଫେସର୍‌ଙ୍କ ଘରେ ତାଙ୍କ ପତ୍ନୀ ଏକୁଟିଆ ଥିବା ସୁଯୋଗ ନେଇ ଶଙ୍କର ତାଙ୍କ ଘରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲା। କିନ୍ତୁ ମହିଳାଜଣଙ୍କ ତାକୁ ବାଧା ଦେବା ସହ ଚିତ୍କାର କରିବାରୁ ସେ ସେଠାରୁ ପଳାଇଥିଲା। ପରେ ମହିଳାଜଣଙ୍କ ନିଜ ସ୍ୱାମୀଙ୍କୁ ସବୁ ଘଟଣା ଜଣାଇବା ପରେ ଏନେଇ ରେମୁଣା ଥାନାରେ ଏତଲା ହୋଇଥିଲା।

ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଭଳି ଘଟଣା ବଢ଼ି ଚାଲିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରି ଏକ ନାମକରା ଶିକ୍ଷାନୁଷ୍ଠାନ ପରିସରରେ ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

# ଦେବଝରଣରେ ବୁଡ଼ି ଭିମ୍‌ସାର ଛାତ୍ରଛାତ୍ରୀ ମୃତ

ସମ୍ବଲପୁର, ୨୬।୭ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଦେବଝରଣଠାରେ ଆଜି ଏକ ଅଘଟଣ ଘଟିଛି। ବୁର୍ଲା ଭିମସାରର ୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଦେବଝରଣ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ଦୁଇଜଣ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଡାକ୍ତରୀ ଶେଷବର୍ଷ ଛାତ୍ରଛାତ୍ରୀ ସନ୍ଦୀପ ପୁରୀ (୨୪) ଓ ମୋନିକା ମୀନା (୨୪)। ଛାତ୍ରଛାତ୍ରୀଦ୍ୱୟଙ୍କ ଘର ରାଜସ୍ଥାନ ଓ ଦିଲ୍ଲୀରେ ବୋଲି ସୂଚନା ମିଳିଛି। ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତର ଜଳସ୍ରୋତ ଅଧିକ ଥିଲା। ସେମାନେ ବାହାରି ନପାରି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଭିମସାରର ଅଧୀକ୍ଷକ ଡା. ଲାଲମୋହନ ନାୟକ ଓ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କ ସହ ଏକ ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଛନ୍ତି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ତଥା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।

ପ୍ରତିବର୍ଷ ବୁର୍ଲାର ଭିମସାର, ଭିସୁଟ୍ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଜଣେ ଦୁଇଜଣ ଲେଖାଏଁ ଛାତ୍ରଛାତ୍ରୀ ଅଘଟଣରେ ପ୍ରାଣ ହରାଉଛନ୍ତି। ଏପରିକି, ଜଳାଶୟ ପାଖକୁ ନଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ହେଁ ହଷ୍ଟେଲର ଛାତ୍ରଛାତ୍ରୀମାନେ ବାହାରକୁ ଯିବା ଏବଂ ପ୍ରାଣ ହରାଇବା ପାଇଁ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

ଭୁବନେଶ୍ୱର,୨୬।୭(ସମିସ): ଅଟଳ ଯୁବଶକ୍ତି ପକ୍ଷରୁ ଶନିବାର ସ୍ଥାନୀୟ ଜୟଦେବ ଭବନଠାରେ ପ୍ରଖ୍ୟାତ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ବିଜେତା ପ୍ରତିଭା ରାୟଙ୍କୁ 'ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ' ସମ୍ମାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଜଣେ ରାଜନେତା ନୁହେଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅଟଳଜୀଙ୍କ ଓଡ଼ିଶା ପ୍ରତି ପ୍ରଗାଢ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ- ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢ଼ିଙ୍କୁ ଅନୁପ୍ରେରଣା ଦେବ। ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ଜେଲ୍ ଗଲେ କୁବେର ଡେପୁଟୀ ରେଞ୍ଜର୍

ଜୟପୁର/ଭୁବନେଶ୍ୱର,୨୬।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ନେପାକ ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତିର ମାଲିକ ବୋଲି ଭିଜିଲାନ୍ସ କହିଛି।

ସୂଚନାନୁଯାୟୀ, ଶୁକ୍ରବାର ଡେପୁଟି ରେଞ୍ଜର୍ ଶ୍ରୀ ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଜୟପୁର ଏନ୍‌କେଟି ରୋଡ୍‌ରେ ଥିବା ୪୦୦୦ ବର୍ଗଫୁଟର ୩ ମହଲା କୋଠା ଓ ଜୟପୁର ଗୋଲଡେନ୍ ହାଇଟ୍ସ ଆପାର୍ଟମେଣ୍ଟରେ ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ

- ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତି

ଜକକା ହୋଇଯାଇଥିଲେ। ଆପାର୍ଟମେଣ୍ଟର ୫୧୦ ନଂ ରୁମରୁ ଭିଜିଲାନ୍ସକୁ ଏକ ଗୁପ୍ତ ଟ୍ରେଜେରୀ ମିଳିଥିଲା। ସେଥିରେ ୧.୪୩ କୋଟି ନଗଦ ଟଙ୍କା ରହିଥିଲା। ପୁଳାପୁଳା ଟଙ୍କାବିଡ଼ା ସହିତ ୪ଟି ସୁନା ବିସ୍କୁଟ, ୧୦ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍, ସୁନା ହାର, ଚୁଡ଼ି, ମାଳି, ମଙ୍ଗଳସୂତ୍ର ଭଳି ବହୁ ଦାମୀ ଅଳଙ୍କାର ସାମଗ୍ରୀ ମିଳିଥିଲା। ଏହାବ୍ୟତୀତ ଜୟପୁର ସହରାଞ୍ଚଳରେ ୨ଟି ମୂଲ୍ୟବାନ ଜମି, ଭୁବନେଶ୍ୱର ପଟିଆ ରଘୁନାଥପୁରରେ ୧୮୦୦ ବର୍ଗଫୁଟର ୩ ବିଏଚ୍‌କେ ଫ୍ଲାଟ୍ ତାଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।



ବର୍ଷିଲେ ଅରୁଣ

# ମୌସୁମୀ ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନି

ଭୁବନେଶ୍ୱର,୨୬।୭(ସମିସ): ବିଧାନସଭା ମୌସୁମୀ ଅଧିବେଶନ ଡାକିବାରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଆଜି ପ୍ରବଳ ବର୍ଷିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ.ଅରୁଣ କୁମାର ସାହୁ। ଗତ କିଛି ମାସ ଭିତରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ବଳଙ୍ଗା ଘଟଣା ଯାଏ; ରାଜ୍ୟ ସରକାର ଜାତୀୟସ୍ତରରେ ନିନ୍ଦିତ ହୋଇଛନ୍ତି। ପ୍ରତିଦିନ ମହିଳାଙ୍କ ବିରୋଧରେ ଅତ୍ୟାଚାର, ଏବଂ ଦୁଷ୍କର୍ମ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ଲଜ୍ଜିତ କରିଛି। ସାରା ବିଶ୍ୱରେ ଓଡ଼ିଆ ଅସ୍ମିତା ବର୍ତ୍ତମାନ କ୍ଷତବିକ୍ଷତ ହୋଇଛି। ସେଥିପାଇଁ ବିଧାନସଭା ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନାହିଁ। ବିଧାନସଭା ଡକାଯାଉ। ସରକାରଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଓ ବ୍ୟବସ୍ଥା ସବୁ କିଛି ବିଧାନସଭାରେ ଆଲୋଚନା କରାଯିବ। ଏଥିପାଇଁ ବିଜେଡି ପୂରା ପ୍ରସ୍ତୁତ ବୋଲି ଡ. ସାହୁ କହିଛନ୍ତି।

ଗଣମାଧ୍ୟମକୁ ଡ. ସାହୁ କହିଛନ୍ତି ଯେ ବିଜେପି ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯେଉଁ ଚ୍ୟାଲେଞ୍ଜ ଦେଉଛନ୍ତି, ସେନେଇ ମୁଁ ତାଙ୍କୁ କିଛି କହିବାକୁ ଚାହୁଁଛି। ସେମାନେ ପ୍ରଥମେ ବିଧାନସଭା ଅଧିବେଶନ ଡାକନ୍ତୁ। ସେଠାରେ

**ଅଧିବେଶନରେ ସରକାରଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଓ ବ୍ୟବସ୍ଥା ବିଷୟରେ ଆଲୋଚନା ପାଇଁ ବିଜେଡି ପ୍ରସ୍ତୁତ**

ଆମେ ଦେଖାଦେଖି ହେବା। ମୌସୁମୀ ଅଧିବେଶନ ଅଗଷ୍ଟ ପ୍ରଥମ ସପ୍ତାହରେ ବସିଥାଏ। ମାତ୍ର ଚଳିତଥର ରାଜ୍ୟ ସରକାର ଏଯାବତ୍ ଅଧିବେଶନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ସେମାନେ ସେପ୍ଟେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହି ଅଧିବେଶନ ଡାକିବାକୁ ଯୋଜନା କରୁଥିବାର ଖବର ମିଳୁଛି। ଏହାର କାରଣ ସମ୍ପର୍କରେ ମୁଁ ଅନୁଧ୍ୟାନ କରିବା ପରେ ଏକାଧିକ କାରଣ ଖୋଜି ପାଇଛି। ଗୋପାଳପୁରରେ ଛାତ୍ରୀ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି, ବଳଙ୍ଗା ଘଟଣା ସହ ରାଜ୍ୟବ୍ୟାପୀ ଦୈନିକ ମହିଳା ବିରୋଧୀ ଅତ୍ୟାଚାର ଏବଂ ଦୁଷ୍କର୍ମ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ଲଜ୍ଜିତ କରିଛି। ସାରା ବିଶ୍ୱରେ ଓଡ଼ିଆ ଅସ୍ମିତା ବର୍ତ୍ତମାନ କ୍ଷତବିକ୍ଷତ ହୋଇଛି। ସେଥିପାଇଁ ବିଧାନସଭା ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନାହିଁ। ଏମାନଙ୍କର ସମ୍ବିଧାନ ପ୍ରତି ସମ୍ମାନ ନାହିଁ କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ମାନ ଦେଖାଇବାକୁ ଏମାନେ ଇଚ୍ଛୁକ ନୁହନ୍ତି। ଏମାନଙ୍କର ବର୍ଷେ ଏକ ବିଫଳତା ଅନେକ। ସେହି ଡରରେ ଏମାନେ ବିଧାନସଭା ଡାକୁନାହାନ୍ତି ବୋଲି ଡ. ସାହୁ କହିଛନ୍ତି।

# ରାଜ୍ୟରେ କମୁନି ଡାଇରିଆ ଆତଙ୍କ

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଡାଇରିଆ ଆତଙ୍କ ଥମିବାର ନାଁ ଧରୁନି। ଗୋଟିଏ ଜିଲ୍ଲାରେ ସ୍ଥିତି ସୁଧୁରିବାବେଳକୁ ଆଉ ଗୋଟେ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଝାଡ଼ାବାନ୍ତି ବ୍ୟାପିବାର ଉତ୍ସକୁ ବି ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିପାରୁନି। ପ୍ରଥମେ ଯାଜପୁରରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଖାଦ୍ୟରେ ବିଷକ୍ରିୟା ନା ଡାଇରିଆ ବ୍ୟାପିଛି, ତାକୁ ଚହ୍ନଟ କରିବା କାଠିକାର ପାଠ ହୋଇଗଲାଣି। ଜଳ ଉତ୍ସ ସଫା ରଖିବା ସହ ନିୟମିତ ବ୍ୟବଧାନରେ ସଚେତନତା ଜାରି ରହିଛି। ଏହା ସତ୍ତ୍ୱେ ବି ଡାଇରିଆ ନିୟନ୍ତ୍ରଣକୁ ଆସୁନି। ବର୍ଷା ଋତୁ ଆରମ୍ଭରୁ ବ୍ୟାପିଥିବା ଏହି ସଂକ୍ରମଣ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ଶତାଧିକ ଲୋକେ ସଂକ୍ରମଣ ହେବା ସହ ପ୍ରାଣହାନୀ ବି ଘଟୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ସହ ସଂକ୍ରମଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି। ଏପଟେ ଗଜପତି ଜିଲ୍ଲାର ମୋହନାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠନ ହୋଇଥିବା ଟିମ୍‌ର ଜଣେ ସଦସ୍ୟ ଅଛନ୍ତି। ଘଟଣାସ୍ଥଳରେ କ'ଣ ପରିସ୍ଥିତି ରହିଛି, ସାଧାରଣ ଭାବେ ରୋଗର ଉତ୍ସ କ'ଣ ରହିଛି,

- ସଂକ୍ରମଣ ଉତ୍ସ ପାଉନି ସ୍ୱାସ୍ଥ୍ୟ ବିଭାଗ
- ଚିନ୍ତା ବଢ଼ାଉଛି ଗଞ୍ଜାମ, ନୂଆପଡ଼ା

ସେନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନୁରୂପ ଅବସ୍ଥା ନୂଆପଡ଼ା ଜିଲ୍ଲାରେ ସଂକ୍ରମଣ ବ୍ୟାପିଥିବାବେଳେ ବଲାଙ୍ଗିର ମେଡିକାଲ କଲେଜର ଜଣେ ପ୍ରଫେସର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନୂଆପଡ଼ା ଯାଇଛନ୍ତି। ଏଠାରେ ଆକ୍ରାନ୍ତ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ସଂକ୍ରମଣ ବ୍ୟାପିବାର କାରଣ ଖୋଜା ଚାଲିଛି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଶ୍ରମ ସ୍କୁଲରେ ବି ସମାନ ସ୍ଥିତି ଦେଖାଦେଇଛି। ମୟୂରଭଞ୍ଜ ସିଡିଏମ୍‌ଓଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ତେଣୁ ଏବେ ବ୍ୟାପୁଥିବା ଡାଇରିଆର ଉତ୍ସକୁ ଖୋଜିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ବିଭାଗୱାରୀ ବୈଠକ କରୁଛୁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ମିଶି ଜଳ ଉତ୍ସ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଦିଦି, ଆଶାକର୍ମୀ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହାସତ୍ତ୍ୱେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ଦୃଢ଼ତାର ସହ ତା'ର ନିରୀକ୍ଷଣ କରାଯାଉଛି। ସଂକ୍ରମଣ ବ୍ୟାପୁଥିବା ସ୍ଥାନଗୁଡ଼ିକରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାସ୍ତବରେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ତା' ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।





# ସିଟି କଟକ

## ପାଣ୍ଡା କବ୍‌ସ ପ୍ଲେ' ସ୍କୁଲରେ କାରଗିଲ୍ ବିଜୟ ଦିବସ



**କଟକ,୨୬।୭(ସମିସ):** ସିଡିଏସ୍ଥିତ ପାଣ୍ଡାକବସ୍ ପ୍ଲେ' ସ୍କୁଲରେ କାରଗିଲ୍ ଦିବସ ପାଳିତ ହୋଇଯାଇଛି। ଛୋଟ ପିଲାଙ୍କ ମଧ୍ୟରେ ଦେଶପ୍ରୀତିର ଉତ୍ସାହ ଦେଖିବାକୁ ମିଳିଥିଲା। ଅଭିଭାବକମାନେ ପିଲାଙ୍କୁ ଦେଶଭକ୍ତିର ପ୍ରତୀକ ସୈନିକ ପୋଷାକ ପିନ୍ଧାଇ ସ୍କୁଲକୁ ପଠାଇଥିଲେ। ବିଦ୍ୟାର୍ଥୀମାନେ ମହମବତି ଜଳାଇ ସହିଦ ହୋଇଥିବା ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଏମ୍‌ଡିଏ ପକ୍ଷରୁ ଦୁଇ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି




**କଟକ, ୨୬।୭(ସମିସ):** ମହାନଦୀ ଡେଭଲପମେଣ୍ଟ ଆସୋସିଏସନ୍ ଗୋଷ୍ଠୀକେନ୍ଦ୍ର ପ୍ରାଙ୍ଗଣରେ "ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ (ଏମଡିଏ), ପେନସନର୍ସ ଆସୋସିଏସନ, ବରିଷ୍ଠ ନାଗରିକ ମଞ୍ଚ, ଜଗନ୍ନାଥ ସଂସ୍କୃତିକ ପରିଷଦ ଓ ମହିଳା ସମିତି ଆନୁକୂଲ୍ୟରେ ଏମଡିଏର ସଭାପତି ସଞ୍ଜୟ ଜେନାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏମଡିଏର ଦୁଇ ଦିବଂଗତ ସଦସ୍ୟ ସ୍ୱର୍ଗତ ରମେଶଚନ୍ଦ୍ର ରାୟ ଓ ସ୍ୱର୍ଗତ ରବିନ୍ଦ୍ରନାଥ ମହାପାତ୍ରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ଥାନୀୟ କର୍ପୋରେଟର ସୁବ୍ରତ ଘଡାଇ, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ର ତ୍ରିପାଠୀ, ପ୍ରହଲ୍ଲାଦ ମହାନ୍ତି, ହିମାଂଶୁ ଷଡ଼ଙ୍ଗୀ, ପ୍ରମୋଦ କୁମାର ଦାସ, ଚତୁର୍ଭୁଜ ମହାପାତ୍ର, ସରୋଜ ପ୍ରସାଦ ସ୍ୱାଇଁ, ବରଦା ନାୟକ, ମାନବେଶ ରାୟ, ପ୍ରଭାକର ରଣା, ପ୍ରଦୀପ୍ତ ମହାନ୍ତି, ଜ୍ଞାନରଞ୍ଜନ ଦାସ, ରମଣୀ ରଂଜନ ଦାସ, ପଣ୍ଡିତ ମଣି ମହାପାତ୍ର, ବିଷ୍ଣୁ କର, ମହେନ୍ଦ୍ର ପଣ୍ଡା, ପ୍ରହଲ୍ଲାଦ ବିଶ୍ୱାଳ, ସୁଶାନ୍ତ ଘୋଷ, ନିକୁଞ୍ଜ ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଓ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧବାର୍ଷିକୀ

## ବାର୍ ଓ ବେଞ୍ଚ୍ ପରସ୍ପର ବିଶ୍ୱାସଭାଜନ ହେଲେ ଉଚିତ ନ୍ୟାୟ ପ୍ରଦାନ ସମ୍ଭବ

**କଟକ,୨୬।୭(ସମିସ):**




ଓଡ଼ିଶା ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟଙ୍କ ଶ୍ରାଦ୍ଧବାର୍ଷିକୀ ଆଜି ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ହାଇକୋର୍ଟ ବାର ସମ୍ମିଳନୀ କକ୍ଷରେ ବାର ଆସୋସିଏସନର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ହାଇକୋର୍ଟ ପରିସରରେ ଥିବା ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ଯୋଗଦେଇ ଜଷ୍ଟିସ ଟଣ୍ଡନ ହାଇକୋର୍ଟର ଗୌରବମୟ ଇତିହାସ ଅବଲୋକନ କରିବା ସହ ସ୍ୱର୍ଗତ ରାୟଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାୟ ଜଣେ ପ୍ରତିଷ୍ଠିତ ଆଇନଜୀବୀ ଓ ସୁଦକ୍ଷ ବିଚାରପତି ଥିଲେ ବୋଲି ସେ କହିଥିଲେ।

ସେହିପରି ବାର-ବେଞ୍ଚ ସମ୍ପର୍କ ପ୍ରସଙ୍ଗରେ ଅନୁଷ୍ଠିତ ଆଲୋଚନାରେ ସାରଗର୍ଭକ ବକ୍ତବ୍ୟ ରଖି ମୁଖ୍ୟବକ୍ତା ଜଷ୍ଟିସ ସଂଗମ କୁମାର ସାହୁ କହିଥିଲେ ଯେ ବାର ଓ ବେଞ୍ଚ ଉଭୟ ପରସ୍ପର ବିଶ୍ୱାସଭାଜନ ହେଲେ ନ୍ୟାୟାଳୟ ଉଚିତ ନ୍ୟାୟ ପ୍ରଦାନ କରିପାରିବ। ସ୍ୱର୍ଗତ ଜଷ୍ଟିସ ବୀରକିଶୋର ରାୟ ସ୍ମୃତି କମିଟିର ସମ୍ପାଦକ ବିଜୟ କୁମାର ରଗଡ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ହାଇକୋର୍ଟ ବାର ସମ୍ପାଦକ ଅଭିଜିତ ପଟ୍ଟନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଧନ୍ୟବାଦ ଦେଇଥିଲେ ବାର କାଉନସିଲ ସଦସ୍ୟ ଲକ୍ଷ୍ମୀନାରାୟଣ ପଟେଲ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ, ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଓ ଆଇନଜୀବୀ ପ୍ରଦୀପ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ହାଇକୋର୍ଟ କର୍ମଚାରୀଙ୍କ ଦ୍ୱାରା ନାଟକ ଶହୀଦ ଲକ୍ଷ୍ମଣ ନାୟକ ମଞ୍ଚସ୍ଥ ହୋଇଥିଲା। ଏହି ସଭାରେ ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଂଜନ ପାଠକ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏମ.ଏସ.ସାହୁ, ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ ଶିବଶଙ୍କର ମିଶ୍ର, ରାଜ୍ୟ ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ସଭ୍ୟ ବିଭୂପ୍ରସାଦ ତ୍ରିପାଠୀ, ଅରୂପାନନ୍ଦ ଦାସ, ମାନସ ଚାନ୍ଦ, ଧନଞ୍ଜୟ ମୁଣ୍ଡଙ୍କ ସମେତ କୈଳାସ କର, ପ୍ରଶାନ୍ତ ସାହୁ, ସୁଜାତା ଜେନା ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ। ସକାଳେ ଗଡଗଡିଆ ଘାଟଠାରେ ସ୍ମୃତି କମିଟି ପକ୍ଷରୁ ତିଳତର୍ପଣ କରାଯାଇଥିଲା।

## ଛାତ୍ରଙ୍କୁ ଅଧ୍ୟାପକଙ୍କ ନିର୍ଯାତନା ଅଭିଯୋଗ

**କଟକ,୨୬।୭(ସମିସ):** ଏକ ଯୁକ୍ତ ୨ କଲେଜରେ ଜଣେ ଅଧ୍ୟାପକ ଠିକ ଭାବେ ପାଠ ପଢାଉ ନଥିବା ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଅଧ୍ୟାପକ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ନେଇ ଛାତ୍ରଙ୍କ ମାଆ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତୁଳସୀପୁର ଅଞ୍ଚଳର ମହିଳା ଜଣକ ଅଭିଯୋଗରେ ଦର୍ଶାଇଛନ୍ତିଯେ ତାଙ୍କ ପୁଅ ସ୍ଥାନୀୟ ଅଞ୍ଚଳର ଏକ କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପଢୁଛି। ଗତ ୩ ତାରିଖରେ ପୁଅ ଓ ତାର ସାଙ୍ଗମାନେ ମିଶି କଲେଜର ଅଧ୍ୟକ୍ଷଙ୍କୁ ଏକ ଦରଖାସ୍ତ ଲେଖିଥିଲେ। ସେଥିରେ କଲେଜର ଗଣିତ ଅଧ୍ୟାପକ ଠିକ ଭାବେ ପଢାଉ ନାହାନ୍ତି ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟାପକ ଯେଉଁଭଳି ପଢାଉଛନ୍ତି ଆମେ ତାହା ବୁଝିପାରୁନୁ ବୋଲି ଦରଖାସ୍ତ ମାଧ୍ୟମରେ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ଏହି ବିଷୟ ଜାଣିବା ପରେ ସେଦିନ ସନ୍ଧ୍ୟାରେ ଗଣିତ ଅଧ୍ୟାପକ ହଠାତ ଫୋନ୍ ନମ୍ବରରେ ପୁଅ ସହ କଥା ହୋଇଥିଲେ। ଏହି ସମୟରେ ଅଧ୍ୟାପକ ଜଣକ ପୁଅକୁ ଉକ୍ତ ଦରଖାସ୍ତ ବାବଦରେ କହି ଗାଳିଗୁଲଜ କରିଥିଲେ। ଫେଲ କରିଦେବେ ବୋଲି ଧମକାଇଥିଲେ। ତାଙ୍କ ମା' ଅଧ୍ୟାପକଙ୍କ ସହ କଥା ହେବାରୁ ସେ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ବାର୍ତ୍ତାଳାପ ସମୟର କଲ ରେକର୍ଡିଂକୁ ନେଇ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ତୁରନ୍ତ ଏକ ବୈଠକ ଡକାଇଥିଲେ। ବୈଠକରେ କଲେଜର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଏହାର କୌଣସି ସମାଧାନ ହୋଇ ପାରିନଥିଲା। ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୁଲିସ କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଧ୍ୟକ୍ଷାଙ୍କୁ ଭେଟି ଆଲୋଚନା କରିଥିଲେ।

## ୱାଇଜ୍‌ମ୍ୟାନ ପକ୍ଷରୁ ଦକ୍ଷତା ବିକାଶ ନେତୃତ୍ୱ ସମ୍ମିଳନୀ

**କଟକ,୨୬।୭(ସମିସ):** ଅନ୍ତର୍ଜାତୀୟସଂସ୍ଥାମାନେ ଆଇନ ସେବା ଆନ୍ଦୋଳନ ସହ ସାମିଲ ହୋଇ ସେମାନଙ୍କ କାର୍ଯ୍ୟକ୍ରମ କରିପାରିଲେ ଏହା ତୃଣମୂଳ ସ୍ତରରେ ଅଧିକ କ୍ରିୟାଶୀଳ ହେବ ବୋଲି ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ ୱାଇମ୍ୟାନ କ୍ଲବ ଅଫ କଟକର ୨୭ତମ ଅଧିଷ୍ଠାନ ଉତ୍ସବ ଏବଂ ଓଡ଼ିଶା ଜିଲ୍ଲା ଦକ୍ଷତା ବିକାଶ ନେତୃତ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସାମାଜିକ ନ୍ୟାୟ ପ୍ରଦାନରେ ଅନ୍ତର୍ଜାତୀୟ ଅନୁଷ୍ଠାନମାନେ ଜିଲ୍ଲା ଓ ତାଲୁକ ସ୍ତରରେ ଥିବା ଆଇନ ସେବା ପ୍ରାଧିକରଣ ସହ ସାମିଲ ହୋଇ ଏହି ଅଭିଯାନକୁ ଆଗେଇ ନେବା ଜରୁରୀ।




ବାରବାଟୀ ଦୁର୍ଗସ୍ଥିତ କଟକ କ୍ଲବ ଅନେକ୍ସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାଇଜମ୍ୟାନ ଇଣ୍ଟରନେଶନାଲର ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଭାରତର ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ "ରୋଲବ୍ୟାକ ମେଲେରିଆ" ପ୍ରକଳ୍ପର ପ୍ରଚଳନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ପୂର୍ବତନ ସଭାପତି ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ମିଶ୍ର ନୂତନ ସଭାପତି ଚାର୍ଟର୍ଡର୍ ଆକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ 'କଲାର୍' ପିନ୍ଧାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପୂର୍ବତନ ସମ୍ପାଦକ ଆଲୋକ କୁମାର ସାହୁ ନୂତନ ସମ୍ପାଦକ ତୃପ୍ତିମୟୀ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ଓଡିଶା ଜିଲ୍ଲା ଗଭର୍ନର ସତ୍ୟ ଗୋପାଳ ପରିଜାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡ. ସୁରଜିତ ସାହୁ, ଡ. ପ୍ରଭାତ ମିଶ୍ର ଓ ସୁଜିତ ପାଣି ପ୍ରମୁଖ ଅନୁଷ୍ଠାନର ବିଭିନ୍ନ ସେବା ଓ ଲୋକାଭିମୁଖୀ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ନଳିନୀ ମହାପାତ୍ରଙ୍କ ସମ୍ପାଦନରେ ପ୍ରକାଶିତ ମୁଖପତ୍ରକୁ ମୁଖ୍ୟଅତିଥି ଜଷ୍ଟିସ ଦାଶ ଉନ୍ମୋଚନ କରିଥିଲେ। ଏହି ଅବସରରେ ନଳିନୀ ମହାପାତ୍ର ଓ ଲିଟଲ ମିସ୍ ୟୁନିଭର୍ସ ପଦ୍ମାଳୟ ନନ୍ଦଙ୍କ ନେତୃତ୍ୱରେ ୱାଇଜମେନ୍ ଓ ୱାଇଜ ଲିଙ୍ଗ କ୍ଲବ ଗଠନ ହୋଇଥିଲା। ଚଳିତ ଆଇସିଏସସି ପରୀକ୍ଷାରେ କଟକ ଷ୍ଟିୱାର୍ଟ ସ୍କୁଲର ସର୍ବୋଚ୍ଚ ସ୍ଥାନ ରଖିଥିବା ଦଶମ ଶ୍ରେଣୀ ଛାତ୍ରୀ ତନୀଷା ନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହିବସରରେ ବିଶିଷ୍ଟ ସାହିତ୍ୟିକା ଅଭିପ୍ସା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀପକ କୁମାର ମହାନ୍ତି, ଡଃ ଆଶୁତୋଷ ଦେବତା, ଡ଼ ରାଜ ବଲ୍ଲଭ ମହାନ୍ତି, ଶୈଳେନ୍ଦ ନାଥ ଠାକୁର, ଜ୍ୟୋତି ରଞ୍ଜନ ସିଂ, ବିଦ୍ୟୁତ କୁମାରୀ ଲାଲା, ଡ଼ ସୁରେଖା ସୁନ୍ଦରୀ ସ୍ୱାଇଁ, ପ୍ରକାଶ ପରେଖ, ଡ଼ ଶୁଭ ସୁଦ୍ଧା ପ୍ରିୟଦର୍ଶିନୀ, ଗୌରାଙ୍ଗ ରାଉତ, ମିତା ଦେବତା, ଅନିତା ପତି, ପିୟୁଷ ମହାନ୍ତି, ରଂଜିତା ପ୍ରଧାନ, ଇପ୍ସିତା ମହାନ୍ତି, ସୁଚେତନା ପାଣି, ଡାକ୍ତର ତୋଫାନ ପତି, ଅଶୋକ ମିଶ୍ର, ଉତ୍ତର ପୂର୍ବ ଭାରତର ବିଭିନ୍ନ ପ୍ରାନ୍ତରୁ ନେତୃମଣ୍ଡଳୀ ଯୋଗ ଦେଇଥିଲେ।

## ମହିଳାଙ୍କୁ ଠକେଇ: ଅଭିଯୁକ୍ତ ଗିରଫ

**କଟକ,୨୬।୭(ସମିସ):** ସାଇବର ଥାନା ପୁଲିସ ଜଣେ ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସରକାରୀ ଚାକିରି ଦେବାକୁ କହି ଜଣେ ମହିଳାଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତର ଘର ଆଠଗଡ଼ ଅଞ୍ଚଳରେ ହୋଇଥିବା ବେଳେ ତା' ନାଁ ସତ୍ୟଜିତ୍ ନାୟକ(୨୪)। ତା' ନିକଟରୁ ୨ଟି ମୋବାଇଲ୍ ଫୋନ୍, ୨ଟି ସିମ୍-କାର୍ଡ ଏବଂ ନଗଦ ୪୧ହଜାର ୮୦୦ଟଙ୍କା ଜବତ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସତ୍ୟଜିତ୍ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୁନିୟର୍ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ଦେବ ବୋଲି କହିଥିଲା। ଏ ବାବଦରେ ବିଭିନ୍ନ ପର୍ଯ୍ୟାୟରେ ୩ଲକ୍ଷ ଟଙ୍କା ନେଇ ଯାଇଥିଲା। ଏକ ଜାଲ୍ ନିଯୁକ୍ତିପତ୍ର ଆଶାୟୀ ମହିଳାଙ୍କୁ ପ୍ରଦାନ କରିଥିଲା। ଏହି ନିଯୁକ୍ତିପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦେଖାଇବା ପରେ ଏହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ମହିଳା ଜଣକ ଏହାପରେ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ପୁଲିସ ତଦନ୍ତ କରି ଅଭିଯୁକ୍ତ ସତ୍ୟଜିତ୍‌କୁ ଗିରଫ କରିଥିବା ଜଣାପଡ଼ିଛି।

## ୱାକର୍ସ କ୍ଲବ୍-କଟକର ସ୍ୱାସ୍ଥ୍ୟ ସଚେତନତା




**କଟକ,୨୬।୭(ସମିସ):** ୱାକର୍ସ କ୍ଲବ କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ କ୍ଲବର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଦନ୍ତ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଡାକ୍ତର ରବିରଞ୍ଜନ ସାହୁଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳି ଶୁକ୍ଳ, ପ୍ରଶାନ୍ତ କୁମାର କାନୁନଗୋ, ଶ୍ୟାମସୁନ୍ଦର ସାହୁ, ଶଶିଭୂଷଣ ସ୍ୱାଇଁ, ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ୍ ଲାଲା, ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ, ପ୍ରଫୁଲ୍ଲ କୁମାର ସାହୁ, ପ୍ରମୁଖ ସଦସ୍ୟମଣ୍ଡଳୀଙ୍କ ସହିତ କୁଟୀରର ଅନ୍ତେବାସୀବୃନ୍ଦ ଉପସ୍ଥିତ ଥିଲେ। କୁଟୀରର ପରିଚାଳକ ସୁଭାସଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧାରେ ରହିଲା 'ଷ୍ଟୁଡେଣ୍ଟ-ପୁଲିସ କ୍ୟାଡେଟ୍ ମିଶନ'

**କଟକ,୨୬।୭(ସମିସ):**

### ଡିସିପି ବଦଳିଗଲା ପରେ ଯୋଜନା ହେଉଛି ବାଟବଣା

### ୩୦ଟି ହାଇସ୍କୁଲ ପରେ ମିଶନ ହେଲା ବିଫଳ



କମିଶନରେଟ୍ ପୁଲିସ ପକ୍ଷରୁ ସହରର ସମସ୍ତ ହାଇସ୍କୁଲରେ ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ୍ ମିଶନକୁ କାର୍ଯ୍ୟକାରୀ କରାଯାଉଥିଲା। ୨୦୧୮ ମସିହା ଜୁଲାଇ ମାସ ୨୧ ତାରିଖରେ ଏହି କାର୍ଯ୍ୟକ୍ରମକୁ ପୁଲିସ ବିଭାଗ ପକ୍ଷରୁ ପ୍ରଥମ କରି ଆରମ୍ଭ କରାଇଥିଲା। ପ୍ରତ୍ୟେକ ବର୍ଷ ପୁଲିସ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଆତ୍ମସୁରକ୍ଷା, ଅପରାଧ ନିୟନ୍ତ୍ରଣ ଓ ନିରାକରଣ ଏବଂ ସାଇବର ସଚେତନତା ଉପରେ ଆଲୋଚନା କରିଥାଆନ୍ତି। ବିଶେଷଃ କରି ଛାତ୍ରଛାତ୍ରୀଙ୍କ ଉପରେ ହେଉଥିବା ଘରୋଇ ହିଂସା, ନିର୍ଯାତନା ଓ ଅପରାଧିକ କାର୍ଯ୍ୟକଳାପକୁ କେଉଁ ଭଳି ରୋକାଯାଇ ପାରିବ, ତାହାକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ଏହି ପଦକ୍ଷେପ ନେଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ସ୍କୁଲ ଗୁଡ଼ିକର ୮ମ ଏବଂ ୯ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯାଇଥିଲା। ଉଭୟ ଇନ୍‌ଡୋର୍(ଶ୍ରେଣୀ ଭିତରେ) ଏବଂ ଆଉଟ୍‌ଡୋର୍(ଶ୍ରେଣୀ ବାହାର)ରେ ଏକାଧିକ ସଚେତନତା କାର୍ଯ୍ୟକ୍ରମ(ଆକ୍ଟିଭିଟି) ହେଉଥିଲା। ଆଉଟ୍‌ଡୋର୍ କାର୍ଯ୍ୟକ୍ରମ ମାସକୁ ୨ଥର ଲେଖାଏଁ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ କ୍ରୀଡା, ଯୁବ ବ୍ୟାପାର(ୟୁଥ୍ ଆଫେୟାର୍ସ), ପରିବେଶ ଓ ଜଙ୍ଗଲ ବିଭାଗ ଏବଂ କେନ୍ଦ୍ର ପ୍ରତିରକ୍ଷା ବିଭାଗର ଯବାନଙ୍କ ମଧ୍ୟରୁ ମାଷ୍ଟର୍ ଟ୍ରେନର୍ ଚୟନ କରାଯାଇ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଥିଲା। ଏଥି ସହିତ ବିଭିନ୍ନ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଉଥିଲା। ତେବେ କଟକ ମହାନଗର ନିଗମ ଅଞ୍ଚଳରେ ରହିଥିବା ସମସ୍ତ ଥାନା ଗୁଡ଼ିକର ଆଇଆଇସି ଓ ଅନ୍ୟ କର୍ମଚାରୀମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ତତ୍କାଳୀନ ଡିସିପି ପିନାକ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଷ୍ଟୁଡେଣ୍ଟ୍-ପୁଲିସ କ୍ୟାଡେଟ୍ ମିଶନ କାର୍ଯ୍ୟକାରୀ କରାଯାଉଥିଲା। ଶ୍ରୀ ମିଶ୍ରଙ୍କ ବଦଳି ପରେ ଏହି ମିଶନ'କୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଗଲା। ତେବେ ଡିସିପି ବଦଳିଗଲେ ପୂର୍ବ ଯୋଜନାକୁ ବନ୍ଦ କରିଦିଆଯାଉଛି। ପୁଣି ନୂଆ ଡିସିପିଙ୍କ ହାତରେ ନୂଆ ଯୋଜନା ହେଉଛି। ଏହି ଷ୍ଟୁଡେଣ୍ଟ୍-ପୁଲିସ କ୍ୟାଡେଟ୍ ମିଶନ ବନ୍ଦ ହେବା ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ।

ପୁଲିସର ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅଧିନରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ମାଷ୍ଟର୍ ପ୍ଲାନ୍ ହୋଇଥିଲା। ଆଉଟ୍‌ଡୋର୍ ଆକ୍ଟିଭିଟି ନିମନ୍ତେ ପ୍ରତ୍ୟେକ ସ୍କୁଲକୁ ୫୦ହଜାର ଟଙ୍କା ଦିଆଯିବାକୁ ଗାଇଡ୍-ଲାଇନ୍‌ରେ ଉଲ୍ଲେଖ ରହିଥିଲା। ଏହି ଅର୍ଥକୁ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଟ୍ରେନିଂରେ ଖର୍ଚ୍ଚ କରାଯାଉଥିଲା। କମିଶନେରଟ୍ ପୁଲିସ ପକ୍ଷରୁ ଟ୍ରେନିଂ ସାମଗ୍ରୀ ତଥା ଶିକ୍ଷାଦାନରେ ବ୍ୟବହୃତ ସାମଗ୍ରୀ କ୍ରୟ କରିବାକୁ ୧୫ହଜାର ଟଙ୍କା, ଆଉଟ୍‌ଡୋର ଆକ୍ଟିଭିଟି ନିମନ୍ତେ ୨୪ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ ୫ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରେଭେନ୍ସା କଲିଜିଏଟ୍ ସ୍କୁଲ, ବୋର୍ଡ ସ୍କୁଲ, ପିଏନ୍ ଏକାଡେମୀ, ରାଣୀହାଟ ହାଇସ୍କୁଲ ଭଳି ସହରର ୩୦ଟି ସରକାରୀ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସମାଜ ଗଠନ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଥିଲା। ଷ୍ଟୁଡେଣ୍ଟ୍ ପୁଲିସ କ୍ୟାଡେଟ୍ ମିଶନ କେବଳ କଟକ ସହର ସମେତ କଟକ ଜିଲ୍ଲାର ୩୦୧ଟି ହାଇସ୍କୁଲରେ କାର୍ଯ୍ୟକାରୀ କରାଯିବାକୁ ପୁଲିସ ଯୋଜନା କରିଥିଲା; ମାତ୍ର ୩୦ଟି ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ କରାଯାଇ ଏହି ଯୋଜନାକୁ ବନ୍ଦ କରି ଦିଆଗଲା। ଯାହାକୁ ନେଇ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମହଲରେ ଗଭୀର ଅସନ୍ତୋଷ ଦେଖାଦେଇଛି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)
**PUBLIC NOTICE**
Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.
For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.





ଅବପାତ ବର୍ଷାରେ ବୈତରଣୀ ଓ ଜଳକା ନଦୀରେ ବନ୍ୟା; ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳମଗ୍ନ

# ଡିଏସ୍‌ପି ନିଯୁକ୍ତିରେ ପାତରଅନ୍ତର

## ପଦୋନ୍ନତିର ୩ ମାସ ପରେ ବି ଥାନା ସମ୍ଭାଳିଛନ୍ତି

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅଜବ ବ୍ୟବସ୍ଥା ଦେଖାଦେଇଛି। ପଦୋନ୍ନତି ପାଇଥିବା ୧୬୯ ଜଣ ଡିଏସପିଙ୍କ ମଧ୍ୟରୁ ୭୦ ଜଣଙ୍କର ପୋଷ୍ଟିଂ ହୋଇଥିଲେ ମଧ୍ୟ ୯୯ ଜଣ ଡିଏସପି ପୋଷ୍ଟିଂ ପାଇ ପାରିନାହାନ୍ତି। ଫଳରେ ସେମାନେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପୂର୍ବରୁ ଡିଏସପି ପୋଷ୍ଟିଂର କ୍ଷମତା ରାଜ୍ୟ ପୁଲିସ ମୁଖିଆଙ୍କ ପାଖରେ ରହିଥିବା ବେଳେ ଏବେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଛି। ଗୃହ ବିଭାଗ ପାଖରେ କ୍ଷମତା ଥାଇ ମଧ୍ୟ ଡିଏସ୍‌ପି ପୋଷ୍ଟିଂରେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଶୁଡ଼ିବାରେ ଲାଗିଥିବା ବେଳେ ଏଭଳି ପାତରଅନ୍ତର ପୁଲିସର ଅଧିକାରୀଙ୍କ ମନୋବଳକୁ ଆହୁରି ଆଘାତ ପହଞ୍ଚାଇଛି।

ଗତ ମାସ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯୯ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି।

ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୩ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲା ସର୍ବନିମ୍ନ ଡିଏସପି ପାହ୍ୟାର ଅଧିକାରୀ କରିବାର ପ୍ରାବଧାନ ରହିଛି। ଥାନାରେ ଡିଏସ୍‌ପି ଇନ୍‌ଚାର୍ଜ ଭାବେ କାର୍ଯ୍ୟରତ ଅଧିକାରୀମାନେ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି। ମୋଟାମୋଟି କହିବାକୁ ଗଲେ, ଇନ୍ସପେକ୍ଟର ପଦବୀରେ ଥାଇ ମଧ୍ୟ ଡିଏସପି ପାହ୍ୟାର ଅଧିକାରୀଙ୍କ କାମ କରୁଛନ୍ତି।

■ ଡିଏସପିର କାମ; ଇନ୍ସପେକ୍ଟରର ଦରମା
■ ପୁଲିସ ମହଲରେ ଅସନ୍ତୋଷ
■ ପୋଷ୍ଟିଂ ଅପେକ୍ଷାରେ ୯୯ ଡିଏସପି

ଡିଏସପି ଭାବେ ଦାୟିତ୍ୱ ତୁଲାଉଥିଲେ ମଧ୍ୟ ଅନେକ ଅଧିକାରୀ ଏବେ ବି ଇନ୍ସପେକ୍ଟର୍ ପାହ୍ୟାର ଦରମା ପାଉଛନ୍ତି। ପୂର୍ବରୁ ଇନ୍ସପେକ୍ଟର୍ ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସ୍‌ପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲାଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଡିଏସପି ପଦବୀ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବମଞ୍ଜୁରୀ ପଦବୀ ଅନୁସାରେ ଦରମା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସ୍‌ପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯୯ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ, ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି ବୋଲି କିଛି ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

**ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ ଜନ୍ମ ପ୍ରକଳ୍ପ**

# ପାୱାର ଟିଲରକୁ ନୂଆ ରୂପ ଦେଲେ ଜଗନ୍ନାଥ

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ନାୟକଙ୍କ ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ



ପ୍ରକଳ୍ପ ନିର୍ମାଣ କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଚାଷ କାର୍ଯ୍ୟକୁ ସହଜ ସରଳ କରିବା ପାଇଁ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ବିଗତ ବର୍ଷ ଗୋଟିଏ ପାୱାର ଟ୍ରିଲର କିଣିଥିଲେ। ଏହାକୁ ଚଳାଇ ଚାଷକାର୍ଯ୍ୟ କରିବା ସମୟରେ ହାଣ୍ଡେଲକୁ ଧରି ବିଲ ମଧ୍ୟରେ ଚାଲିବାକୁ ପଡ଼ିଥିଲା। ଶୁଖିଲା ବିଲଚାଷ କରିବା ଅଲଗା କଥା, ମାତ୍ର ବିଲରେ ଚାଲି ଚାଲି ଜମିକୁ କାଦୁଅ କରିବା ବେଳେ ସେ ହାଲିଆ ହୋଇ ପଡୁଥିଲେ। ଶରୀରକୁ ଅଧିକ କଷ୍ଟ ହେଉଥିଲା। କଷ୍ଟକୁ ଲାଘବ କରିବା ପାଇଁ ତାଙ୍କ ମନରେ ଉଦ୍ୟମ ସୃଷ୍ଟି ହୋଇଥିଲା। ପରିକଳ୍ପିତ ଯୋଜନା ଅନୁସାରେ କବାଡିଆରୁ ଜଗନ୍ନାଥ ୨ଟି ବାଇକ୍ ଚକ ଆଣି ସେଥିରେ ଟାୟାର ଟିୟୁ ପକାଇ ଲୁହାର ଆଙ୍ଗଲ ଓଲଡିଂ କରି ଏକ ଫ୍ରେମ୍ ପ୍ରସ୍ତୁତ କଲେ। ଫ୍ରେମ୍ ଉପରେ ସିଟ୍ ତିଆରି କରି ତାକୁ ପାୱାର ଟ୍ରିଲର ସହିତ ସଠିକ୍ ଭାବେ ଯୋଡ଼ି ଜମି କାଦୁଅ କାର୍ଯ୍ୟ କଲେ। ଏଥର ଦିନସାରା ଜମିରେ କାଦୁଅ କଲେ ମଧ୍ୟ ଆଉ ହାଲିଆ ହେଲେ ନାହିଁ। ବିନା ଇଞ୍ଜିନିୟରିଂ ଶିକ୍ଷାରେ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ମନରେ ସୃଷ୍ଟି ଉପାୟକୁ ସେ ସାକାର କରିପାରିଛନ୍ତି। ଏଭଳି ସଫଳତା ପ୍ରକାଶ ପାଇବା ପରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିବ ନିଶ୍ଚୟ। ସ୍ଥାନୀୟ ପ୍ରଶାସନ ହେଉ ଅଥବା କୃଷି ବିଭାଗ ଦ୍ୱାରା ତାଙ୍କର ସଫଳତାକୁ ପ୍ରଚାର ପ୍ରସାର କଲେ, ତାହା ଅଧିକ ଲୋକାଭିମୁଖୀ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା

ବୌଦ୍ଧ, ୨୬।୭ (ସମିସ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ପଛପଟ ବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ସାର୍ଜନ ପ୍ରଧାନଙ୍କ ସ୍ତ୍ରୀ କୁନି ପ୍ରଧାନ। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କଳି ହୋଇଥିଲା। ଏଥିରେ ରାଗିଯାଇ ସାର୍ଜନ ପାଖରେ ଥିବା ଟାଙ୍ଗିଆରେ କୁନିଙ୍କୁ ହାଣିଦେଇଥିଲା। କୁନି ଚିତ୍କାର କରି ତଳେ ପଡ଼ିଯାଇଥିଲେ। ଏହା ଦେଖି ସାର୍ଜନ ଘରେ ତାଲା ପକାଇ ନିକଟସ୍ଥ ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ ପହଞ୍ଚି କୁନିକୁ ଭ୍ୟାନରେ ପୁରୁଣାକଟକ ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଅଧାବାଟରେ କୁନି ଆଖି ବୁଜିଥିଲେ।

# ୩ ଦଶନ୍ଧି ଧରି ସକ୍ରିୟ ଥିବା ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୭ (ସମିସ): ୩ ଦଶନ୍ଧି ଧରି ମାଓ ସଂଗଠନରେ ସକ୍ରିୟ ମାଓ ଦମ୍ପତି ଜୋରିଗେ ନାଗରାଜୁ ଓରଫ୍ କମଲେଶ ଏବଂ ତାଙ୍କ ପତ୍ନୀ ମେଡକା ଜ୍ୟୋତିଶ୍ୱରୀ ଓରଫ ଅରୁଣା ଆତ୍ମସମର୍ପଣ କରିଛନ୍ତି। ଉଭୟ ଆନ୍ଧ୍ରପ୍ରଦେଶ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। କମଲେଶ ରାଜ୍ୟ ଜୋନାଲ କମିଟି ସଦସ୍ୟ ଏବଂ ପୂର୍ବ ବସ୍ତର ଡିଭିଜନ୍‌ର ମାଓ ସଙ୍ଗଠନର ପ୍ରଭାରୀ ଥିଲେ। ୩୪ବର୍ଷ ଧରି ମାଓ ସଂଗଠନରେ ସେ ସକ୍ରିୟ ଥିଲେ। ସେହିପରି ଅରୁଣା ଡିଭିଜନାଲ କମିଟି ସଦସ୍ୟ ଏବଂ ମାଓ ସଂଗଠନର ମୋବାଇଲ୍ ଏକାଡେମିକ୍

**ଧରାଇଲେ ବିପୁଳ ମାଓ ସାମଗ୍ରୀ**

ପଲିଟିକାଲ୍ ଅର୍ଗାନାଇଜେସନ୍‌ର ପ୍ରଭାରୀ ଥିଲେ। ୩୦ ବର୍ଷ ଧରି ସେ ସଂଗଠନରେ କାର୍ଯ୍ୟ କରିଥିଲେ। ମାଓ ସଂଗଠନର ନୀତି ଏବଂ ବିଫଳତାରେ ନିରାଶ ହୋଇ ଉଭୟ ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଉଭୟଙ୍କୁ ୨୦ହଜାର ଲେଖାଏଁ ଅର୍ଥରାଶି ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବଡ଼ କଥା ହେଉଛି, ଆତ୍ମସମର୍ପଣ ପରେ ଏହି ମାଓଦମ୍ପତିଙ୍କ ସୂଚନା ଆଧାରରେ ଆନ୍ଧ୍ରପ୍ରଦେଶ ପୁଲିସ ବିଭିନ୍ନ ଜଙ୍ଗଲ ମଧ୍ୟରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ମାଓସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ଜବତ କରିଛି।

# ଆଡିସନାଲ୍ ଷ୍ଟାଣ୍ଡିଂ କାଉନସେଲ ସମରେଶ ଜେନାଙ୍କ ନିଯୁକ୍ତି ରଦ୍ଦ

ଭୁବନେଶ୍ୱର,୨୬।୭(ସମିସ): ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆଡିସନାଲ୍ ଷ୍ଟାଣ୍ଡିଂ କାଉନସେଲ ଭାବେ ସମରେଶ ଜେନାଙ୍କ ନିଯୁକ୍ତିକୁ ରାଜ୍ୟ ସରକାର ରଦ୍ଦ କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଶ୍ରୀ ଜେନାଙ୍କ ନିଯୁକ୍ତି ନେଇ ଗତ ଅକ୍ଟୋବର ୩୧ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୁଭ୍ରାଂଶୁ ଶେଖର ନିଲମ୍ବିତ

ଭୁବନେଶ୍ୱର, ୨୬।୭(ସମିସ): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ୍ ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ଦେଓ ବାବୁଙ୍କ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ କରାଯାଇଛି। ଏନେଇ ଦଳର ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତ ସମ୍ବଳିତ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

■ ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ

# ଟ୍ରାକ୍ଟରରେ ବୁହାହେଲା ଶବ

ନାକଟିଦେଉଳ, ୨୬।୭(ସମିସ): ମୃତ୍ୟୁ ପରେ ବି ମିଳିଲାନି ସମ୍ମାନ। ମିଳିଲାନି ମହାପ୍ରୟାଣ ଗାଡ଼ି କି ଶବବାହକ ଗାଡ଼ି। ଶେଷରେ ଟ୍ରାକ୍ଟର ଡାଲାରେ ବୁହା ହେଲା ଶବ। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ବୁରୁବୁଡା ଗାଁରେ ଦେଖିବାକୁ ମିଳିଛି। ସୂଚନାନୁସାରେ, କିସିଣ୍ଡା ଗାଁର ୭୫ବର୍ଷୀୟ ବୃଦ୍ଧ ନାରାୟଣ ନାୟକ ପାଖ ବୁରୁବୁଡ଼ା ଗାଁରେ ଜଣଙ୍କ ଘରେ ରହି ମୁଢ଼ି ବିକ୍ରି କରିଚାଲୁଥିଲେ। ହଠାତ ଘରେ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ କିସିଣ୍ଡାଗାଁରୁ ନାରାୟଣଙ୍କ



ପରିବାରଲୋକେ ବୁରୁବୁଡା ଗାଁକୁ ଆସିଥିଲେ। ହେଲେ ବୁରୁବୁଡା ଗାଁରେ ଶବଦାହ ପାଇଁ ସମସ୍ୟା ହେବାରୁ ୫ କି.ମି ଦୂର ନିଜ ଗାଁ କିସଣ୍ଡାରେ ଶବ ସତ୍କାର ପାଇଁ ପରିବାରଲୋକେ ଚାହିଁଲେ। ସ୍ଥାନୀୟ ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ମହାପରାୟଣ ଗାଡ଼ି , ଶବବାହାକ ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ମହାପ୍ରୟାଣ ଗାଡ଼ି ମିଳିନଥିଲା। ଶେଷରେ ମୃତକଙ୍କ ପରିବାରଲୋକ ଏକ ଟ୍ରାକ୍ଟର ଡାଲାରେ ମୃତଦେହକୁ ପକାଇ ୫କି.ମି ଦୂରରେ ଥିବା କିସିଣ୍ଡା ଗାଁ ଶ୍ମଶାନ ଘାଟରେ ଶବ ଦାହ କରିଥିଲେ। ଏହି ଅଞ୍ଚଳ ସମ୍ବଲପୁର ଓ ରେଢାଖୋଲ ଠାରୁ ଦୂରରେ ରହୁଥିବାରୁ ଏଠାରେ ଏକ ଶବ ବାହାକ ଗାଡିର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପଟେ ଏଭଳି ଘଟଣା ଦୁଃଖଦାୟକ ବହୁ ଚେଷ୍ଟା ସତ୍ତ୍ୱେ ଶବବାହାକ ଗାଡ଼ି ମିଳିଲାନି ବୋଲି କହିଛନ୍ତି ଗରିଶ୍ଚନ୍ଦ୍ରପୁର ସରପଞ୍ଚ।

# ହତ୍ୟାକାରୀକୁ ଆଜୀବନ

ଟିଟିଲାଗଡ଼, ୨୬।୭ (ସମିସ): ୨୦୧୭ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଏବଂ ଦୌରାଜଜ୍ ସନ୍ଦୀପ କୁମାର ପଟ୍ଟନାୟକ ଆଜି ଅଭିଯୁକ୍ତ ଲକ୍ଷ୍ମଣ ଖରସେଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଲକ୍ଷ୍ମଣର ଘର ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମୁଡ଼ା ଗ୍ରାମରେ। ଅପରପକ୍ଷେ, ଏହି ମାମଲାରେ ଜଡ଼ିତ ଅନ୍ୟତମ ଅଭିଯୁକ୍ତ ଧନେଶ୍ୱର ବାଗ ଓରଫ୍ ରାହୁଲ ପୂର୍ବରୁ ଜାମିନରେ ଥିବା ବେଳେ ବର୍ତ୍ତମାନ ଫେରାର୍ ରହିଛି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୧୬ଜଣଙ୍କ ସାକ୍ଷ୍ୟ ପ୍ରମାଣ, ୭୧ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ପଥର ଠେଙ୍ଗା ଆଦି ୯ଟି ପ୍ରମାଣକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୭ ଜୁନ୍ ୩ ତାରିଖରେ ଏହି ହତ୍ୟାକାଣ୍ଡ ହୋଇଥିଲା। ଅଭିଯୁକ୍ତଦ୍ୱୟ ଗ୍ରାମର ରୋମାଞ୍ଚ ଖରସେଲଙ୍କୁ ହତ୍ୟା କରିଥିଲେ। ଉକ୍ତ ଦିନ ରୋମାଞ୍ଚଙ୍କ ଭଉଣୀ ଚମ୍ପାଙ୍କୁ ଲକ୍ଷ୍ମଣର ପତ୍ନୀ, ମା', ଝିଅ ଓ ଝିଆରୀ ମରଣାନ୍ତକ ଆକ୍ରମଣ କରିଥିଲେ। ପୁଣି ସେହି ରାତିରେ ରୋମାଞ୍ଚଙ୍କୁ ଅଭିଯୁକ୍ତ ରାହୁଲ ଏକ ଠେଙ୍ଗା ଏବଂ ଲକ୍ଷ୍ମଣ ପଥରରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

**ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବ**

# ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନ

କଟକ,୨୬।୭(ସମିସ): ଭାଷାଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା-ସାହିତ୍ୟର ବିକାଶ କ୍ଷେତ୍ରରେ ଉତ୍କଳ ସାହିତ୍ୟ ସମାଜ ପ୍ରମୁଖ ଭୂମିକା ପ୍ରଶଂସନୀୟ। ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏହି ଅନୁଷ୍ଠାନ ଭାଷା-ସାହିତ୍ୟର ଯେପରି ସେବା କରିଆସୁଛି, ତାହା ଅନନ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି।

'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବରେ




'ଉତ୍କଳ ସାହିତ୍ୟ ସମାଜ'ର ପୂର୍ବତନ ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଦେବା କ୍ଷେତ୍ରରେ ଯେଉଁ ଅବଦାନ ରଖିଛି, ତାହା ଅବିସ୍ମରଣୀୟ ବୋଲି କହିଥିଲେ।

ଉତ୍ସବରେ ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ମାନପତ୍ର ପାଠ କରିଥିଲେ। ମନୋଜ ପଟ୍ଟନାୟକ, ବ୍ରହ୍ମାନନ୍ଦ ବିଶ୍ୱାଳ, ଶିବାଶିଷ କର,ଆଦିତ୍ୟ ପ୍ରତାପ ବାଘସିଂହ, ଶ୍ରୀମତୀ ସରୋଜିନୀ ମିଶ୍ର, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ଶଶିକାନ୍ତ ରାଉତ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ, ସୁକାନ୍ତ ପ୍ରସାଦ ନନ୍ଦ, ଡକ୍ଟର ସୁଶୀଳ କୁମାର ବାଗ, ସରୋଜ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ଶିକ୍ଷାବିତ୍, ସାମ୍ବାଦିକ ଯୋଗ ଦେଇଥିଲେ।

# ୪ ମାଓବାଦୀ ନିହତ; ବିସ୍ଫୋରକ ଜବତ

ମାଲକାନଗିରି,୨୬।୭(ସମିସ): ମାଓଦମନ ଲାଗି ଆରମ୍ଭ ହୋଇଥିବା ଅପରେସନ୍ 'ମନସୁନ୍'କୁ ବଡ଼ଧରଣର ସଫଳତା ମିଳିଛି। ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଲିସ୍ ଏନକାଉଣ୍ଟର୍‌ରେ ୪ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ବିଜାପୁର ଜିଲ୍ଲା ଅନ୍ତର୍ଗତ ଗଙ୍ଗାଲୁର ଜଙ୍ଗଲରେ ସୁରକ୍ଷାକର୍ମୀମାନେ ଅପରେସନ୍ ଚଳାଇଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ୪ ମାଓବାଦୀ ନିହତ ହୋଇଥିଲେ। ଘଟଣାସ୍ଥଳରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଆଉ କିଛି ମାଓବାଦୀ ଆତ୍ମଗୋପନ କରିଥିବା ସନ୍ଦେହରେ ପୁଲିସ୍ ପକ୍ଷରୁ ଅଭିଯାନକୁ ଜୋରଦାର୍ କରାଯାଇଛି।

# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ: ଓଷ୍ଟା

ଭୁବନେଶ୍ୱର,୨୬।୭(ସମିସ): ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବା ଓଷ୍ଟା ତୀବ୍ର ବିରୋଧ କରିଛି। ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଭଳି ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରିବା ପରେ ୟୁଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ସୂଚନା ଦେଇଛନ୍ତି।


ଓଷ୍ଟା ପକ୍ଷରୁ କୁହାଯାଇଛି ଯେ ୟୁଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନ ମନ୍ୟତା ସୃଷ୍ଟି କରିବ। ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରା ନ ଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରିବା ସରକାରଙ୍କ ବାଛବିଚାର ମନୋବୃତ୍ତି। ଏହା ନିନ୍ଦନୀୟ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି। ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏକ ନିର୍ଦ୍ଦିଷ୍ଟ ସମୟରେ ଦୈନିକ ଉପସ୍ଥାନ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି, ତାହା କେତେ ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ଉପରିସ୍ଥ ସମସ୍ତ ଦାବିକୁ ବିଚାର କରିବା ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



ମୂଳ ହିନ୍ଦୀ: ମୁନ୍‌ସୀ ପ୍ରେମଚାନ୍ଦ
ଅନୁବାଦ: ସ୍ନିଗ୍ଧା ନାୟକ



# ଏହା ବି ନିଶା ତାହା ବି ନିଶା

ହୋଲି ଦିନ, ରାୟ ସାହେବ ପଣ୍ଡିତ ଘସିଟେଲାଲଙ୍କ ବାରହଦରୀରେ ଭାଙ୍ଗ ଛଣା ହେଉଥିବା ବେଳେ, ତତ୍‌କ୍ଷଣାତ ଜଣାପଡ଼ିଲା ଯେ ଜିଲ୍ଲାଧୀଶ ମିଷ୍ଟର ବୁଲ୍ ଆସୁଛନ୍ତି। ବୁଲ୍ ସାହେବ ବହୁତ ମେଳାପୀ ବ୍ୟକ୍ତି ଥିଲେ ଆଉ ଏବେ ନିକଟରେ ବିଲାତରୁ ଆସିଥିଲେ। ଭାରତୀୟ ରୀତିନୀତିର ଜିଜ୍ଞାସୁ ଥିଲେ। ଅନେକ ମେଳାକୁ ଯାଉଥିଲେ। ବୋଧେ ଏଇ ବିଷୟ ଉପରେ କୌଣସି ଏକ ବଡ଼ ପୁସ୍ତକ ଲେଖୁଥିଲେ। ତାଙ୍କ ଆସିବାର ଖବର ପାଉପାଉ ଏଇଠି ବଡ଼ ହଙ୍ଗାମା ହେଲା। ସମସ୍ତେ ନଗ୍ନ ଅନାବୃତ ହୋଇ ଭାଙ୍ଗ ଛାଣୁଥିଲେ। କିଏ ଜାଣିଥିଲା କି ଏଇ ସମୟରେ ସାହେବ ଆସିବେ! ଫୁର୍ କରି ସବୁ ପଳାଇ ଗଲେ, କେହି ଉପରକୁ ଯାଇ ଲୁଚିଗଲା, କେହି ଘରକୁ ପଳାଇ ଗଲା କିନ୍ତୁ ବିଚରା ରାୟ ସାହେବ ଯେଉଁଠିକୁ ସେଇଠି ନିଶ୍ଚଳ ହୋଇ ବସି ରହିଲେ। ଅଧାଘଣ୍ଟା ଉଠିବାକୁ ନିଅନ୍ତି ଆଉ ଘଣ୍ଟାଏରେ ଗୋଟାଏ ପାଦ ରଖନ୍ତି, ଏଇ ଭାଗ ଦୌଡ଼ରେ ସେ କେମିତି ଭାଗନ୍ତେ! ଯେତେବେଳେ ଦେଖିଲେ ଯେ, ଆଉ ତାଙ୍କ ପ୍ରାଣ ବଞ୍ଚିବାର କୌଣସି ଉପାୟ ନାହିଁ ତ ଏମିତି ମୁହଁ ବନେଇ ଦେଲେ ଯେମିତି ଜାଣିଶୁଣି ଏଇ ସ୍ୱଦେଶୀ ଠାଣିରେ ସାହେବଙ୍କ ସ୍ୱାଗତ କରିବାକୁ ବସିଛନ୍ତି। ସାହେବ ବାରଣ୍ଡାକୁ ଆସୁ ଆସୁ କହିଲେ – "ହେଲୋ,ରାୟ ସାହେବ ଆଜି ତ ଆପଣଙ୍କର ହୋଲି ଅଟେ।"

ରାୟ ସାହେବ ହାତବାନ୍ଧି କହିଲେ - "ହଁ ସରକାର, ହୋଲି ଅଟେ।"

ବୁଲ୍- "ଖୁବ୍ ନାଲିରଙ୍ଗ ଖେଳୁଛ ?"

ରାୟ ସାହେବ – "ହଁ ସରକାର।"

ସାହେବ ପିଚକାରୀ ଉଠେଇ ନେଲେ। ସମ୍ମୁଖ ମାଠିଆରେ ରଙ୍ଗ ରଖା ହୋଇଥିଲା। ବୁଲ୍ ପିଚକାରୀ ଭାରି ନେଇ ପଣ୍ଡିତଜୀଙ୍କ ମୁହଁରେ ଛାଡ଼ିଲେ, ହେଲେ ପଣ୍ଡିତଜୀ ଉଠିଲେ ନାହିଁ।

ଧନ୍ୟ ଭାଗ! କେମିତି ଏ ସୌଭାଗ୍ୟପ୍ରାପ୍ତ ହେଇ ପାରିଛି। ବାଃରେ ହାକିମ ! ଏହାକୁ ପ୍ରଜାବତ୍ସଲ୍ୟ କୁହନ୍ତି। ଆହା ! ଏଇ ସମୟରେ ସେଠ୍ ଜୋଖନରାମ୍ ଥାଆନ୍ତେ ତ ଦେଖାଇ ଦିଅନ୍ତି କି ଏଠି ଜିଲ୍ଲାରେ ଅଫିସର୍ ଏତେ କୃପା କରନ୍ତି। କୁହନ୍ତୁ ଆସିକି ଯେ, ତାଙ୍କ ଉପରେ ଜଣେ ଗୋରା ମଧ୍ୟ ପିଚକାରୀ ମାରିଛନ୍ତି। ଜିଲ୍ଲାଧୀଶଙ୍କ କଥା ହିଁ କ'ଣ, ଏହା ପୂର୍ବ ତପସ୍ୟାର ଫଳ ଅଟେ ଆଉ କିଛି ନୁହଁ। କେହି ପ୍ରଥମେ ଏକ ସହସ୍ର ବର୍ଷ ତପସ୍ୟା କରୁ, ତେବେ ଏହି ପରମ ପଦ ପାଇପାରିବ। ହାତ ଯୋଡ଼ି କହିଲେ – "ଧର୍ମାବତାର, ଆଜି ଜୀବନ ସଫଳ ହେଇଗଲା ଯେ, ସରକାର ହୋଲି ଖେଳିଲେ ତ ମତେ ବି ହୁକୁମ ମିଳୁ ନିଜ ହୃଦୟର ଅଭିଳାଷ ପୂରଣ କରିନେବି।"

ଏହା କହି ରାୟ ସାହେବ ଫଗୁର ଗୋଟାଏ ଟିକା ସାହେବଙ୍କ ମଥାରେ ଲଗାଇଦେଲେ।

ବୁଲ୍ – "ଏହି ବଡ଼ ବେଲାରେ କ'ଣ ରଖାଯାଇଛି, ରାୟ ସାହେବ?"

ରାୟ – "ସରକାର, ଏହା ଭାଙ୍ଗ ଅଟେ। ବହୁତ ବିଧିପୂର୍ବକ ତିଆରି ହେଇଛି ହଜୁର୍।"

ବୁଲ୍ – "ଏହାକୁ ପିଇଲେ କ'ଣ ହେବ ?"

ରାୟ – "ହଜୁରଙ୍କ ଆଖି ଖୋଲିଯିବ। ବଡ଼ ବିଲକ୍ଷଣ ବସ୍ତୁ ଅଟେ ସରକାର।"

ବୁଲ୍ – "ଆମେ ବି ପିଇବା।"

ରାୟ ସାହେବଙ୍କୁ ଜଣାଗଲା ଯେମିତି ସ୍ୱର୍ଗର ଦ୍ୱାର ଖୋଲିଗଲା। ଆଉ ସେ ପୁଷ୍ପକ ବିମାନରେ ବସି ଉପରକୁ ଉଡ଼ିଉଡ଼ି ଚାଲିଛନ୍ତି। ଗ୍ଲାସ୍ ତ ସାହେବଙ୍କୁ ଦେବା ଉଚିତ ନ ଥିଲା, କିନ୍ତୁ କୁଲ୍ହଡ୍‌ରେ ଦେବାକୁ ସଙ୍କୋଚ ହେଉଥିଲା। ଶେଷରେ ଅନେକ ଉପର ତଳ ଭାବି ଗ୍ଲାସ୍‌ରେ ଭାଙ୍ଗ ଢାଳିଲେ ଆଉ ସାହେବଙ୍କୁ ଦେଲେ। ସାହେବ ପିଇଗଲେ। ତା' ସୁଗନ୍ଧରେ ଚିତ୍ତ ପ୍ରସନ୍ନ ହେଇଗଲା।

ତା' ପରଦିନ ରାୟ ସାହେବ ଏହି ସାକ୍ଷାତର ଉତ୍ତର ଦେବାକୁ ଗଲେ। ପ୍ରାତଃକାଳ ଜ୍ୟୋତିଷଙ୍କୁ ମୁହୂର୍ତ୍ତ ପଚାରିଲେ। ଠିକ୍ ସମୟରେ ଚାଲିଲେ। ସାହେବ ସେତେବେଳେ ଭୋଜନ କରୁଥିଲେ। ଖବର ପାଉପାଉ ସଲାମ୍ ଦେଲେ। ରାୟ ସାହେବ ଭିତରକୁ ଗଲେ ତ ମଦର ଦୁର୍ଗନ୍ଧରେ ନାକ ଫାଟିବାକୁ ଲାଗିଲା। ବିଚରା ଇଂରାଜୀ ଔଷଧ ପିଉ ନ ଥିଲେ। ନିଜ ଜୀବନରେ ମଦ କେବେ ଛୁଇଁ ନଥିଲେ। ଇଚ୍ଛା ହେଲା ଯେ ସେ ନାକ ବନ୍ଦ କରିଦିଅନ୍ତେ, କିନ୍ତୁ ଭୟ କଲେ ଯେ ସାହେବ ଖରାପ ନ ଭାବନ୍ତୁ! ଶ୍ୱାସ ରୋକି ବସିଥିଲେ। ସାହେବ ଗୋଟିଏ ଚୁସ୍କି ନେଲେ ଆଉ ଗ୍ଲାସ୍‌କୁ ମେଜ ଉପରେ ରଖି କହିଲେ – "ରାୟ ସାହେବ ମୁଁ କାଲି ଆପଣଙ୍କ ଭାଙ୍ଗ ପିଇଗଲି, ଆଜି ଆପଣଙ୍କୁ ଆମର ଭାଙ୍ଗ ପିଇବାକୁ ପଡ଼ିବ। ଆପଣଙ୍କ ଭାଙ୍ଗ ବହୁତ ଭଲ ଥିଲା। ମୁଁ ବହୁତ ଖାଦ୍ୟ ଖାଇଗଲି।"

ରାୟ – "ହଜୁର୍ ! ଆମେମାନେ ମଦକୁ ହାତରେ ବି ଛୁଉଁନା, ଆମ ଶାସ୍ତ୍ର ଏହାକୁ ଛୁଇଁବା ବି ପାପ ବୋଲି କହିଛି।"

ବୁଲ୍ ହସିକି କହିଲେ – "ନାଇଁ, ନାଇଁ ଆପଣଙ୍କୁ ପିଇବାକୁ ପଡ଼ିବ ରାୟ ସାହେବ! ପାପପୁଣ୍ୟ କିଛି ନୁହେଁ। ଏହା ଆମର ଭାଙ୍ଗ ଅଟେ। କିଛି ଫରକ୍ ନାହିଁ, ସେଥିରେ ବି ନିଶା ହୁଏ, ଏଥିରେ ବି ନିଶା ହୁଏ, ପୁଣି ଫରକ୍ କେମିତି ?"

ରାୟ – "ନା' ଧର୍ମାବତାର, ମଦକୁ ଆମର ଏଠି ବର୍ଜିତ କରାଯାଇଛି।"

ବୁଲ୍ – "ଏମିତି କେବେ ହେଇ ପାରେନା। ଶାସ୍ତ୍ର ମନା କରିବ ତ ଏହାକୁ ବି ମନା କରିବ, ସେଇଟାକୁ ବି ମନା କରିବ। ଆପଣ ଏହାକୁ ପିଅନ୍ତୁ। ଡରନ୍ତୁ ନାହିଁ, ବହୁତ ବଢ଼ିଆ ଅଟେ।" ଏହା କହି ସାହେବ ଗୋଟାଏ ଗ୍ଲାସ୍‌ରେ ମଦ ଢାଳି ରାୟ ସାହେବଙ୍କ ମୁହଁରେ ଲଗାଇଦେଲେ। ରାୟ ସାହେବ ମୁହଁ ଫେରାଇ ନେଲେ ଆଉ ଆଖି ବନ୍ଦ କରି ଦି' ହାତରେ ସାହେବଙ୍କ ହାତକୁ ହଟାଇବାକୁ ଲାଗିଲେ। ସାହେବଙ୍କୁ ଏ ରହସ୍ୟ ବୁଝା ପଡୁନଥିଲା। ସେ ଏଇଆ ବୁଝୁଥିଲେ ଯେ ସେ ଡରିଯାଇ ପିଉ ନାହାନ୍ତି। ନିଜ ମଜଭୁତ ହାତରେ ରାୟ ସାହେବଙ୍କ ବେକ ଧରିଲେ ଆଉ ଗ୍ଲାସ୍‌କୁ ମୁହଁ ଆଡ଼କୁ ବଢ଼ାଇଲେ। ରାୟ ସାହେବଙ୍କୁ କ୍ରୋଧ ଆସିଲା। ସେ ସମ୍ମାନ ସହିତ ସବୁ କିଛି କରି ପାରିବେ, କିନ୍ତୁ ଧର୍ମ ଛାଡ଼ିପାରିବେ ନାହିଁ। ଟିକିଏ କଠୋର ସ୍ୱରରେ କହିଲେ – "ହଜୁର୍, ଆମେ ବୈଷ୍ଣବ ଅଟୁ। ଆମେ ଏହାକୁ ଛୁଇଁବା ବି ପାପ ଭାବୁ।"

ରାୟ ସାହେବ ଏହା ପରେ ଆଗକୁ ଆଉ କିଛି କହି ପାରିଲେନି। କିଛି କ୍ଷଣ ପରେ ପୁଣି କହିଲେ – "ହଜୁର୍ ଭାଙ୍ଗ ପବିତ୍ର ବସ୍ତୁ ଅଟେ। ଋଷି,ମୁନି,ସାଧୁ, ମହାତ୍ମା,ଦେବୀ,ଦେବତା ସମସ୍ତେ ଏହାକୁ ସେବନ କରନ୍ତି। ସରକାର ଆମର ଏଠି ଏହାର ବଡ଼ ମହିମା ଲେଖା ଅଛି। କିଏ ଏମିତି ପଣ୍ଡିତ ଅଛି, ଯିଏ ବୁଟି ଛାଣି ନ ଥିବ। କିନ୍ତୁ ସରକାର ମଦର ନାମ ନେବା ବି ଆମେ ପାପ ମଣୁ।"

ବୁଲ୍ ଗ୍ଲାସ୍ ହଟାଇ ନେଲେ। ଆଉ ଚୌକି ଉପରେ ବସି କହିଲେ - "ତୁମେ ପାଗଳ ଭଳି କଥାବାର୍ତ୍ତା କରୁଛ। ଭାଙ୍ଗ ଓ ମଦ ଦିଟାକୁ ଧର୍ମଗ୍ରନ୍ଥ ଖରାପ କୁହେ। ତୁମେ ତାକୁ ଠିକ୍ ଭାବେ ବୁଝିନ। ନିଶାକୁ ତ ଏଥିପାଇଁ ସାରା ଦୁନିଆ ଖରାପ କୁହେ, କାରଣ ଏହାଦ୍ୱାରା ମଣିଷର ବିବେକ ମରିଯାଏ। ତେବେ ଭାଙ୍ଗ ପିଇବା ଦ୍ୱାରା ପଣ୍ଡିତ ଆଉ ଦେବତା ଲୋକଙ୍କ ବିବେକ କେମିତି ମରେନି! ଏହା ଆମେ ବୁଝି ପାରୁନି, ତୁମର ପଣ୍ଡିତ ଲୋକେ ଭାଙ୍ଗ ପିଇ ରାକ୍ଷସ କାହିଁକି ହୁଅନ୍ତି ନାହିଁ ! ମୁଁ ବୁଝୁଛି ଯେ, ତୁମର ପଣ୍ଡିତ ଲୋକ ଭାଙ୍ଗ ପିଇ ଶେଷ ହେଇଗଲେଣି। ତେବେ ତ ସେମାନେ କୁହନ୍ତି ଏଇଟା ଅଛୁତ, ସେ ଅପବିତ୍ର, ରୁଟି ଖାଇବୁନି, ମିଠାଇ ଖାଇବୁ। ଆମେ ଛୁଇଁ ଦେବୁ ତ ତୁମେ ପାଣି ପିଇବନି। ଏହି ସବୁ ବେକାର ଲୋକଙ୍କ କଥା। ଆଚ୍ଛା ସଲାମ୍ !"

ରାୟ ସାହେବଙ୍କ ଦେହରେ ଜୀବନ ଆସିଲା। ପଡ଼ିଉଠି ବାରଣ୍ଡାକୁ ଆସିଲେ, ଆଉ ଗାଡ଼ିରେ ବସି ଘର ଆଡ଼କୁ ଚାଲିଲେ। ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

# କବିତା ଆଉ ମୋ ଭିତରେ

ଉଦାସପଣ କେତେ ଯେ ସୁନ୍ଦର
ବରଷକ ଯାକ କବିତା ବୁଝାଇଲା
ନିଶୂନ ସଡ଼କରେ ନେଇ ବୁଲାଇଲା
ସନ୍ତପ୍ତ ଦୁନିଆ, ଉଦାସୀ ଚେହେରାର
କାହାଣୀ ଶୁଣାଇ

ଗଛତଳେ ବସାଇ
ବିଛେଇ ପଡ଼ିଥିବା ପତ୍ରମାନଙ୍କୁ
ପାପୁଲିରେ ଧରି
ପତ୍ରଝଡ଼ାର ନିଷ୍କର୍ଷ ବିଷୟରେ କୁହେ
ହସୁଥିବା ଲୋକମାନଙ୍କୁ ପଚାରିବାକୁ କହେ
ଅସମୟରେ କାହିଁକି ଯେ ହସୁଛନ୍ତି
ତାଙ୍କ ପାଖରେ ହସିବାର ସମୟ ଅଛି କି?
ଯେତେବେଳେ କି ପିଠି ପଛରେ ଆସୁଥାଏ
କ୍ରନ୍ଦନ-ଚିତ୍କାର-ହାହାକାର
ଆଲିଙ୍ଗନବଦ୍ଧ ଫୁସୁରୁଫାସର ପ୍ରେମ କରୁଥିବା
ଯୋଡ଼ିଙ୍କୁ ପଚାର
ତାଙ୍କୁ ଟିକିଏ ବି ଚିନ୍ତା ଅଛି
କାଲିର ପାଗ
ପ୍ରାଣଘାତକ ହୋଇପାରେ

ପଚାର ପଚାର ତାଙ୍କୁ ଯେଉଁମାନେ ଖୁସିରେ ଡେଇଁ
ତାଳି ମାରୁଛନ୍ତି, ସେମାନେ ଜାଣନ୍ତିନି କି?
ଚଳପ୍ରଚଳ ନିଃଶ୍ୱାସର କ'ଣ ବା ଭରସା
କେତେବେଳେ ବି ଅଟକି ଯାଇପାରେ ଆଉ ବାଲି ଘର ପରି
ଦେଖୁ ଦେଖୁ ଭୁଷୁଡ଼ି ପଡ଼ିବ ସମ୍ପୂର୍ଣ୍ଣ କୋଠାଘର
ପାରୁଛ ଯଦି ସମୟ ବଞ୍ଚାଅ
ପାରୁଛ ଯଦି ପ୍ରତି ପାହୁଣ୍ଡକୁ ପରୀକ୍ଷା କର
ଏସବୁ କି ରାସରଙ୍ଗ ଯେଉଁଠି ମିନିଟ୍‌ରେ ଯିବା ଆସିବା ନିର୍ଦ୍ଧାରିତ
ଦିନେ ମୁଁ ପଚାରି ବସିଲି
କ'ଣ ପାଇଁ ବସନ୍ତକୁ ମୁଁ ଜୀବନର
ନିଷ୍କର୍ଷ ବୋଲି ମାନିନେବି
ଯେତିକି ସତ୍ୟ ପତ୍ରଝଡ଼ା, ସେତିକି ବସନ୍ତ ବି
ଜୁଇ ନିଆଁ ଶୀତଳ ନ ହେଲେ ବି ଜନ୍ମ ବା କେଉଁଠି ଅଟକିଛି?
ବିୟୋଗ ଯଦି ସଦାସର୍ବଦା ତ ପ୍ରେମ କେଉଁଠି ନ ଫୁଟେ?
ଲକ୍ଷେ ସ୍ୱପ୍ନର ଅକାଳ ମୃତ୍ୟୁ ହେଲେ ବି
ଏଠାରେ ପ୍ରତ୍ୟେକ ପତ୍ର ସ୍ୱପ୍ନରେ କେଉଁ କ୍ଷଣେ ଯେ ବଞ୍ଚିନାହାନ୍ତି

ବଞ୍ଚିବି ଯେତେଦିନ
ରହିବି ବସନ୍ତ ସହିତ
ବନ୍ଧୁଗଣ, ଏ ତର୍କ ବିତର୍କ ଏଯାବତ୍ ଚାଲିଛି
କବିତା ଓ ମୋ ଭିତରେ। ■



ମୂଳ ହିନ୍ଦୀ: ରାଜକିଶୋର ରାଜନ
ଅନୁବାଦ: ଅଞ୍ଜୁମନ ଆରା



# ଦୁଃଖ

ତୁମ ଯିବାର ଦୁଃଖ ନାହିଁ
ମୋତେ ଛାଡ଼ି
ତୁମର ଯିବା ସୁନିଶ୍ଚିତ ଥିଲା
ତୁମକୁ କୋଉ କହିପାରିଲି
ତୁମେ ଅଛ ବୋଲି ଏ ଦୁନିଆ
ବଞ୍ଚିବା ପାଇଁ ଉପଯୁକ୍ତ

ଦିନେ ନା ଦିନେ ଏ ଦୁନିଆ
ତୁମ ପରି ସୁନ୍ଦର ହେବ
ଯଦିଓ ତାକୁ ଦେଖିବା ପାଇଁ
ମୁଁ ନଥିବି। ■

ହିନ୍ଦୀ ବିଭାଗ, ପ୍ରଫେସର ଏବଂ ଅଧ୍ୟକ୍ଷ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮୬୨୯୭୮୬

# ରବର୍ଟ ଫ୍ରଷ୍ଟଙ୍କ କବିତାରେ ଜୀବନର ଅନ୍ୱେଷା



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ଇଂରାଜୀ ସାହିତ୍ୟର ଆଧୁନିକ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ କବି ହେଉଛନ୍ତି ରବର୍ଟ ଲି. ଫ୍ରଷ୍ଟ (୧୮୭୪-୧୯୬୩)। ଆମେରିକାର ଏହି ଜନପ୍ରିୟ କବି ପାରିବାରିକ ଦୁରାବସ୍ଥା ଭିତରେ ମଧ୍ୟ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି। ପ୍ରକୃତିର ବିବିଧ ସୌନ୍ଦର୍ଯ୍ୟ ପ୍ରତି ସମର୍ପିତ ତାଙ୍କ କବିତାରେ ବାସ୍ତବବାଦୀ ସ୍ୱର ମଧ୍ୟ ଦେଖିବାକୁ ମିଳିଥାଏ। ଗ୍ରାମୀଣ ଜୀବନ, ସାଧାରଣ ଲୋକଙ୍କ କଥା ତଥା ଜୀବନ ଜଟିଳତାର ସରଳ ଚିତ୍ରଣ ଯୋଗୁଁ କବିତାଗୁଡ଼ିକ ଲୋକପ୍ରିୟ ହୋଇଥାଏ।

ମନୋରମ ପ୍ରକୃତି ମଧ୍ୟରେ ମାନବିକ ପ୍ରକ୍ରିୟା ଓ ମାନବ-ପ୍ରାଣରେ ପ୍ରକୃତିର ଅପରୂପ ପ୍ରଭାବ ହିଁ ପ୍ରକୃତି କବି ୱିଲିୟମ୍ ୱାର୍ଡସୱର୍ଥଙ୍କ ସାହିତ୍ୟର ଅନ୍ତଃସ୍ୱର। ତେବେ ଅନ୍ୟତମ ପ୍ରକୃତି କବି ରବର୍ଟ ଫ୍ରଷ୍ଟ ତାଙ୍କ ସାହିତ୍ୟରେ ପ୍ରକୃତିର ବାସ୍ତବ ଦିଗକୁ ଆକଳନ କରିପାରିଛନ୍ତି। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ କେବଳ ବିଭୋର ହୋଇ ନାହାନ୍ତି। ଏହାର ଅନ୍ଧାର ଦିଗକୁ ମଧ୍ୟ ଦେଖିବାରେ ସମର୍ଥ ହୋଇଛନ୍ତି। ଏଭଳି ଏକ ବଳିଷ୍ଠ କବିତା ହେଉଛି 'Stopping by Woods on a snowy evening'। ଏକଦା ରାସ୍ତାରେ ଯାଉଥିବା ବେଳେ ଘୋଡ଼ାରୁ ଓହ୍ଲାଇ ବରଫାବୃତ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କବି ଅଟକିଛନ୍ତି। କିନ୍ତୁ ଘୋଡ଼ା ଏହାକୁ ପସନ୍ଦ କରି ନାହିଁ। ତା'ର ବେକର ଘଣ୍ଟିକୁ ହଲାଇ ସତର୍କ କରୁଛି, ଆହୁରି ଆଗକୁ ଯିବା ପାଇଁ। ମଣିଷ ମନର ଇଚ୍ଛା ବିରୁଦ୍ଧରେ ଘୋଡ଼ା ରୂପୀ ବିବେକର ସତର୍କ ଘଣ୍ଟି ବାଜୁଛି। ଅଭିଭୂତ ମଧ୍ୟରେ ସଚେତନତା ନିଜକୁ ନୂତନ ଭାବରେ ଅବିଷ୍କାର କରିବାର ପ୍ରାଜ୍ଞବୋଧ ସୃଷ୍ଟି ହୋଇଛି। ବହୁ ଲୋକଙ୍କ ପସନ୍ଦ ହୋଇଥାଏ ଜୀବନର ଦର୍ଶନ ଆଧାରିତ ଏହି କବିତାର ଶେଷ ପଂକ୍ତି "The woods are lovely, dark and deep..." ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ କବିଙ୍କ ଏହି ଶେଷ ପଂକ୍ତି ହେଉଛି-

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ।
ତେଣୁ ତୁ ଆପଣା ସଂକଳ୍ପେ ଅଟଳ
ଅଚଳ ରହରେ ମନ।
ଆଗକୁ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକି।
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି।"

ସେହିପରି କବିଙ୍କ ଜୀବନଧର୍ମୀ ଅନ୍ୟତମ କବିତା 'The road not taken' ମଣିଷ ଜୀବନର ମହାମନ୍ତ୍ର ଅଟେ। ବିଭକ୍ତ ହୋଇ ଦୁଇଟି ରାସ୍ତା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ସ୍ୱଳ୍ପ ବ୍ୟବହୃତ ତଥା କଷ୍ଟକର ରାସ୍ତାକୁ କବି ଆପଣେଇଛନ୍ତି। ଜଟିଳ ରାସ୍ତାରେ ମଧ୍ୟ ଜୀବନର ଦୁଃସାହସିକତା ଅନୁଭବ କରିହୁଏ ଓ ସଫଳତା ମିଳିଥାଏ। ଏମିତି ମଣିଷ ଜୀବନରେ ଅନେକ ଦୋଛକି ଆସିଥାଏ। ନିର୍ଦ୍ଦିଷ୍ଟ ପସନ୍ଦକୁ ବାଛିବା କଷ୍ଟକର ହୋଇଥାଏ। ଜୀବନରେ ଗତିପଥକୁ ନିରୂପଣ କରିବା ପାଇଁ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱ କବିତାର ମୁଖ୍ୟ ଦିଗ ଅଟେ। କବିଙ୍କ ଆହୁରି ଏକ ପ୍ରତୀକଧର୍ମୀ କବିତା ହେଉଛି 'Fire & Ice'। କବି କହୁଛନ୍ତି, ଯଦି ପୃଥିବୀ ଧ୍ୱଂସ ହେବ ତା' ହେଲେ ଉତ୍ତପ୍ତ ଅଗ୍ନିରେ କିମ୍ବା ଜମାଟ ବାନ୍ଧିଥିବା ଶୀତଳ ବରଫରେ। ମଣିଷ ଅଧିକ ପାଇବାର ଇଚ୍ଛା ଅଥବା କାମନା ରୂପକ ଉତ୍ତାପ ହିଁ ସମାଜକୁ ଧ୍ୱଂସ କରିବ। ଠିକ୍ ସେହିପରି ବରଫ ଭଳି ଜମାଟ ବାନ୍ଧିଥିବା ମଣିଷ ମନର ଘୃଣା ସମାଜକୁ ରସାତଳଗାମୀ କରିବ। ତେଣୁ ଇଚ୍ଛା-ଅନିଚ୍ଛା, ପ୍ରେମ-ଘୃଣା ଆଦି ଯେ କୌଣସି ବିଷୟ ହେଉ ଜୀବନରେ ସମତୁଲ ରଖିବା ହିଁ ଜୀବନ ଜୀଇଁବାର ମନ୍ତ୍ର ଅଟେ। ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ଆଶା-ନିରାଶାକୁ ନେଇ ମଣିଷ ଜୀବନ। ତେଣୁ ସବୁବେଳେ ଜଟିଳ ମିଶ୍ରିତ ବାସ୍ତବବାଦ, ନୈରାଶ୍ୟବାଦ ସହ ଅଦ୍ୱିତୀୟ ଆଶାବାଦ ହିଁ କବିଙ୍କ ସାହିତ୍ୟର ଦର୍ଶନ ଅଟେ। "ପାଚେରୀ ଭଲ ଥିଲେ ପଡ଼ୋଶୀ ଭଲ ରୁହନ୍ତି" ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଲେଖକ। ମଣିଷର ଆଚରଣ ଭଲ ଥିଲେ କୌଣସି ପାଚେରୀର ଆବଶ୍ୟକତା ରହିବ ନାହିଁ ବୋଲି ତାଙ୍କ କବିତା 'Mending Wall' ବାର୍ତ୍ତା ଦେଇଥାଏ। ଭାଇ-ଭାଇ, ପାଖ-ପଡ଼ୋଶୀ କି ପରସ୍ପର ମଧ୍ୟରେ ସଂପର୍କର ତିକ୍ତତା, ଅହଂ ପ୍ରତିଦ୍ୱନ୍ଦ୍ୱିତା ଏକ ଧ୍ୱଂସାଭିମୁଖୀ ବିଶ୍ୱକୁ ଆମନ୍ତ୍ରିତ କରୁଥିବା ସମାଜ ପାଇଁ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଲୋକ ଗହଣରେ ଥାଇ ମଧ୍ୟ ସାଂପ୍ରତିକ ସମାଜରେ ନିଃସ୍ୱ, ନିଃସଙ୍ଗ, ନିରାଶା ତଥା ଏକାକୀତ୍ୱ ହେଉଥିବା ସ୍ୱୟଂ ନିର୍ଯାତନା ମଣିଷ ଜୀବନକୁ ନଷ୍ଟ ଭ୍ରଷ୍ଟ କରୁଛି। ଅନେକ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ କବିଙ୍କ ସନେଟ୍ 'Acquainted with the Night' ଏକ ସଫଳ ବାର୍ତ୍ତା ଅଟେ।

ଚିନ୍ତା-ଚେତନା, ବାସ୍ତବ-କଳ୍ପନା, ସ୍ୱପ୍ନ-ସମ୍ଭାବନା ମଧ୍ୟରେ ଥିବା ବ୍ୟବଧାନକୁ ଦେଖିପାରିଛନ୍ତି କବି ରବର୍ଟ ଫ୍ରଷ୍ଟ। ଗୋଟିଏ ଆକାଶରେ ଚନ୍ଦ୍ର ଓ ସୂର୍ଯ୍ୟ ଥାଆନ୍ତି, ତଫାତ୍ ହେଉଛି ଦିନ ଓ ରାତି। ଠିକ୍ ସେହିପରି ଗୋଟିଏ ଶରୀରରେ କାମନା ବାସନାର ଲାଳସା ଓ ତୁଳସୀର ପବିତ୍ରତା ବି ପୂର୍ଣ୍ଣ ହୋଇଥାଏ, କିନ୍ତୁ ଫରକ୍ ହେଉଛି ମନ ଓ ବିବେକ। ମନ ଓ ବିବେକ ମଧ୍ୟରେ ଅନବରତ ସଂଗ୍ରାମ ଚାଲିଛି। ବିବେକ ହାରିଗଲେ ଅଭ୍ୟାସ କାବୁ କରିବ ଓ ମନ ହାରିଗଲେ ମଣିଷ ଅଭ୍ୟାସକୁ ମାରି ପାରିବ। ଆଜି ଏ ଦୋ ଛକିରେ ସମଗ୍ର ମଣିଷ ସମାଜ। ରାଜନୀତିର ଷଡ଼ଯନ୍ତ୍ରରେ ବିବସନା ହେଉଥିବା ଦ୍ରୌପଦୀ ବି ଦୋଛକିରେ ଥିଲେ, କିନ୍ତୁ ସଂଗ୍ରାମ କରିବାର ବଜ୍ର ଶପଥ ଗ୍ରହଣ କରିଥିଲେ। ଦିନେ ଅର୍ଜୁନ ବି ମହାଭାରତ ଯୁଦ୍ଧର ଦୋ ଛକିରେ ଛିଡ଼ା ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣ କହିଥିଲେ- କର୍ମଣ୍ୟେ ବାଧିକାରସ୍ତେ...। ପଦ୍ମପତ୍ରର ଲିପ୍ତତା ଓ ନିର୍ଲିପ୍ତତା ଭଳି ବିକାର ଭିତରେ ନିର୍ବିକାର ଓ ନିର୍ଲିପ୍ତ ଖୋଜିବାକୁ ହେବ। ସରଳ ରେଖାରେ ନୁହେଁ, ଇସିଜି ପରୀକ୍ଷା କରୁଥିବା ଡାକ୍ତରଙ୍କ ଅଙ୍କାବଙ୍କା ଗାରରେ ହିଁ ଜୀବନ ଥାଏ। ତେଣୁ ବାସ୍ତବବାଦୀ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଜୀବନ ଦର୍ଶନ ହିଁ ସମୟର ଆହ୍ୱାନ ଅଟେ। ■

ବରଗଡ଼
ମୋ: ୯୩୮୨୭୭୬୩୫

# ପୁସ୍ତକ ପରିଚୟ

## ଅମୃତପୁରୁଷ ଶ୍ରୀଜଗନ୍ନାଥ

ସଂକଳନ ଓ ସଂପାଦନା
ପୀତବାସ ରାଉତରାୟ




ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର-୧୯
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ: ୨୦୨୫
ମୂଲ୍ୟ: ୪୦୦ ଟଙ୍କା

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀମନ୍ଦିରରେ ବିରାଜିତ ଦେବଦେବୀଙ୍କ ପୂଜାପାର୍ବଣ, ବସନ, ଭୂଷଣ, ଭୋଗ, ସେବା କାର୍ଯ୍ୟରେ ସମର୍ପିତ ଅନେକ ସେବକ। ଶ୍ରୀଜୀଉଙ୍କ ସେବାରେ ସମର୍ପିତ ସେଭଳି କିଛି ସେବକଙ୍କ ଅନୁଭୂତି ଓ ଅନୁଭବକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ। ଶ୍ରୀମନ୍ଦିରର ସେବାୟତଙ୍କ ନିଆରା ଅନୁଭୂତି, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ କେତୋଟି ହୃଦୟସ୍ପର୍ଶୀ ଗପ, କବିତା, ପ୍ରବନ୍ଧ, ସ୍ମୃତିକଥା, ସାକ୍ଷାତକାର ସଂକଳିତ ହୋଇଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ବଡୁସୁଆର ସେବକ ବିଶ୍ୱନାଥ ସାମନ୍ତରା, ଚୁନରା ସେବକ ଶରତ କୁମାର ମହାନ୍ତି, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ଗରାବଡୁ ସେବକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଶ୍ରୀଜଗନ୍ନାଥଙ୍କ କରଣ ସେବକ ରବିନାରାୟଣ ଦାସ, ଦଇତାପତି ସୁଦର୍ଶନ ଦାସମହାପାତ୍ର ପ୍ରମୁଖ ସେବକଙ୍କ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି ଏହି ପୁସ୍ତକରେ। ସେହିପରି ବଳଦେବ ମହାରଥାଙ୍କ 'ଅମୃତପୁରୁଷ ଏକ ଅତିବାସ୍ତବ ପରିକଳ୍ପନା', ରଜତ କୁମାର କରଙ୍କ 'ଜଗନ୍ନାଥଙ୍କୁ ଜର', ଅଚ୍ୟୁତାନନ୍ଦ ପତିଙ୍କ 'ସବୁ କରାଉଥିବାର ଠାକୁର' ପ୍ରଭୃତି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କୁ ଭକ୍ତିଭାବରେ ତଲ୍ଲୀନ କରିବ ନିଶ୍ଚୟ। ■

## ପାପ ଓ ଅନ୍ୟାନ୍ୟ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର କିଛି କଥା ଓ ବ୍ୟଥାରେ ଯେତେବେଳେ କଳ୍ପନାର ରଙ୍ଗ ବୋଳି ଦିଆଯାଏ, ସେଇଠି ସୃଷ୍ଟି ହୁଏ ଏକ ମନଛୁଆଁ ଗପ। ଜୀବନର ଏଭଳି କିଛି ନିଆରା ଅନୁଭୂତି ଓ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୭ଟି ଗପ ସଂକଳିତ ହୋଇଛି। 'ପାପ', 'ଜନ୍ମାନ୍ତର', 'ବୁଝାମଣାର ଜୀବନ', 'ପ୍ରଶ୍ନବାଚୀ', 'ଅବିଶ୍ୱାସ', 'ସାୟାହ୍ନର ବର୍ଣ୍ଣବିଭା', 'ଲେଉଟାଣି', 'ନିଖୋଜ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜୀବନର କିଛି ଅଭୁଲା ମୁହୂର୍ତ୍ତ, ଘଟଣା, ବାସ୍ତବ ଚରିତ୍ରକୁ ଆଧାର କରି ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ। ମଣିଷର ସବୁ କିଛି ଥିଲେ ମଧ୍ୟ କେବେ କେବେ ଜୀବନ ନିଃସଙ୍ଗ ମନେ ହୁଏ – ଏଭଳି ଏକ ବାସ୍ତବ କଥା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି 'ନିଃସଙ୍ଗ ଜୀବନ' ଗପରେ। ରୁପା ଓ ମୁକୁନ୍ଦ ମାଷ୍ଟ୍ରେ ଚରିତ୍ର ଭିତରେ ଏହି ନିଃସଙ୍ଗ ଜୀବନକୁ ପାଠକମାନେ ଅନୁଭବ କରିପାରିବେ। ସେହିପରି ମଣିଷ – ମଣିଷ ମଧ୍ୟରେ ଆକର୍ଷଣରେ ନଥାଏ ବୟସ ବା ପଦପଦବିର ତାରତମ୍ୟ ନଥାଏ। ଏହା ପ୍ରମାଣିତ ହୋଇଛି 'ଆକର୍ଷଣ' ଗପର 'ଅଙ୍କିତା ମାଡାମ୍' ଓ 'ଅମର'ଙ୍କ ସମ୍ବନ୍ଧରୁ। ମାନବୀୟ ସଂପର୍କ, ମଣିଷର ସୁଖ-ଦୁଃଖ, ଆବେଗ-ଅନୁରାଗ, ଭୋଗ-ଅନିଭୋଗ, ସାମାଜିକ ବାସ୍ତବତାକୁ ଅତି ଚମତ୍କାର ଭାବେ ଗାଳ୍ପିକ ଏହି ପୁସ୍ତକର ଗପଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଚେତନାର ଚିତ୍ରଲିପି

ଲକ୍ଷ୍ମୀପ୍ରିୟା ପୃଷ୍ଟି




ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଗରମ ଜାଉରୁ ଶିବେଇ ସାନ୍ତରା/ ଶିଖିଲେ ମନ୍ଦିର ଗଢ଼ି,/ ଯେଉଁ ମନ୍ଦିରରେ ରହିଥିଲା ଶିଳ୍ପୀ/ ଜୀବନ ଯନ୍ତ୍ରଣା ଜଡ଼ି।" (କଳ୍ପନାର କୋଣାର୍କ) ବିଶ୍ୱ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଅଭିଭୂତ କରେ, ସେହିପରି ଏହି ମନ୍ଦିର ନିର୍ମାଣ ପଛର ଇତିହାସ ଆଶ୍ଚର୍ଯ୍ୟଚକିତ କରେ। କୋଣାର୍କ ମନ୍ଦିରର ଇତିହାସ, ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପୀମାନଙ୍କ ଜୀବନଯନ୍ତ୍ରଣା ଅତି ହୃଦୟସ୍ପର୍ଶୀ ଭାବେ ପ୍ରକାଶ ପାଇଛି ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ 'ଚେତନାର ଚିତ୍ରଲିପି' ପୁସ୍ତକର କବିତାଗୁଡିକରେ। ଏହି ପୁସ୍ତକର କବିତାଗୁଡ଼ିକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'କଳ୍ପନାର କୋଣାର୍କ'ରେ ଏକାବନଟି ଓ ଦ୍ୱିତୀୟ ଭାଗ 'ଏକପଦୀ'ରେ ୨୬୪ଟି ମନଛୁଆଁ ଏକପଦୀ କବିତା ସଂକଳିତ ହୋଇଛି। 'କଳ୍ପନାର କୋଣାର୍କ'ରେ କୋଣାର୍କର ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଭଗ୍ନସ୍ତୁପ ପାଲଟିବା ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଭାଗର ଏକପଦୀଗୁଡ଼ିକରେ ଋତୁ ବର୍ଣ୍ଣନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଈଶ୍ୱର ଭକ୍ତି, ମାନବୀୟ ପ୍ରେମ, ଜୀବନବୋଧ, ମୃତ୍ୟୁଚେତନା, ନିଃସଙ୍ଗବୋଧ ଆଦି ପ୍ରତିଫଳିତ ହୋଇଛି। କମ୍ ଶବ୍ଦ, ସରଳ ଭାଷା ଓ ନିରାଡ଼ମ୍ବର ଶୈଳୀରେ ନିଜର ଭାବକୁ କବି ପ୍ରକାଶ କରିଛନ୍ତି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଏ। ■

# ଅନ୍‌ଲାଇନରେ ପତିତପାବନ ବାନା

## ବିକ୍ରି ପାଇଁ ଅନୁମତି ଦେଇଛି କିଏ ?

**ପୁରୀ,୨୬।୭(ସମିସ):** ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି କିଏ ଦେଇଛି ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନରେ ବିକ୍ରି ହେଲେ ଏହିସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନୀ କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ। ଏଠାରେ ପ୍ରଶ୍ନଉଠୁଛି ଅନ୍‌ଲାଇନରେ ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ଏବେ




ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଫ୍ଲିପ୍‌କାର୍ଟ୍‌ରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ଅନ୍ୟ କେଉଁଠାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବାବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଅନ୍ୟପକ୍ଷରେ ଚୁନରା ସେବକଙ୍କ ମତରେ ଯେ କେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛି କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏ ନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରିବ, କିନ୍ତୁ ମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

## ବାସୁଦେବପୁର ପୌରାଧ୍ୟକ୍ଷାଙ୍କ ଘରୁ ନେଇଗଲେ ୧୫ଲକ୍ଷର ଗହଣା, ନଗଦ ୧୦ ଲକ୍ଷ

**ବାଲେଶ୍ୱର,୨୬।୭(ସମିସ):** ବାଲେଶ୍ୱର ସହରରେ ଚୋରି ଡକାୟତି ବଢ଼ି ଚାଲିଛି। ସଦର ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିବା ଭଦ୍ରକ ବାସୁଦେବପୁର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ୧୫ ଲକ୍ଷର ସୁନାଗହଣା ସହ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ନିବେଦିତାଙ୍କ ସ୍ୱାମୀ ଶୁଭେନ୍ଦୁ ଭୂଷଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଆଲୋକ ରାୟ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଲୁଟ୍‌ର ସମସ୍ତ ଦୃଶ୍ୟ ଆପାର୍ଟମେଣ୍ଟର ସିସିଟିଭିରେ କଏଦ୍ ହୋଇଛି। ପୁଲିସ୍ ତାହାକୁ ତର୍ଜମା କରି ଲୁଟେରାଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, no. 1147/25 dtd.25.07. 2025, I Sri Kumuti Kutruka, S/o- Late Raiphul Kutruka resident of Vill.- Dambakupa, Po.- Jhigidi, Ps.- Bissam Cuttack, Dist.- Rayagada, Odisha state that, actual name of my son is **Bijaya Kutruka** but in his Aadhar card his name has been wrongly mentioned as Biju Kutruka and date of birth wrongly mentioned as 01/01/2013 instead of 09/11/2007. Hence actual name of my son is **Bijaya Kutruka** and **DOB: 09/11/2007** for all purposes.

**AFFIDAVIT**

I, Sanjay Poddar, aged about 52 years, S/o- Shyam Sundar Poddar, resident of At- Old Station Road, Rourkela, Ps- Plant Site, Dist- Sundargarh, Odisha, Pin- 769004 declare by this affidavit No. 1462, dtd. 24.07.2025, that now onwards I shall be known as **SANJAY KUMAR PODDAR** for all future purposes.

**AFFIDAVIT**

I, Upendra Prasad Pandia S/o Late-Lakshman Pandia, Resident of Vill-Kanhupur, PO-Manipur, Via-Tudigadia, Dist-Baleswar, Odisha Pin-756047, declare by this affidavit No 3014 Dated 16.07.2025 that now onwards I shall be known as **UPENDRA PANDIA** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 26/07/2025, I, Sri Khagapati Petia, S/o Pachu Petia, Vill.- Hadaput, Po.- Nandapur, Ps.- Nandapur, District- Koraput declare that, I have changed my son's name from **Kailash Chandra Petia** to **Kailash Petia**. Henceforth, my son shall be known as **Kailash Petia** for all purposes.
Sd/-
Khagapati Petia

**AFFIDAVIT**

By virtue of an affidavit sworn before Executive Magistrate Keonjhar dated 11th July 2025, I, Hemanta Kumar Kalandi, Address At/Po-Khendra, Ps-Jhumpura, Dist-Keonjhar, Odisha, India, Pin Code-758031 declare that I have changed the name of my son from Udit Kumar Kalandi to Pratyush Kalandi. Henceforth, he shall be known as **Pratyush Kalandi** for all purposes.

**AFFIDAVIT**

By virtue of an affidavit sworn before Notary Public, Cuttack, no. 9395/23725 dated 22.07.2025, I, HIMANSHU SEKHAR SATAPATHY, S/o-Umesh Chandra Satapathy, resident of At- Lochapada Bank Colony, Third Lane, Gate Bazar, Brahmapur Sadar, Dist.- Ganjam-760001, Odisha, state that, my actual name is **Himanshu Sekhar Satapathy** but in my Passport my name has been wrongly mentioned as Himanshu Sekher Satpathy. Hence **Himanshu Sekher Satapathy** and **Himanshu Sekhar Satapathy** is one and same person. That I will be known as **Himanshu Sekhar Satapathy** from now onwards.

## ପିକ୍‌ଅପ୍ ଧକ୍କାରେ ସାମ୍ବାଦିକ ମୃତ

**ତରଭା, ୨୬।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ବୈରାସର ନିବାସୀ ରାଜକୁମାର ମାହାଣା (୭୫)ଙ୍କ ଆଜି ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସକାଳୁ ସକାଳୁ ସେ ତାଙ୍କ ପଡ଼ୋଶୀ ପ୍ରଦୀପ ଅଗ୍ରୱାଲଙ୍କ ସହ ଚା' ପିଇବା ପାଇଁ ବାଇକ୍‌ରେ ବୈରାସର ବସଷ୍ଟାଣ୍ଡକୁ ଯାଇଥିଲେ। ଚା' ଦୋକାନ ସମ୍ମୁଖରେ ଶ୍ରୀ ମାହାଣା ବାଇକ୍‌ରୁ ଓହ୍ଲାଉଥିବା ବେଳେ ବଲାଙ୍ଗୀରରୁ ସୋନପୁର ପଟକୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ତାଙ୍କ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଶ୍ରୀ ମାହାଣା ରାସ୍ତା ଉପରେ ଛିଟିକି ପଡ଼ିବା ପରେ ତାଙ୍କ



ଡାହାଣ ଜଙ୍ଘ ଓ ବାମ ଆଣ୍ଠୁ ଉପରେ ଗାଡ଼ିଟି ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ସାମାନ୍ୟ ଆହତ ହୋଇଥିବା ପ୍ରଦୀପଙ୍କ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ରାଜକୁମାରଙ୍କ ମରଶରୀର ବ୍ୟବଚ୍ଛେଦ ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଜିତେନ୍ଦ୍ର ମାହାଣା ମୁଖାଗ୍ନି ଦେଇଥିଲେ।

## ନାବାଳିକା ପୋଡ଼ି ଘଟଣା

# ଆଉ ୪ ଜଣଙ୍କ ବୟାନ ରେକର୍ଡ

**ବଳଙ୍ଗା/ନିମାପଡ଼ା,୨୬।୭(ସମିସ):** ବଳଙ୍ଗା ଘଟଣାରେ ମୁହଁ ଖୋଲିଛନ୍ତି ଏସ୍‌ପି ପିନାକ୍ ମିଶ୍ର। ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ଏ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁ ଆଉ ଟିକେ ସମୟ ଲାଗୁଛି। ତଦନ୍ତ ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି।

### କୌଣସି ନିଷ୍କର୍ଷରେ ଆମେ ପହଞ୍ଚି ପାରିନୁ: ଏସ୍‌ପି

ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡ଼ୁ, ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ। ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ। ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି। ଏପଟେ ଶୁକ୍ରବାର ବଳଙ୍ଗା ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍‌ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ବର୍ତ୍ତମାନ ପୁରୀ ଏସ୍‌ପିଙ୍କ ବୟାନ ଘଟଣାରେ ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି।



ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି ପୁଲିସର ନିଷ୍କ୍ରିୟତା।

ସେପଟେ ଏହି ଘଟଣାରେ ପୁରୀ ହେଡ୍‌କ୍ୱାର୍ଟର ଏସ୍‌ଡିପିଓଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ପ୍ରମୁଖ ୪ ଜଣଙ୍କ ଶନିବାର ସନ୍ଧ୍ୟାରେ ନିମାପଡ଼ା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଏହି ୪ଜଣଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା।

## କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍ ନେଲା ମହିଳାଙ୍କ ଜୀବନ

**କଣ୍ଟାବାଞ୍ଜି/ତୁରେକେଲା,୨୬।୭(ସମିସ):** କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍‌ରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲପାଟିଗାଁର ଡିଙ୍ଗରପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟା। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ପରିବାର

ସୂଚନାନୁଯାୟୀ, କିଛି ଦିନ ଧରି ଭଗବାନୀ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଗାଁରେ ବୁଲୁଥିବା କ୍ୱାକ୍ ଲର୍କିଗାଁର ଗଂଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ ଏକ ଇଞ୍ଜେକସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଭଗବାନୀ ଅଚେତ ହୋଇଯାଇଥିଲେ। ତାଙ୍କ ଚେତା ନ ଫେରିବାରୁ ପରିବାରଲୋକ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାରବର୍ଗ ସମ୍ପୃକ୍ତ କ୍ୱାକ ଗଂଜିତ ମେହେରଙ୍କ ବିରୋଧରେ ତୁରେକେଲା ଥାନାରେ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ଗଂଜିତ ଦେଇଥିବା ଉକ୍ତ ଇଞ୍ଜେକସନ୍‌କୁ ପୁଲିସ୍‌କୁ ଦେଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-357ER, ତା.18.07.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 1x25 kV [illegible] (TSS), ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SP) ଏବଂ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SSP)ର [illegible] ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2079.58 ଲକ୍ଷ, EMD (ଟଙ୍କାରେ) : 11,89,800/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.08.2025 ଦିନ 1200 ଘଣ୍ଟାରେ।

[illegible] (Firm) [illegible]

[illegible] www.ireps.gov.in [illegible] 15(ପନ୍ଦର) [illegible] IREPS [illegible]

[illegible] B, G ଏବଂ G1ର [illegible] 2 ର ଅନୁଲଗ୍ନକ-I, [illegible] 3.1 [illegible]

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-66/CI/25-26

**AFFIDAVIT**

I, Rina Raul, aged about 45 years, W/o- Prabodha Kumar Samal, resident of At- Mundideuli, Po/Ps- Kamakhyanagar, Dist- Dhenkanal, Odisha, Pin- 759018 declare by this affidavit No. 1461, dtd- 25/07/2025, that now onwards I shall be known as **RINARANI SAMAL** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଝୁଲିଲା...

ପ୍ରଥମେ ରାଜ୍ୟ କମିଟି, ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନେଇ ଆଲୋଚନା ହୋଇଛି। ଏହାସହ ବୋର୍ଡ ଏବଂ ନିଗମ ପଦ ନେଇ ମଧ୍ୟ ଖୁବଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିଗମ, ବୋର୍ଡରେ ଦୀର୍ଘଦିନ ଧରି ନିଯୁକ୍ତି ହୋଇନଥିବାରୁ ଏଗୁଡ଼ିକ ପ୍ରାୟ ଅକାମୀ ଅବସ୍ଥାରେ ରହିଛି। ବିଭିନ୍ନ ଅକାଦେମୀ ଏବଂ କମିଶନ ମଧ୍ୟ ସମଦଶା ଭୋଗୁଛନ୍ତି। ଏଗୁଡ଼ିକ ସବୁ ରାଜ୍ୟ ସରକାର ଏବଂ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି। ଏସବୁ ଅଙ୍ଗ ଏତେଦିନ ଧରି ମୂରବୀଶୂନ୍ୟ ହୋଇ ପଡ଼ିବା ରାଜ୍ୟ ପାଇଁ ଭଲ ସଙ୍କେତ ନୁହେଁ। ସରକାର ତୁରନ୍ତ ସମସ୍ତ ପଦବୀ ପୂରଣ କରି ରାଜ୍ୟ ପ୍ରଶାସନକୁ ଗତିଶୀଳ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ମଣ୍ଡଳୀ।

### ଅବପାତ ଆଣିଲା...

ଏଥିଯୋଗୁଁ ଆଜି ସନ୍ଧ୍ୟା ସୁଦ୍ଧା ଖଇରମାଲଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଗେଟ୍ ଖୋଲିଲେ ଏହା ବୃଦ୍ଧି ପାଇ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ମଧ୍ୟ ୨୯.୭୫ ମିମି ବର୍ଷା ହୋଇଛି। ପୁଣି ଏଭଳି ବର୍ଷା ଲାଗି ରହିବା ସହ ଗେଟ୍ ସଂଖ୍ୟା ୩୦ରୁ ଉର୍ଦ୍ଧ୍ୱ ହେଲେ ସମ୍ବଲପୁର ସହରରୁ ମହାନଦୀକୁ ଯାଉଥିବା ଜଳପ୍ରବାହକୁ ଅବରୋଧ କରାଯାଇ ସମ୍ବଲପୁରରେ ପଛୁଆ ପାଣି (ବ୍ୟାକ୍-ୱାଟର୍) ଯୋଗୁଁ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି।

ହୀରାକୁଦ ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ହୀରାକୁଦ ନଦୀବନ୍ଧରେ ୬୨୫ଫୁଟ୍ ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ଅଛି। ତେଣୁ ବନ୍ୟାର କୌଣସି ଆଶଙ୍କା ନାହିଁ। ଉପରମୁଣ୍ଡରୁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର ବୃଦ୍ଧି ପାଉଛି। ବର୍ଷା କମିଗଲେ, ତାହା ମଧ୍ୟ କମିଯିବ। ଏବେ ସେହି ୨୦ଟି ଗେଟ୍ ଖୋଲା ରହିବ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ କମିଲେ ତାହା ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଫୁଲିବାରେ ଲାଗିଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୧.୫୮ ଫୁଟ୍‌ରେ ପହଞ୍ଚିଛି। ଗତକାଲିଠାରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ କ୍ରମାଗତ ଭାବେ ବଢ଼ୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୩,୩୭୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୩୮,୮୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୯,୫୬୦ ଘନଫୁଟ, ପାୱାର ଚେନାଲ ଦେଇ ୩୪,୯୮୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୯,୦୨୦କ୍ୟୁସେକ୍, ଖଇରମାଲଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୯.୪୭ମିମି ଏବଂ ତଳମୁଣ୍ଡରେ ୨୯.୭୫ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ମଉଳିଲା ମେଟ୍ରୋ...

ଭଲପାଇବାରେ ଲାଗିଲେ। ତ୍ରିଶୂଳିଆ ପର୍ଯ୍ୟନ୍ତ ନୁହେଁ କଟକର ଏସ୍‌ସିବି ପର୍ଯ୍ୟନ୍ତ ମେଟ୍ରୋ ଗଡାଇବେ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଲେ।

ଏଭଳି ବୟାନବାଜି ଚାଲିଥିଲା ବେଳେ ସରକାର ଚୁପ୍‌ଚାପ୍ ଅଚାନକ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ କରିଦେଲେ। ସବୁ କିଛି ଧିରେ ଧିରେ ବନ୍ଦ କରିଦିଆଇଗଲା। ପ୍ରକଳ୍ପ ପାଇଁ ଚାଲିଥିବା ମୃତ୍ତିକା ପରୀକ୍ଷା ଅଧାରୁ ବନ୍ଦ ହୋଇଗଲା। ଠିକା ସଂସ୍ଥା ମେସିନ୍ ହଟାଇନେଲା। ଏହାସତ୍ତ୍ୱେ ମଧ୍ୟ ମନ୍ତ୍ରୀମାନଙ୍କ ଭାଷଣବାଜି ବନ୍ଦ ହୋଇ ନ ଥିଲା। ଗୋଟିଏ ପଟେ ଷଡ଼ଯନ୍ତ୍ର ଚାଲିଥିଲା ବେଳେ ଅନ୍ୟପଟେ ମନ୍ତ୍ରୀମାନେ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ବିକ୍ରି କରିଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମେଟ୍ରୋ ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଡାକଲେ। ଗୃହ ନଗର ଉନ୍ନୟନ ମନ୍ତ୍ରୀ କହିବାକୁ ଲାଗିଲେ ମେଟ୍ରୋ ପ୍ରକଳ୍ପକୁ ଅତ୍ୟାଧୁନିକ କରାଯିବ। ଉପରେ ଟ୍ରେନ୍ ଚାଲିବ ତଳେ ଯାନବାହାନ ଚଳାଚଳ କରିବ। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବିଭାଗ ଛାଡି ମେଟ୍ରୋ କଥା କହିବାକୁ ଲାଗିଲେ। ସେ ଆଉ ପାଦେ ଅଗକୁ ଯାଇ କହିଲେ ଯେ ଭୁବନେଶ୍ୱରରେ ମେଟ୍ରୋ ମାଟିତଳେ ଯିବ। ହେଲେ ମନ୍ତ୍ରୀ ମାନଙ୍କ ଏଭଳି ବୟାନବାଜିରୁ ବୁଦ୍ଧିଜୀବୀମାନେ ଯଦିଓ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି ବୋଲି ଅନୁମାନ କରୁଥିଲେ। କିନ୍ତୁ ମନ୍ତ୍ରୀମାନେ ନିଜ କଥାର ଚାତୁର୍ଯ୍ୟତାରେ ମେଟ୍ରୋକୁ ନେଇ ଗଣମାଧ୍ୟମରେ ହେଡ୍‌ଲାଇନ୍ ବନାଇ ଚାଲିଥିଲେ। ଏପରିକି ମେଟ୍ରୋକୁ ନେଇ ବୈଠକ ପରେ ବୈଠକ ଡକାଯାଉଥିଲା। ଗତ ସପ୍ତାହରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଯଦି ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାର ଥିଲା ତେବେ ଏତେ ନାଟକବାଜି କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଢ଼ିବ ବୋଲି ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ପୂର୍ବ ସରକାରଙ୍କ ସମୟରେ ଏଥିପାଇଁ କାମ ବି ଆରମ୍ଭ ହୋଇଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ବାତିଲ କରିବା ପରେ ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ୧୦ ବର୍ଷ ପଛକୁ...

ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ସହରର ସଂପ୍ରସାରଣ ପାଇଁ ଏକ ବଡ଼ ମାଧ୍ୟମ ହୋଇଥାନ୍ତା। ଉନ୍ନତ ଗତିଶୀଳତା ପାଇଁ ମେଟ୍ରୋ ସିଷ୍ଟମର ଜରୁରୀ ଆବଶ୍ୟକତାକୁ ଉପଲବ୍‌ôଧ କରି ଆମେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୨୦୨୭ ସୁଦ୍ଧା ଏକ ଦୃଢ଼ ସମୟସୀମା ନିର୍ଦ୍ଧାରଣ କରିଥିଲୁ। ଏବେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)ର ଠିକାଦାରମାନଙ୍କୁ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରିଦେଇଛନ୍ତି। ଡବଲ ଇଞ୍ଜିନ ସରକାର ମେଟ୍ରୋ ରେଳ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାତିଲ କରି ଓଡ଼ିଶାର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଡବଲ ଇଞ୍ଜିନର ଏହି ଆଘାତକାରୀ ନିଷ୍ପତ୍ତି ସହରକୁ ୧୦ ବର୍ଷ ପଛକୁ ଠେଲିଦେବ ॥ବୋଲି ସେ କହିଛନ୍ତି।

### ପୁଅକୁ ଫାଶୀ ଦେଇ...

ହୋଇଥିଲା। ଏଥିରେ ରାଗିଯାଇ ସ୍ୱାମୀ ଓ ପୁଅକୁ ଛାଡ଼ି ପୂଜା ରାତିରେ କେଉଁଆଡ଼େ ଚାଲି ଯାଇଥିଲେ। ଦୀପକ ଉକ୍ତ ରାତି ଓ ଶନିବାର ଦିନସାରା ପୂଜାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ପାଇନଥିଲେ। ଏଥିରେ ଦୀପକ ବିଚଳିତ ହୋଇପଡ଼ିଥିଲେ। ଏହା ସାଙ୍ଗକୁ ପୁଅର ଦେହ ଖରାପ ତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ପୁଅକୁ ଔଷଧ ଖୁଆଇବା ପରେ ଉଭୟ ବାପ-ପୁଅ ଆଜି ରୁମ୍‌ର କବାଟ ଆଉଜାଇ ଶୋଇଥିଲେ। କିଛି ସମୟ ପରେ ଦୀପକଙ୍କ ମା' ଡାକିବାରୁ କେହି ଶୁଣିନଥିଲେ। ସନ୍ଦେହ ହେବାରୁ ସେ ଘର ଭିତରକୁ ଯାଇ ଦେଖିବା ବେଳକୁ ଦୁହିଁଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା। ଖବର ପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ଏବଂ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛନ୍ତି। ରବିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବର ପଞ୍ଚାନାମା କରାଯିବ।

Office of the Principal
**GETESWAR SANSKRIT COLLEGE**
Matigada, Oupada, Balasore, Pin - 756049
Mob: 9937348089, Mail Id: geteswarsanskritcollege@gmail.com

**TENDER NOTICE**

Inviting tender for IT & Internet from registered IT suppliers for Geteswar Sankrit College.
1) Desktop H.P. (i3 - 13 GENERATION) – 6 NOS, 2) UPS – 6 Nos., 3) H.P. MFM printers – 2 Nos., 4) LED SONY (65 inch) – 1 Nos., 5) Wireless Mice and Camera for virtual meeting: 1 no. (Logi Tech), 6) Internet facilities.
Last date of tender application within **7 day** from the date of paper advertisement.

For details contact: 9937348089

Sd/- Principal
Geteswar Sanskrit College,
Matigada, Oupada, Balasore

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
email: se_nerwkjr@rediffmail.com
O-486
eProcurement Notice for Road Works under Periodical Maintenance
Identification No. NCB-10/RWCKJR/2025-26
No. 3004 / Date 22.07.2025

1. Name of the work :- Periodical Renewal Work of 5 year completed PMGSY (Post DLP) roads for Financial Year: 2025-26 under State Budget Grant in the District of Keonjhar.
2. No. of work :- 06 (Six) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10/ RWCKJR/ 2025-26 | Dt.30.07.25 at 11.00 A.M. | Dt.13.08.25 up to 5.00 P.M. | Dt.12.08.25 up to 5.00 P.M. | Dt.14.08.25 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in

OIPR-25177/11/0083/2526
Chief Construction Engineer,
R.W. Circle, Keonjhar.

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Nabarangpur, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra Das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
Sd/- Surendra Harijan

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/07/2025. I, **Motimala Padhan** (new name), formerly called as **Ruji Padhan** (old name), W/o Dukhiram Padhan, permanent resident of AT- Solbandh, P.O.- Solbandh, P.S. Patnagarh, Dist- Balangir, (Odisha), PIN- 767025 affirm that I have changed my name from **Ruji Padhan** (old name) To **Motimala Padhan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Motimala Padhan** (new name).
**Motimala Padhan**

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Kaptipada, Udala , dated 21-07-2025 (affidavit date) I, Vizayeeta Raysingha (new name) , Address At/P.O.-Sainkula Dist- Mayurbhanj, Pin-757102 (Complete Odisha address) declare that I have changed my name from Biyayita Rayasingh (old name) to Vizayeeta Raysingha (new name) Henceforth, I shall be known as Vizayeeta Raysingha (new name) for all purposes.
Vizayeeta Raysingha

ସକାଳ THE SAKALA



# ଦ୍ୱାରବତୀପୁର ହତ୍ୟାକାଣ୍ଡ: ଆଉ ଜଣେ ଗିରଫ

ତିଗିରିଆ/ଆଠଗଡ,୨୬ ।୭ (ସମିସ): ଗତ ଜୁନ ୮ ତାରିଖ ରାତିରେ ଖୁଣ୍ଟୁଣୀ ଥାନା ଦ୍ୱାରବତୀପୁର ଗ୍ରାମର କାହ୍ନୁଚରଣ ରାଉତଙ୍କୁ ପିଟିପିଟି ଚଳନ୍ତା ଗାଡ଼ି ଆଗକୁ ଫୋପାଡ଼ି ମାରିବା ଘଟଣାରେ ଖୁଣ୍ଟୁଣୀ ପୁଲିସ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ମହାକାଳବସ୍ତ ଗାଁର ଆଶୋକ ବେହେରା(୨୫) । ଏହି ଘଟଣାରେ ମୋଟ ଛଅ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ଭିରୁଡ଼ା ଓ ପଣସ ପାଟଣାରେ ଅବକାରୀ ଚଢ଼ଉ



ତିଗିରିଆ,୨୬ ।୭ (ସମିସ): ତିଗିରିଆ ଥାନା ଅନ୍ତର୍ଗତ ପଣସପାଟଣା, ଭିରୁଡ଼ାରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ସଦର ଅବକାରୀ ବିଭାଗ, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ବିଭାଗ ସହଯୋଗରେ ଏକ ମିଳିତ ଚଢ଼ଉ କରାଯାଇଥିଲା । ଏଥିରେ ମୋଟ ୨୨୦୫ ଲିଟର ବେଆଇନ ଦେଶୀ ମଦ ସହ ୨୦୯୬୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଜବତ କରାଯାଇ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାରେ କାହାକୁ ଗିରଫ କରାଯାଇ ନଥିବା ବେଳେ ମୋଟ ୬ଟି ମାମଲା ରୁଜୁ କରାଯାଇଛି । ଚଢ଼ଉରେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ବାଙ୍କୀ ଅବକାରୀ ଉପ ନିରୀକ୍ଷକ ସୌମ୍ୟରଞ୍ଜନ ମାଝୀ, ଜିଲ୍ଲା ମୋବାଇଲ ୟୁନିଟ ଅବକାରୀ ଉପନିରୀକ୍ଷକ ଶେଫାଳି ସାହୁଙ୍କ ସମେତ ଅନ୍ୟାନ୍ୟ ଅବକାରୀ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ ।

## ସ୍କାଉଟ୍-ଗାଇଡ୍ ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ






କଟକ,୨୬ ।୭ (ସମିସ): ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ଗଠିତ ୟୁଥ୍ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦୁଇ ଜଣ ରୋଭର୍ ସ୍ଥାନ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଉକ୍ତ କମିଟିର ଅଧ୍ୟକ୍ଷ ଆସନ ଅଳଙ୍କୃତ କରିଛନ୍ତି । ଗୁରୁବାର ରାଜ୍ୟ ସ୍କାଉଟ୍ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓଡ଼ିଶା ଶାଖାର ୟୁଥ୍ କମିଟି ଚେୟାରମ୍ୟାନ୍ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ସିନିୟର ରୋଭର୍ ରାକେଶ କୁମାର ମଲ୍ଲିକଙ୍କୁ ମନୋନୀତ କରାଯାଇଛି । ଏଥିସହ କମିଟିର ସଦସ୍ୟ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ରୋଭର୍ ଦୀପକ କୁମାର ପଣ୍ଡା ମନୋନୀତ ହୋଇଛନ୍ତି । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ମୁଖ୍ୟ କମିଶନର ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ (ମୁଖ୍ୟାଳୟ, ନୂଆଦିଲ୍ଲୀ) ଡ. କାଳୀପ୍ରସାଦ ମିଶ୍ର ଏହି ଦୁଇ ଛାତ୍ରଙ୍କ ନାମ ମନୋନୟନ କରିଥିଲେ । ରାଜ୍ୟ କମିଟିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ ଯୋଗୁଁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ ପ୍ରମୁଖ ସେମାନଙ୍କୁ ପ୍ରଶଂସା କରିଛନ୍ତି । ବିଶେଷକରି ଏହି ସଫଳତା ପଛରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ତଥା ରୋଭର୍ ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତଙ୍କ ଅକ୍ଳାନ୍ତ ପରିଶ୍ରମକୁ ମଧ୍ୟ ବିଶ୍ୱବିଦ୍ୟାଳୟର ଟିମ୍ ପ୍ରଶଂସା କରିଛନ୍ତି ।

## ଅବହେଳିତ ପ୍ରସିଦ୍ଧ ଶୈବପୀଠ ସିଂହନାଥ

# ଶ୍ରଦ୍ଧାଳୁଙ୍କ ପାଇଁ ନାହିଁ ପାନୀୟଜଳ ବ୍ୟବସ୍ଥା



ବଡମ୍ବା,୨୬ ।୭ (ସମିସ):

### ପାର୍କିଂ ସୁବିଧା ନଥିବାରୁ ଟି-ସେତୁରେ ବେଆଇନ ପାର୍କିଂ

କଟକ ଜିଲ୍ଲା ବଡମ୍ବା ବ୍ଲକର ପ୍ରମୁଖ ଶୈବ ପୀଠ ରୂପେ ପରିଚିତ ବାବା ସିଂହନାଥ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଥିବା ବେଳେ ଏହାର ବିକାଶ ସମ୍ପୂର୍ଣ୍ଣ ଠପ ହୋଇଯାଇଛି । ପୀଠକୁ ଟି ସେତୁ ସଂଯୋଗ ହେବା ଠାରୁ ଧୀରେ ଧୀରେ ଦୂର ଦୁରାନ୍ତରୁ ପର୍ଯ୍ୟଟକ ମାନେ ଆସିଥାନ୍ତି; କିନ୍ତୁ ଏଠାରେ ବିଶୁଦ୍ଧ ପାନୀୟ ଜଳ ସୁବିଧା ନାହିଁ । ମନ୍ଦିର ବେଢା ବାହାରେ ତିନୋଟି ନଳକୂପ ରହିଥିବା ବେଳେ ଏହାର ପାଣି ବ୍ୟବହାର ଉପଯୋଗୀ ନୁହେଁ । ଯାହାଫଳରେ ଦୂରଦୁରାନ୍ତରୁ ଆସୁଥିବା ପର୍ଯ୍ୟଟନମାନେ ମନ୍ଦିର ପରିସରରେ ଗଢିଉଠିବା ଦୋକାନରୁ ବୋତଲ ପାଣି କିଣି ପିଉଥିବାର ଦେଖିବାକୁ ମିଳୁଛି । ମନ୍ଦିର ବେଢାରେ ପ୍ଲାଷ୍ଟିକ ଖାଲି ପାଣି ବୋତଲ ପଡିବା ଦ୍ୱାରା ପରିବେଶ ଦୂଷିତ ହେଉଛି ଗୋଟିଏ ପଟେ ପର୍ଯ୍ୟଟନର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସିଂହନାଥ ପୀଠର ବିକାଶ ହୋଇ ପାରିନାହିଁ । ପୀଠକୁ ପାଦଚଲା ରାସ୍ତା ରହିଥିବା ବେଳେ ପାର୍କିଙ୍ଗ ସୁବିଧା ନଥିବାରୁ ଟି ସେତୁ ପାର୍କିଙ୍ଗସ୍ଥଳୀ ପାଲଟିଛି । ପୀଠରେ ଯାନିଯାତ୍ରା ହେଲେ ପ୍ରଶାସନ ପକ୍ଷରୁ ମୁଖ୍ୟ ସେତୁ ଉପରେ ଯାତାୟତ ରେ କଟକଣା ଲାଗିବା ଦ୍ୱାରା ହଇରାଣ ହେଉଛନ୍ତି ସାଧାରଣ ଲୋକ । ଆଜି ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ । ଟି ସେତୁରୁ ପୀଠକୁ ନୂତନ ସଂଯୋଗ ରାସ୍ତା ନିର୍ମାଣ କରିବା ସହ, ସ୍ଥାୟୀ ପାର୍କିଙ୍ଗ ଏବଂ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା ପାଇଁ ସାଧାରଣ ରେ ଦାବୀ ଦେଉଛି ।

## ଅଜଗର ଛୁଆ ଉଦ୍ଧାର

ତିଗିରିଆ,୨୬ ।୭ (ସମିସ): ବାଲିପୁଟ ପଞ୍ଚାୟତ ବାଲିପୁଟ ଗ୍ରାମର କିଛି ଯୁବକ ଶନିବାର ସକାଳେ ଗ୍ରାମ ନିକଟରେ ଥିବା ବାରମାଣ ସଂରକ୍ଷିତ ଜଙ୍ଗଲରେ ଥିବା ଜଗନ୍ନାଥ ବଲ୍ଲଭ ଆମ୍ବ ବଗିଚା ପାର୍ଶ୍ୱରେ ଅବସ୍ଥିତ ଟମି ଚୁଆ ନିକଟରୁ ଗୋଟିଏ ଅଜଗର ଛୁଆକୁ ଉଦ୍ଧାର କରି ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରିଥିବା ବନପାଳ ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି । ଯୁବକମାନେ ଜଙ୍ଗଲ ଆଡେ ଯାଇଥିବା ସମୟରେ ଉକ୍ତ ସାପ ଛୁଆଟିକୁ ଦେଖିଥିଲେ । ସାପଟିକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ ବୋତଲ ମଧ୍ୟରେ ନେଇ ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ରେ ଦେଇଥିଲେ । ବନ ବିଭାଗ ପକ୍ଷରୁ ଉକ୍ତ ଅଜଗର ଛୁଆକୁ ନିକଟରେ ଥିବା ନିଜିଗଡ଼ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

### ଶିକ୍ଷାନୁଷ୍ଠାନରେ ପୁଲିସର ରୋଡ ରୋମିଓ ଦମନ କାର୍ଯ୍ୟକ୍ରମ

## ୧୩ ଅଟକ ଓ ୭ ବାଇକ୍ ଜବତ

କଟକ/ତିଗିରିଆ,୨୬ ।୭ (ସମିସ): ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସମ୍ମୁଖରେ ଛିଡା ହୋଇ କଲେଜ ତଥା ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ଦେଉଥିବା ତଥାକଥିତ ରୋଡରୋମିଓଙ୍କୁ ଆଜି ପୁଲିସ ଛାଟ ବାଜିଛି । ଶନିବାର ବଡମ୍ବା ଓ ନରସିଂହପୁର ଅଞ୍ଚଳର ବିଭିନ୍ନ କଲେଜ ସମ୍ମୁଖରେ ୟୁନିଫର୍ମ ପରିଧାନ ନକରି କଲେଜ ମଧ୍ୟରେ ପ୍ରବେଶ କରିଥିବା ୧୩ ଜଣ ରୋଡ ରୋମିଓଙ୍କୁ ଅଟକ ରଖାଯାଇଥିବା ବେଳେ ସେମାନଙ୍କ ୭ଟି ୨ ଚକିଆ ଯାନକୁ ଜବତ କରାଯାଇଛି । ନରସିଂହପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ମହାବିଦ୍ୟାଳୟ ପରିସରରେ ଅଣଛାତ୍ରଙ୍କ ପ୍ରବେଶକୁ ସ୍ଥାନୀୟ ପୁଲିସ ଦ୍ୱାରା ତଦାରଖ କରାଯାଇଛି । ଡିଏସପି ତଥା ଭାରପ୍ରାପ୍ତ ନରସିଂହପୁର ଥାନା ନିରୀକ୍ଷକ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ସମସ୍ତ ପୁଲିସ କର୍ମକର୍ତ୍ତା ସ୍ଥାନୀୟ ମହାବିଦ୍ୟାଳୟରେ ପହଞ୍ଚିବା ପରେ କିଛି ଅଣଛାତ୍ରଙ୍କୁ ଦେଖିଥିଲେ । ଏହି ଘଟଣାରେ ୪ଜଣ ଛାତ୍ରଙ୍କୁ ମହାବିଦ୍ୟାଳୟ ପରିସରରେ ବୁଲୁଥିବା ଅଭିଯୋଗରେ ଥାନାରେ ଅଟକ ରଖିଥିଲେ । ସେମାନଙ୍କୁ ପଚରଉଚରା ପରେ ଏଭଳି କୌଣସି କାର୍ଯ୍ୟ ନକରିବାକୁ ନେଇ ଉକ୍ତ ଅଣଛାତ୍ରଙ୍କୁ ସୂଚନା ଦେବା ସହିତ ଚୁକ୍ତିଭିତ୍ତିକ ନିୟମରେ ଛାଡି ଦିଆଯାଇଥିଲା । ସେମାନଙ୍କଠାରୁ ୨ଟି ମୋଟର ସାଇକଲକୁ ଜବତ କରାଯାଇ ଥାନାରେ ରଖାଯାଇଛି । ସେହିପରି ବଡମ୍ବା ପୁଲିସ ପକ୍ଷରୁ ବଡମ୍ବାର ବିଭିନ୍ନ କଲେଜରେ ବୁଲୁଥିବା ୯ ଜଣ ରୋଡ ରୋମିଓଙ୍କୁ ଥାନାରେ ଅଟକ ରଖାଯିବା ସହିତ ସେମାନଙ୍କ ଠାରୁ ୫ ଟି ମୋଟର ସାଇକଲକୁ ଜବତ କରାଯାଇ ଥାନାରେ ରଖାଯାଇଛି । ଏଭଳି କାର୍ଯ୍ୟକ୍ରମ ଆସନ୍ତା ଦିନରେ ଚାଲୁରହିବ ବୋଲି ଉଭୟ ଥାନା ପକ୍ଷରୁ ସୂଚନା ହସ୍ତଗତ ହୋଇଛି ।

# ବିଭିନ୍ନ କଲେଜରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ




ଅଡ଼ଶପୁର, ୨୬ ।୭ (ସମିସ): କଣ୍ଠାପଡା ବ୍ଲକ ଅଡ଼ଶପୁରସ୍ଥିତ ଉଦୟନାଥ ମହାବିଦ୍ୟାଳୟ ପରିସରରେ +୨ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପ୍ରବେଶ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଲେଫ୍ଟନାଣ୍ଟ ଚିରଶ୍ରୀ ଇନ୍ଦ୍ରସିଂ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ମହାବିଦ୍ୟାଳୟ ନୀତିନିୟମ ବୁଝାଇଥିଲେ । ପ୍ରଫେସର ମାଗୁଣି ଚରଣ ପରିଡା ଓ ପ୍ରଫେସର ସୁଜାତା ମିଶ୍ର ଯୋଗ ଦେଇଥିଲେ । ନୂଆ କରି ଯୋଗ ଦେଇଥିବା ଅଧ୍ୟାପିକା ସୁଶ୍ରୀ ଇପ୍ସିତା ମଲ୍ଲଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ମାଟ୍ରିକରେ ସର୍ବାଧିକ ନମ୍ବର ରଖି ବାଣିଜ୍ୟ ପଢିବାକୁ ଆଗ୍ରହ କରିଥିବା ଛାତ୍ରୀ ସ୍ମରଣିକା ଜେନା ମାର୍କ (୫୫୬) ଛାତ୍ର ମଙ୍ଗଳମ ନାୟକ (୫୦୦)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଫେସର ପ୍ରସାଦ କାନୁନଗୋ, ପ୍ରଫେସର ମାଧବ ସାହୁ, ପ୍ରଫେସର ଶ୍ରୀକାନ୍ତ ମହାପାତ୍ର, ଅଧ୍ୟାପିକା ନିର୍ଝରିଣୀ ମହାପାତ୍ର, ଅଧ୍ୟାପିକା ସ୍ମରଣିକା ମାନସିଂହ, ଅଧ୍ୟାପିକା ମୁନୁମୁନ ମହାପାତ୍ର, ଅଧ୍ୟାପିକା ପୂର୍ଣ୍ଣିମା ପରିମାଣିକ, ଅଧ୍ୟାପିକା ଇପ୍ସିତା ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ ।

**ନିଶ୍ଚିନ୍ତକୋଇଲି:** ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ନାମ ଲେଖାଇଥିବା ବିଦ୍ୟାର୍ଥୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଲେଜ ପକ୍ଷରୁ ଅୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । +୨ ନାମ ଲେଖା କମିଟିର ମୁଖ୍ୟ ଆବାହକ ଅଧ୍ୟାପକ ରଜନୀକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ଼ଃ ସୁପ୍ରଭା ପରିଡ଼ା, ଅଧ୍ୟାପକ ରମାକାନ୍ତ ସାମଲ, ଚନ୍ଦ୍ରଶେଖର ଜେନା, ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତିପ୍ରଭା ସିଂ, ବିଶ୍ୱସାରଥୀ ବଳ, ଚାନ୍ଦୀନୀ ପଲେଇ, ବିଜୟ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଡ. କବିତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।




**ନରସିଂହପୁର:** ନରସିଂହପୁର ବ୍ଲକ ଅନ୍ତର୍ଗତ ଜିଲିଣ୍ଡାସ୍ଥିତ ଯୋଡୁମ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ



ନବାଗତ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି । +୨ ପ୍ରଥମ ବର୍ଷର କଳା ବିଭାଗର ଛାତ୍ରଛାତ୍ରୀଙ୍କ ଏହି ପ୍ରବେଶ ଉତ୍ସବକୁ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଉଦଘାଟନ କରିଥିଲେ । ଅଧ୍ୟାପକ ବଳରାମ ବାରିକ, ଚଗଲା ପ୍ରଧାନ, ଅଧ୍ୟାପିକା ଦୀପ୍ତିମୟୀ ବେହେରା, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, କଳ୍ପନା ବେହେରା, ଶିକ୍ଷୟତ୍ରୀ ସଂଘମିତ୍ରା ପ୍ରଧାନ, ସୁଲୋଚନା ବେହେରା, ଶୁଭଶ୍ରୀ ଶୁଭସ୍ମିତା ମହାନ୍ତି, ଶିକ୍ଷକ ଅରାଜିତ ମିଶ୍ର, ବଣ୍ଟି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

**ଫୁଲନଖରା:** ବ୍ରାହ୍ମଣଝରିଲୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ +୨ ପ୍ରଥମ ବର୍ଷର ନବାଗତ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଓ ପ୍ରାଥମିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶକୁନ୍ତଳା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ବଂଶୀଧର ଦାଶ, ପ୍ରାଧ୍ୟାପକ ସମୀର ରାଉତ, ଏକାଡେମିକ୍ ମୁଖ୍ୟ ସଂଘମିତ୍ରା ସୁନ୍ଦରାୟ, ପଦାର୍ଥ ବିଜ୍ଞାନ ମୁଖ୍ୟ ମନୋରଂଜନ ମହାନ୍ତି, ବାଣିଜ୍ୟ ବିଭାଗର ମୁଖ୍ୟ ଆଲୋକ ରଂଜନ ମହାନ୍ତି ଓ ଧନ୍ଦାମୂଳକ ଶିକ୍ଷାର ଅଧ୍ୟାପିକା ରଂଜିତା ସାହୁ ମହାବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ନିମନ୍ତେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ସଂପର୍କରେ ଆଲୋକପାତ କରିବା ସହ ଏଠାକୁ ସଠିକ୍ ରୂପେ ବିନିଯୋଗ କରି ସେମାନେ କିଭଳି ସଫଳ ହୋଇପାରିବେ ସେ ସଂପର୍କରେ ଉପଦେଶ ଦେଇଥିଲେ । ଅଧ୍ୟାପିକା ଶ୍ୱେତା ରାଠୋର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସରିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସହିଦ ଗୋପୀନାଥ ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି

ନିଶ୍ଚିନ୍ତକୋଇଲି,୨୬ ।୭ (ସମିସ):



କାର୍ଗିଲ ଯୁଦ୍ଧକୁ ପୂରିଲାଣି ୨୫ବର୍ଷ । ଦେଶ ମାତୃକାର ରକ୍ଷା ପାଇଁ ଯିଏ ନିଜ ଜୀବନକୁ ତୁଚ୍ଛ ମନେକରି ଉତ୍ସର୍ଗୀକୃତ ଭାବେ ନିଜକୁ ବଳିଦାନ ଦେଇ ସହିଦ୍ ହୋଇଥିଲେ ସେମାନଙ୍କ ମଧ୍ୟରେ ବୀର ଯବାନ୍ ଗୋପୀନାଥ ମହାରଣା ହେଉଛନ୍ତି ଅନ୍ୟତମ । ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଜନାର୍ଦ୍ଦନପୁର ଗ୍ରାମରେ ଗୋପିନାଥ ଜନ୍ମଗ୍ରହଣ କରିଥିଲେ । କାର୍ଗିଲ ଯୁଦ୍ଧରେ ଓଡ଼ିଶାର ପ୍ରଥମ ସହିଦ୍ ହେବା ପରେ ତାଙ୍କୁ ନେଇ ଜନ୍ମମାଟି ଗୌରବାନ୍ୱିତ ହୋଇଥିଲା । ଗୋପୀନାଥ ୧୮ବର୍ଷ ବୟସରେ ସେନାବାହିନୀରେ ଯୋଗ ଦେଇ ୫୨୮ ବାଟାଲିୟନରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ୧୯୯୯ ମସିହା ମେ ମାସରେ ହୋଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ କାର୍ଗିଲ ଯୁଦ୍ଧ ସମୟରେ ଗାଡ଼ିରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ନେଇ ଯାଉଥିଲା ବେଳେ ଶତ୍ରୁଙ୍କ ଗୁଳିରେ ସହିଦ୍ ହୋଇଥିଲେ । ମାତ୍ର ୨୩ବର୍ଷ ବୟସରେ ଦେଶ ମାତୃକାର ପାଇଁ ଜୀବନ ଦେଇ ଯୁବ ସମାଜକୁ ଦେଶପ୍ରେମ ଭାବର ପ୍ରେରଣା ସାଜିଥିଲେ । ସେତେବେଳେ ପୁଅକୁ ହରାଇ ପିତା ଯଦୁମଣୀ ମହାରଣା ଓ ମାତା ଝୁମୁରୀ ମହାରଣା ଦୁଃଖରେ ମ୍ରିୟମାଣ ହୋଇଥିଲେ ମଧ୍ୟ ପୁଅର ଏଭଳି ବୀରତ୍ୱ ପାଇଁ କାଳ କାଳ ପାଇଁ ଇତିହାସର ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିଯିବାରୁ ପରିବାର ଲୋକେ ଗର୍ବ ଅନୁଭବ କରିଥିଲେ । ଆଜି ଜୁଲାଇ ୨୬ ତାରିଖ କାର୍ଗିଲ ବିଜୟ ଦିବସ ଅବସରରେ ସହିଦ୍ ବୀର ଯବାନ୍ ଗୋପୀନାଥଙ୍କୁ ତାଙ୍କ ଜନ୍ମମାଟି ଝୁରୁଛି । ଏହି ଅବସରରେ ଜନ୍ମମାଟିରେ ହୋଇଥିବା ଗୋପୀନାଥଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।

## ଦେବ୍ ମହାନ୍ତି ସ୍କୁଲରେ କାର୍ଗିଲ ବିଜୟ ଦିବସ



ନିଶ୍ଚିନ୍ତକୋଇଲି,୨୬ ।୭ (ସମିସ): ଖଣ୍ଡସାହିଠାରେ ଥିବା ଡ. ଦେବ୍‌ମହାନ୍ତି ପବ୍ଲିକ୍ ସ୍କୁଲରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି । ସ୍କୁଲ ଅଧ୍ୟକ୍ଷ ଶ୍ରୀନିବାସ ମିଶ୍ରଙ୍କ ସଂଯୋଜନାରେ ବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଛାତ୍ର ଆର୍ମି ପୋଷାକ ଧାରଣ କରି ସୈନିକଙ୍କ ବିଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶିତ କରିଥିଲେ । ଏ ଅବସରରେ ଓଡ଼ିଶାର ପ୍ରଥମ ସହିଦ୍ ଯବାନ ଗୋପୀନାଥ ମହାରଣାଙ୍କ ମାତା ଝୁମୁରୀ ମହାରଣାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁଲିସ ଏସଆଇ ଚିନ୍ମୟୀ କର, ଅବସରପ୍ରାପ୍ତ ସୁବେଦାର ମେଜର ପ୍ରଦୀପ ବାରିକ, ସୁବେଦାର ରାଜେଶ ଷଡ଼ଙ୍ଗୀ, ଶିକ୍ଷାବିତ୍ ଫକୀରଚରଣ ନାୟକ, ଯୁଗ୍ମ ସମ୍ପାଦକ ଆଡ଼ଭୋକେଟ ମନୋଜ ସାମଲ, ଲୋକସମ୍ପର୍କ ଅଧିକାରୀ ସନ୍ଦୀପ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଶିଖାସରିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



**ଚୌଦ୍ୱାର:** ବିଜେପି ଚୌଦ୍ୱାର ମଣ୍ଡଳ ତରଫରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚୌଦ୍ୱାର ପୌରପାଳିକା ନୂଆସାହିଠାରେ ଥିବା କାରଗିଲ ସହିଦ୍ ରାଜକିଶୋର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ସ୍ମୃତିଚାରଣ କରାଯାଇଥିଲା । ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ଜିଲ୍ଲା ସଂପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶଚନ୍ଦ୍ର ବଡଜେନା, ସନ୍ତୋଷ କୁମାର ବେହେରା, ଚିନ୍ମୟ ବେହେରା, ହଂସଚରଣ ସାହୁ, ପଦ୍ମଚରଣ ବେହେରା, ସୁଧିର ପ୍ରଧାନ, ପ୍ରଦୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନୁରୂପ ଭାବେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଗିଲ ବିଜୟ ଦିବସ



ସାଲେପୁର, ୨୬ ।୭ (ସମିସ): ସାଲେପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସାଲେପୁର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଓଡ଼ିଶାର ପ୍ରଥମ କାର୍ଗିଲ୍ ଶହିଦ୍ ଗୋପୀନାଥ ମହାରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଂଘର ଉପସଭାପତି ଡ଼ଃ ଚିତରଞ୍ଜନ ପଣ୍ଡା ସହିଦ ଗୋପୀନାଥ ମହାରଣାଙ୍କ ପୈତୃକ ଗ୍ରାମ ଜନାର୍ଦ୍ଦନପୁରଠାରେ ପହଞ୍ଚି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଗୌରାଙ୍ଗ ଚରଣ ହୋତା, ଆର୍ତ୍ତତ୍ରାଣ ନନ୍ଦ, ଅଜୟ ବିଶ୍ୱାଳ, ପ୍ରିୟନାଥ ପରିଡା, ଶୁଭେନ୍ଦୁ ରଣା, ବିଜୟ ବରାଳ, ଶଶିକାନ୍ତ ଦାଶ, ଉମାକାନ୍ତ ଦାଶ, ପ୍ରଶନ୍ନ କୁମାର ମିଶ୍ର, ପ୍ରମୋଦ ସାହୁ, ଦୀପକ ଦାଶ, ଅଜିତ୍ ନାଥଶର୍ମା, ଧନେଶ୍ୱର ସାମଲଙ୍କ ସମେତ ବହୁ ଅବସର ପ୍ରାପ୍ତ ସୈନିକ ମାନେ ଉପସ୍ଥିତ ଥିଲେ । ସେହିପରି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବିଜୟାନନ୍ଦ ଯୁବ ପରିଷଦ ଓ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୁପା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ବାୟୁସେନାର ଅବସରପ୍ରାପ୍ତ କନିଷ୍ଠ ୱାରେଣ୍ଟ ଅଧିକାରୀ ପବିତ୍ର ମୋହନ ସାହୁ ଯୋଗ ଦେଇଥିଲେ । ମନ୍ଦିରର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ନାରାୟଣ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ଜ୍ୟୋତ୍ରିମୟୀ ମିଶ୍ର ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସହିଦ୍ ଯବାନଙ୍କର ସ୍ମୃତିରେ ଦୀପଦାନ କରାଯାଇଥିଲା । ବିଜୟାନନ୍ଦ ଯୁବ ପରିଷଦର ସମ୍ପାଦକ ବିଶ୍ୱରଂଜନ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ, ୨୬।୭(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ହାଇକୋର୍ଟ ଆଇନ ସେବା କମିଟି ସହଯୋଗରେ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ସେପ୍ଟେମ୍ବର୍ ୧୩ତାରିଖ ଶନିବାର ହାଇକୋର୍ଟ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଲୋକ ଅଦାଲତରେ ମାମଲାଗୁଡ଼ିକର ସମାଧାନ ପାଇଁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଥମ ପ୍ରାକ୍-ଲୋକ ଅଦାଲତ ବୈଠକ ଆସନ୍ତା ଅଗଷ୍ଟ ୨୯ରେ ହେବାକୁ ସ୍ଥିର କରାଯାଇଛି। ଉକ୍ତ ଲୋକ ଅଦାଲତରେ ଫୌଜଦାରୀ ଆପୋଷଯୋଗ୍ୟ ମାମଲା, ଏନ୍ଆଇ ଆଇନ ମାମଲା, ଟଙ୍କା ଅସୁଲି, ମୋଟର ଦୁର୍ଘଟଣା ଦାବି, ଶ୍ରମ ବିବାଦ, ବିଦ୍ୟୁତ୍ ଏବଂ ଜଳ ବିଲ୍ ମାମଲା, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ପେନସନ ମାମଲା, ଗ୍ରାହକ ମାମଲା ଓ ଅନ୍ୟାନ୍ୟ ଦେୱାନୀ ମାମଲା ଆଦି ଫଏସଲା କରାଯିବ। ଉପରୋକ୍ତ ଲୋକ ଅଦାଲତ ପୂର୍ବରୁ ସେମାନଙ୍କର ମାମଲା ସମାଧାନ କରିବାକୁ ଇଚ୍ଛୁକ ବିଦ୍ୱାନ ଓକିଲମାନେ, ସମସ୍ତ କାର୍ଯ୍ୟ ଦିବସରେ ସକାଳ ୧୦ଟା ରୁ ସନ୍ଧ୍ୟା ୫ଟା ମଧ୍ୟରେ ହାଇକୋର୍ଟ ଆଇନ ସେବା କମିଟି ସମ୍ମୁଖରେ ଉଲ୍ଲେଖ ମେମୋ ଦାଖଲ କରିପାରିବେ। ଆସନ୍ତା ଅଗଷ୍ଟ ୧୨ ସୁଦ୍ଧା ରେକର୍ଡଗୁଡ଼ିକ ଲୋକ ଅଦାଲତ (ଏଚସିଏଲଏସ କମିଟି) କାର୍ଯ୍ୟାଳୟକୁ ପଠାଇବେ।

## ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର



ଚୌଦ୍ୱାର, ୨୬।୭(ସମିସ): ଚୌଦ୍ୱାରରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ସେବା ସମିତି ଅନୁକୂଲ୍ୟରେ ଚୌଦ୍ୱାର କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ୟା, ବାତ୍ୟା, ଅଗ୍ନି କାଣ୍ଡ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ଉଦ୍ଧାର, ପ୍ରାଥମିକ ସହାୟତା ତଥା ଆଶୁ ଚିକିତ୍ସା ଯୋଗାଇ ଦିଆଯିବା ଶୈଳୀ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ୍ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମି ରାଉତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ସେବା ସମିତିର ଅଧ୍ୟାତ୍ମିକ ସଂଯୋଜକ ସିଦ୍ଧାର୍ଥ ଚାନ୍ଦ ଓ ସାଇକୃଷ୍ଣ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଚୌଦ୍ୱାର, ୨୬।୭(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୁଆସାହିସ୍ଥିତ ଲକ୍ଷ୍ମୀନାରାୟଣ ପୂଜା ଘରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଦାତବ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଟିମ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବିତରଣ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ସ୍ଥାନୀୟ କାଉନସିଲର ଅ।।ଶୁତୋଷ ଦାସ ଅତିଥି ଭାବେ ଶିବିରକୁ ଉଦଘାଟନ କରିଥିଲେ। ଲିପ୍ସିତା ମହାରଣା, ରଶ୍ମିତା ମହାରଣା, ସଞ୍ଜୟ ସ୍ୱାଇଁ, କାଜଲ ମହାରଣା, ବାସନ୍ତୀ ସ୍ୱାଇଁ, ସୁଭଦ୍ରା ନାୟକ, ରୀନା ବାଇ, ଜଶୋଦା ମହାରଣା ଓ ଶମ୍ଭୁନାଥ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସାଲେପୁର, ୨୬।୭(ସମିସ): ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସହ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିକାଶ ସମିତିର ଉପସଭାପତି କମଳାକାନ୍ତ ମିଶ୍ର ସଂଗ୍ରାମ ଗୁରୁଜୀ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ ବୋଲି ପ୍ରକାଶ କରିଥିଲେ। ପ୍ରଶାସନିକ ସମିତିର ସଭ୍ୟ ରମାକାନ୍ତ ନାୟକ, ଗୁରୁଶିଷ୍ୟ ପରମ୍ପରା କଥା ବର୍ଣ୍ଣନା କରିଥିଲେ। ଆଚାର୍ଯ୍ୟ ନିକୁଞ୍ଜ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରାରମ୍ଭରେ ଘୋଷ ବାଦ୍ୟ, ଏନ୍‌ସିସି କ୍ୟାଡେଟ୍‌ମାନେ ଗୁରୁଜୀଙ୍କୁ ପାଛୋଟି ନେଇଥିବାବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ଶ୍ରେଣୀପ୍ରମୁଖ, ପୁରାତନ ଛାତ୍ରଛାତ୍ରୀ, ପୂର୍ବ ଆଚାର୍ଯ୍ୟଆଚାର୍ଯ୍ୟା ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସଦସ୍ୟ ସଞ୍ଜୟ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଣଙ୍କ ପରେ ଜଣେ ଶିକ୍ଷକଙ୍କୁ ବଦଳି

# ବିଦ୍ୟାଳୟ ଫାଟକ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଧାରଣା

ଫୁଲନଖରା, ୨୬।୭(ସମିସ)

କଟକ ସଦର ବ୍ଲକ ଅନ୍ତର୍ଗତ ୧୯୪୧ରେ ସ୍ଥାପିତ ବହୁ ପୁରାତନ ଶଙ୍ଖତ୍ରାସ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀମାନେ ପ୍ରତିବାଦ କରିଛନ୍ତି। ସ୍କୁଲ ଫାଟକରେ ତାଲା ପକାଇବା ସହ ଦୀର୍ଘ ସମୟ ଧରି ଆଜି ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ସେମାନଙ୍କ କହିବାନୁଯାୟୀ, ଦୀର୍ଘ ଦିନ ହେବ ଜଣେ ଓଡ଼ିଆ ଶିକ୍ଷକ ଡେପୁଟେସନ୍‌ରେ ଯାଇଥିବା ବେଳେ ଏକ ସପ୍ତାହ ହେବ ଏକମାତ୍ର କ୍ରୀଡା ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏବେ ଦୁଇଜଣ ବିଜ୍ଞାନ ଶିକ୍ଷକଙ୍କ ମଧ୍ୟରୁ ପୁଣି ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଜଣକ ପରେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଉଥିବା ବେଳେ ସେ ସ୍ଥାନ ପୂରଣ କରାଯାଉନାହିଁ। ୫ବର୍ଷ ହେବ ଏଠାରେ ଜଣେ ସ୍ଥାୟୀ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନି। ଛାତ୍ରଛାତ୍ରୀଙ୍କର ପାଠପଢ଼ା ବ୍ୟାହତ ହେବା ଆଶଙ୍କା କରି ଶନିବାର ଧାରଣା ଦିଆଯାଇଥିଲା। ଉକ୍ତ ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ

### ୫ ବର୍ଷ ହେବ ନାହାନ୍ତି ସ୍ଥାୟୀ ପ୍ରଧାନଶିକ୍ଷକ

ଯୋଗ୍ୟତା ହାସଲ କରୁଥିଲେ ସୁଦ୍ଧା ଚଳିତ ଶିକ୍ଷାବର୍ଷ ଆରମ୍ଭରୁ କ୍ରୀଡା ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରି ଏହି ବିଦ୍ୟାଳୟରେ କ୍ରୀଡା ଶିକ୍ଷକଙ୍କୁ ନିଯୁକ୍ତି ନ କରିବା ପ୍ରତିବାଦରେ ମଧ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ସ୍ୱର ଉତ୍ତୋଳନ କରିଥିଲେ। ପୂର୍ବ ସରକାରରେ ପ୍ରତି ବିଦ୍ୟାଳୟରେ 'ମୋ ଓଡ଼ିଶା' ମାଧ୍ୟମରେ କ୍ରୀଡାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଗତବର୍ଷ ଉକ୍ତ ବିଦ୍ୟାଳୟରେ କ୍ରୀଡା



ପ୍ରତିଯୋଗିତା କରା ନଯିବାକୁ ନେଇ ମଧ୍ୟ ଛାତ୍ରଛାତ୍ରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଥିବା ଅନାବନା ଗଛରେ ପରିପୂର୍ଣ୍ଣ ଖେଳ ପଡ଼ିଆଟିରେ ବିଷାକ୍ତ ସର୍ପ ଓ ଗୋଧିମାନେ ବାସ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ ଅସୁରକ୍ଷିତ ଓ ସରୀସୃପ ଜାତୀୟ ଜନ୍ତୁମାନଙ୍କର ବାସସ୍ଥାନ ପାଲଟି ଥିବା ଅନାବନା ଗଛରେ ପରିପୂର୍ଣ୍ଣ ବିଦ୍ୟାଳୟ ପରିବେଶ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ଏକ ପ୍ରକାର ବିପଦ ସୃଷ୍ଟି କରୁଛି ବୋଲି ଅଭିଭାବକମାନେ ପ୍ରକାଶ କରିଥିଲେ। ଏ ବିଷୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ ଯେ କ୍ରୀଡା ପାଇଁ ସରକାରଙ୍କ ତରଫରୁ କୌଣସି ଆର୍ଥିକ ଅନୁଦାନ ମିଳୁ ନଥିବାରୁ କ୍ରୀଡା ପ୍ରତିଯୋଗିତା ବନ୍ଦ କରାଯାଇଛି। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ କୁମାର ପତି, ଡ. ଅରବିନ୍ଦ ନନ୍ଦ, ସିଆରସିସି ସନ୍ତୋଷ କୁମାର ନନ୍ଦ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷିକେଶ ପ୍ରଧାନ ପ୍ରମୁଖ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ସପ୍ତାହରେ ସେ ବିଦ୍ୟାଳୟର ସମସ୍ତ ସୁବିଧା ଅସୁବିଧାଗୁଡ଼ିକୁ ଅନୁଧ୍ୟାନ କରିବା ସହ ବିଜ୍ଞାନ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ଫଳରେ ଛାତ୍ରଛାତ୍ରୀମାନେ ଧାରଣାରୁ ଓହରିଥିଲେ।

● ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

## ସହକାରୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ କାରଣ ଦର୍ଶାଅ ନୋଟିସ

ଭଦ୍ରେଶ୍ୱର, ୨୬।୭(ସମିସ): ଅନ୍ତଦ୍ୟୋୟ ଗୃହ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରିଥିବା କାରଣରୁ ମାହାଙ୍ଗା ବ୍ଲକର ସହକାରୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ କଟକ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୩ ଦିନ ଭିତରେ ଏହାର ଉତ୍ତର ଦେବା ନିମନ୍ତେ ନିର୍ଦ୍ଦେଶନାମା ରହିଛି। ଓଡ଼ିଶା ସରକାରଙ୍କ ଉପରୋକ୍ତ ଗୃହ ଯୋଗନାରେ ଗରିବ ବାସହୀନ ପରିବାରଙ୍କ ପାଇଁ ସ୍ଥାୟୀ ପକ୍କାଘର ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ମାହାଙ୍ଗା ସମସରପୁର ଗ୍ରାମପଞ୍ଚାୟତରେ ଏହି ଯୋଜନା ହିତାଧିକାରୀଙ୍କ ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ଦାଖଲ ନ କରି ସେ ସମୟ ଗଡ଼ାଇ ଗଡ଼ାଇ ଚାଲିଥିବାର ଅଭିଯୋଗ ହୋଇଥିଲା। ପରେ ତାଙ୍କୁ ଗତ ତା ୩୦/୫/୨୦୨୫ରିଖରେ ସମସରପୁର ପଞ୍ଚାୟତରୁ ଅନ୍ତର କରାଯାଇ ଅନ୍ୟ ଜଣେ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ତେବେ ସେ ପିଛିଲା ତାରିଖ ପକାଇ ଯୋଗ୍ୟ ହିତାଧିକାରୀ ତାଲିକା ୪/୬/୨୦୨୫ରେ ଅଧିକାରୀଙ୍କୁ ପ୍ରଦାନ କରିଥିବାର ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସମସରପୁର ସରପଞ୍ଚ ଦେବକି ମଲିକ, ସମିତିସଭ୍ୟା ଉର୍ମିଳା ଦାସଙ୍କ ସମେତ ସ୍ଥାନୀୟ ବହୁ ବ୍ୟକ୍ତି କଟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କଟକ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏକ ତଦନ୍ତକାରୀ ଦଳ ଅଭିଯୋଗର ତଦନ୍ତ କରି କଟକ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ ଆଧାର କରି କଟକ ଜିଲ୍ଲାପାଳ ତାଙ୍କ ଚିଠି ନଂ ୩୫୯୫ ତା ୨୫/୭/୨୦୨୫ରେ ମୋନାଲିସାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବାର ଜଣାଯାଇଛି।

## 'ଗୋଟିଏ ଗଛ ମୋ ମାଆଙ୍କ ନାମରେ' ୬ ଶହ ଚାରା ଲଗାଇବାକୁ ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି, ୨୬।୭(ସମିସ): ନଟକାଇ ବାଣୀନଗରଠାରେ ଥିବା ବଲ୍ଲଭୀ ଦେବୀ ମହିଳା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନ କଟକ ଓ କେନ୍ଦୁପାଟଣା ସହଯୋଗରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ଼ଃ ପୁଷ୍ପିତା ଜେନାଙ୍କ ସଭାପତିତ୍ୱ ଓ ସେବା ଯୋଜନାର ପୋଗ୍ରାମ ଅଫିସର ଡ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ ଗୋଟିଏ ଗଛ ମାଆଙ୍କ ନାମରେ ଲଗାଇବା ଏବଂ ତାହାକୁ ସୁରକ୍ଷିତ ଭାବେ ବଞ୍ଚାଇ ରଖିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟଅତିଥି ଭାବେ ସଂଗଠନର ରାଜ୍ୟ ପ୍ରି ସେବାଦଳର ମୁଖ୍ୟ ହରସ ବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଶୁଭଶ୍ରୀ ନାୟକ, ଜିଲ୍ଲା ସଂଗଠନର ସଂଯୋଜକ ମନୋଜ ଦାସ, ପୁଷ୍ପଲତା ଦାସ, ସାଇପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ କଲେଜ ପରିସରରେ ଏବଂ ଓଥକା ରାମକୃଷ୍ଣପୁର ରାସ୍ତା ପାର୍ଶ୍ୱରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶତାଧିକ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ମୋଟ୍ ୬ଶହ ଚାରା ଲଗାଇବା ପାଇଁ ନିଷ୍ପତ୍ତି ହୋଇଛି। ଅଧ୍ୟାପକ ସୂର୍ଯ୍ୟମଣୀ ସ୍ୱାଇଁ, ଉପେନ୍ଦ୍ର ସାହୁ, ପ୍ରଭାବତୀ ରାଉତ, ଅଜୟ ଜେନା ପରିଚାଳନାରେ ସହଯୋଗ କରିଥିଲେ।




## ରାଜଭବନରେ ଡ୍ରିମ୍ସ ନର୍ସିଂ ଛାତ୍ରୀଙ୍କ ସାଂସ୍କୃତିକ ବିଚିତ୍ରା



କଟକ, ୨୬।୭(ସମିସ): ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ ରାଜଭବନଠାରେ ଅନୁଷ୍ଠିତ ଏକ ବିଶେଷ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡ୍ରିମ୍ସ ସ୍କୁଲ ଅଫ ନର୍ସିଂର ଛାତ୍ରୀମାନେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ। ଆଶିଷ ବିଷୋଇଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶ୍ରୀ ଜଗନ୍ନାଥଙ୍କ ଏକ ଭାବପୂର୍ଣ୍ଣ ସଙ୍ଗୀତ ଆଧାରରେ ଛାତ୍ରୀଙ୍କ ଦଳଗତ ନୃତ୍ୟାଭିନୟ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଛାତ୍ରୀମାନଙ୍କ କଳାନୈପୁଣ୍ୟକୁ ପ୍ରଶଂସା କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ, ସହକାରୀ ପ୍ରାଧ୍ୟାପିକା ଉର୍ମିଳା ସ୍ୱାଇଁ ଓ ରିମି ସରକାରଙ୍କ ତତ୍ତ୍ୱାବଧାନରେ ଓ ଆଶିଷ ବିଷୋଇଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ରେଜିଷ୍ଟ୍ରାର ଡ. ଭକ୍ତଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଝାଡ଼ାବାନ୍ତିରେ ମହିଳା ମୃତ, ଅନେକ ଆକ୍ରାନ୍ତ



ଭଦ୍ରେଶ୍ୱର, ୨୬।୭(ସମିସ): ମାହାଙ୍ଗା ବ୍ଲକ ଅଞ୍ଚଳରେ ଝାଡାବାନ୍ତି ଥମିବାର ନାଁ ଧରୁନାହିଁ। ପୁଣି ଜଣେ ମହିଳା ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିବା ଘଟଣାକୁ ନେଇ ବ୍ଲକ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ମାହାଙ୍ଗା ବ୍ଲକ ପଣସପୁର ଗ୍ରାମର ଉର୍ମିଳା ସାହୁ(୫୯) ଝାଡାବାନ୍ତି ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମର ଅନ୍ୟ ଦୁଇ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାର ଜଣାଯାଇଛି। ଏଠାରେ ସୂଚନା ଥାଉକି ନିକଟରେ ଏହି ବ୍ଲକର ଅଜୟ କୁମାର ନାୟକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ନିକଟରେ ମୃତ୍ୟୁବରଣ କରିଥିଲେ। ତେବେ ପଣସପୁର ଗ୍ରାମରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା କାରିଣୀ ତନୁସ୍ମିତା ବିନ୍ଧାଣୀ ଏକ ଡାକ୍ତରୀ ଟିମ ଏହି ଗ୍ରାମକୁ ପଠାଇଥିବାର ଜଣାଯାଇଛି। ଏହି ଟିମ ଗ୍ରାମରେ ବିଭିନ୍ନ ନଳକୂପ ଓ ଟ୍ୟାପର ନମୂନା ସଂଗ୍ରହ କରି ନେଇଥିଲେ। ଏହି ଗ୍ରାମକୁ ୩ ଦିନ ନିମନ୍ତେ ନିରୀକ୍ଷଣରେ ରଖାଯାଇଛି। ଦୂଷିତ ପାଣି ଓ ବାସୀ ଖାଦ୍ୟ ଯୋଗୁଁ ଝାଡାବାନ୍ତି ରୋଗ ବୃଦ୍ଧି ପାଉଥିବାର ଜଣାଯାଇଛି।

## ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଇନ୍ ସଚେତନତା




ସାଲେପୁର, ୨୬।୭(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ତାଲୁକ୍ ଆଇନ୍ ସେବା କମିଟି ସାଲେପୁର ଦ୍ୱାରା ପୋକସୋ ଆକ୍ଟ ଏବଂ ତଫସିଲଭୁକ୍ତ ଜାତି ଏବଂ ଜନଜାତି ନିମନ୍ତେ ଉଦ୍ଦିଷ୍ଟ ଆଇନ୍ ସେବାଗୁଡିକ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସରୋଜ ଦାଶ, ଏଡିଜେ. ତଥା ସଭାପତି ତାଲୁକ୍ ଲିଗାଲ ସେବା, ବରିଷ୍ଠ ସିଭିଲ୍ ଜଜ୍ ସାଲେପୁର ମଳୟ ପ୍ରଧାନ, ସିଭିଲ୍ ଜଜ୍ ସାଲେପୁର ରୋଶ୍‌ନୀ ବିଶ୍ୱାଳ, ଜେଏମ୍ଏଫ୍‌ସି ସାଲେପୁର ଲକ୍ଷ୍ମୀ ବେହେରା, ସରକାରୀ ଓକିଲ ରବୀନ୍ଦ୍ର କୁମାର ପଣ୍ଡା, ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ସାଲେପୁର ଓକିଲ ସଂଘର ସଭାପତି ବିକ୍ରମ କେଶରୀ ବଳ, ଏଜିପି ପ୍ରଦୀପ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଡ. ମନିଶା ତ୍ରିପାଠୀ ପ୍ରକାଶ କରିଥିବାବେଳେ ଡ. ବୈଜୟନ୍ତୀ ନାୟକ, ଅଧ୍ୟାପିକା ସୁଦୀପ୍ତି ପଲ, ରଶ୍ମିତା ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଶୁଭଜିତ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନିରଞ୍ଜନ ବିଶ୍ୱାଳ, ଜୟନ୍ତୀବାଳା ପରିଜା, ରୀନା ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ସହଯୋଗ କରିଥିଲେ।

## ସିପିଆଇ କଟକ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

କଟକ, ୨୬।୭(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଜିଲ୍ଲା କମିଟି ବୈଠକ ନବଯୁଗ ପ୍ରେସ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ତ୍ରୈଲୋକ୍ୟ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ସମ୍ପାଦକ ବିନୋଦ ବେହେରା ଜିଲ୍ଲା ସମ୍ମିଳନୀର ସାଙ୍ଗଠନିକ ଓ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ସିପିଆଇର ଜିଲ୍ଲା ସମ୍ମିଳନୀ ଅଗଷ୍ଟ ୩୦ ଓ ୩୧ ଦୁଇ ଦିନ ଧରି ପୀର ବଜାର, ଗୁଜରପୁରଠାରେ ଅନୁଷ୍ଠିତ ହେବ। ସମ୍ମିଳନୀ ପରିଚାଳନା କମିଟି ଜିଲ୍ଲା ସହ ସମ୍ପାଦକ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଗଠନ କରାଯାଇଛି। ଅମରେନ୍ଦ୍ର ମହାନ୍ତି, ଚିତ୍ତ ନନ୍ଦ, ପ୍ରଫୁଲ୍ଲ ତ୍ରିପାଠୀ, ବିଜୟ ପଡ଼ିହାରୀ, କିଶୋର ଜେନା, ସୁଶାନ୍ତ ମହାପାତ୍ର, ଗୋବିନ୍ଦଚନ୍ଦ୍ର ନାୟକ, ପ୍ରସନ୍ନ ମହାପାତ୍ର, ଲକ୍ଷ୍ମୀଧର ଦାଶ, ବିପିନ ବିହାରୀ ପାଢ଼ୀ, ଭ୍ରମରବର ସାହୁ, ସୁକାନ୍ତ ବାରିକ ପ୍ରମୁଖ କମିଟିରେ ସ୍ଥାନ ପାଇଛନ୍ତି। ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।




## ସୁନାଲୁଣ୍ଡା ଗ୍ରାମ୍ୟ ରାସ୍ତା ଶୋଚନୀୟ; ପଥଚାରୀ ହୀନସ୍ତା

ନିଶ୍ଚିନ୍ତକୋଇଲି, ୨୬।୭(ସମିସ)

ସୁକରପଡ଼ା ପଞ୍ଚାୟତ ସୁନାଲୁଣ୍ଡା ରାଜସ୍ୱ ଗ୍ରାମର ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ୫୦୦ମିଟର ଦୈର୍ଘ୍ୟ ବିଶିଷ୍ଟ ଉକ୍ତ କଚ୍ଚା ରାସ୍ତାଟିକୁ ଭଲ ଭାବରେ ଢଳେଇ ରାସ୍ତାରେ ପରିଣତ କରାଯାଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତାଟିକୁ ସବୁଦିନିଆ ଢଳେଇ ରାସ୍ତାରେ ପରିଣତ କରିବା ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ମାନେ ଗତ ମାର୍ଚ୍ଚ ମାସଠାରୁ କଟକ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ୫୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ସେମାନେ ଏହି ରାସ୍ତା ଦେଇ ଯାତାୟତ କରିବା ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି। ଉକ୍ତ ରାସ୍ତାଟି ୯ନଂ କେନାଲ ବନ୍ଧ ରେ ହୋଇଥିବା ରାଣୀପଡ଼ା-ହଳଧରପୁର ପ୍ରଧାନମନ୍ତ୍ରୀ ସଡ଼କକୁ ସଂଯୋଗ କରୁଛି। ଏହା ଗ୍ରାମର ଏକମାତ୍ର ରାସ୍ତା ହୋଇଥିବାରୁ ଜରୁରିକାଳୀନ ପରିସ୍ଥିତିରେ ଏହି ରାସ୍ତା ଦେଇ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଆସ କରିପାରୁନଥିବା ବେଳେ ବିଭିନ୍ନ ସ୍କୁଲର ଗାଡ଼ି ମଧ୍ୟ ଏହି ଗ୍ରାମକୁ ପ୍ରବେଶ କରିପାରୁନାହିଁ। ଫଳରେ ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଯିବାକୁ ହଇରାଣ ହରକତ ହେଉଥିବା ବେଳେ ରାସ୍ତା ଯୋଗୁଁ ଗ୍ରାମବାସୀ ସବୁବେଳେ ଚିନ୍ତାରେ ରହୁଥିବା ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



## ୬ ନମ୍ବର କେନାଲ ପୋଲର ଅବସ୍ଥା ଶୋଚନୀୟ

ସାଲେପୁର, ୨୬।୭(ସମିସ): ରୋଧପୁର ଗ୍ରାମର ୬ନଂ କେନାଲ୍ ଉପରେ ଇଟା ପିଲାର୍‌ରେ ନିର୍ମିତ ହୋଇଥିବା ବହୁପୁରାତନ ପୋଲଟି ଏବେ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ପ୍ରାୟ ୨୦ରୁ ୨୫ ବର୍ଷ ତଳେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳୀନ୍ଦି ବେହେରାଙ୍କ ଉଦ୍ୟମରେ ୬ନଂ କେନାଲ ଉପରେ ରୋଧପୁର, ଉତ୍ତରବଟେଶ୍ୱର ଗ୍ରାମର ଜନସାଧାରଣ ଯାତାୟତ କରିବା ପାଇଁ ଏହି ପୋଲଟି ନିର୍ମାଣ କରାଯାଇଥିଲା। ଅପର ପକ୍ଷରେ ଯଦି କୌଣସି ଅଘଟଣ ଘଟି କଟକ-ଚାନ୍ଦବାଲି ରାସ୍ତା ବନ୍ଦରହେ ତେବେ ଏହି ପୋଲ ଦେଇ ଅଧିକାଂଶ ୨ଚକିଆ ଯାନ ଓ ୪ଚକିଆ ଯାନରେ ଲୋକେ ଜାତାୟତ କରୁଥିବାରୁ ଏହି ପୋଲଟି ସାଲେପୁର ବାଇପାସ୍ ରାସ୍ତାର ଭୂମିକା ମଧ୍ୟ ଲିଭାଇଥାଏ। କିନ୍ତୁ ଏବେ ଏହି ପୋଲଟି ଅଣଚଉଡା ହୋଇଥିବା ବେଳେ ଅଧିକାଂଶ ସମୟରେ ପଥଚାରୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଥିବା ବେଳେ ୨୫ବର୍ଷର ପୁରାତନ ପୋଲ ହୋଇଥିବା ବେଳେ ପୋଲର ବାଡା ଓ ଏକାଧିକସ୍ଥାନରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଏହି ପୋଲଟି ଏବେ ବିପଦ ଶଙ୍କୁଳ ଅବସ୍ଥାରେ ରହିଅଛି। ତେଣୁ ଏହି ସ୍ଥାନରେ ନୂତନ ପୋଲ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୬୩ • ପାଉଣ୍ଡ ୧୧୬.୫୬
- ୟୁରୋ ୧୦୧.୦୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୨,୫୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆର୍‌ବିଆଇ ଗଭର୍ଣ୍ଣରଙ୍କ ଟିପ୍ପଣୀ

# କମ୍ପାନୀଙ୍କୁ ମିଳିବନି ବ୍ୟାଙ୍କିଙ୍ଗ୍ ଲାଇସେନ୍ସ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)



ଦେଶର ଅନେକ ବଡ଼ ବଡ଼ ବ୍ୟବସାୟୀ ଏବଂ ଶିଳ୍ପପତିଙ୍କ ପରିବାର ବ୍ୟାଙ୍କିଂ କ୍ଷେତ୍ରରେ ପାଦଦେବାକୁ ଚାହୁଁଛନ୍ତି। କିନ୍ତୁ ସେମାନଙ୍କ ଆଶା ଆଶାରେ ରହିଯିବ ବୋଲି ଲାଗୁଛି। କାରଣ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ବ୍ୟବସାୟୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛନ୍ତି। କମ୍ପାନୀଙ୍କୁ ବ୍ୟାଙ୍କିଂ ଲାଇସେନ୍ସ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାଲହୋତ୍ରା କହିଥିଲେ ଯେ କମ୍ପାନୀଙ୍କୁ ସିଧାସଳଖ କିମ୍ବା ନନ୍-ବ୍ୟାଙ୍କିଂ ଫାଇନାନ୍‌ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି) ଅଧିନରେ ବ୍ୟାଙ୍କିଂ ଲାଇସେନ୍ସ ଦେବାର ଏବେ କୌଣସି ପ୍ରସ୍ତାବ ନାହିଁ। କାରଣ ଏହି କମ୍ପାନୀଗୁଡିକ ନିଜ ସ୍ୱାର୍ଥ ପାଇଁ ବ୍ୟାଙ୍କରେ ଗଚ୍ଛିତ ଅର୍ଥକୁ ବ୍ୟବହାର କରିପାରନ୍ତି। କିଛି ଏନ୍‌ବିଏଫ୍‌ସି କମ୍ପାନୀଙ୍କ ପାଖରେ ବହୁତ ଟଙ୍କା ରହିବ। ଏନ୍‌ବିଏଫସି ବ୍ୟାଙ୍କ ନ ହୋଇ ବି ଆର୍ଥିକ କାରବାର କରିଥାନ୍ତି। ଏହି କମ୍ପାନୀ ଲୋକଙ୍କୁ ଋଣ ଦେଇଥାଏ ଏବଂ ଆଉ କିଛି ଆର୍ଥିକ ସେବା ମଧ୍ୟ ଦେଇଥାଏ। ଯଦି କୌଣସି ବଡ଼ ଉଦ୍ୟୋଗପତି କିମ୍ବା କର୍ପୋରେଟ ଗ୍ରୁପ ଆର୍ଥିକ କାରବାର ଏବଂ ବାସ୍ତବ ଅର୍ଥନୀତି ଭଳି କାମ କରୁଛି ତେବେ ଏହା ଦ୍ୱାରା ପରସ୍ପରର ସ୍ୱାର୍ଥ ପ୍ରଭାବିତ ହେବ। ତେଣୁ ଏ ନେଇ କିଛି ଚିନ୍ତା ରହିବା ସ୍ୱାଭାବିକ।

**ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିପାରନ୍ତି ଟଙ୍କା**

ଭାରତର ସବୁଠୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଅନ୍ୟତମ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଚଳାଉଛି। ଏହା ଏକ କ୍ଷୁଦ୍ର ବ୍ୟାଙ୍କ ହୋଇଥାଏ। ଏହା ଋଣ ଦେଇପାରିବ ନାହିଁ। କିନ୍ତୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବ। ସେହିପରି ହିନ୍ଦୁଜା ଗ୍ରୁପ ମଧ୍ୟ ଇଣ୍ଡସଇଣ୍ଡ ବ୍ୟାଙ୍କର ମାଲିକ। ଏହି ଗ୍ରୁପ୍ ଅନେକ ପ୍ରକାରର ବ୍ୟବସାୟରେ ସାମିଲ ରହିଛି। ଆର୍‌ବିଆଇ ଗଭର୍ଣ୍ଣର ସ୍ପଷ୍ଟ କରିଦେଇଛନ୍ତି ଯେ ଘରୋଇ ବ୍ୟାଙ୍କରେ ପ୍ରମୋଟରଙ୍କ ଭୋଟିଂ ଅଧିକାର ସମୀକ୍ଷା ପାଇଁ ମଧ୍ୟ କୌଣସି ପ୍ରସ୍ତାବ ନାହିଁ। ଏବେ ଏହି ଅଧିକାର ୨୬%ରେ ସୀମିତ ରହିଛି। ବ୍ୟାଙ୍କର ମାଲିକ କମ୍ପାନୀ କେବଳ ୨୬% ନିଷ୍ପତ୍ତିରେ ଭୋଟ କରିପାରିବେ। ବ୍ୟାଙ୍କରେ କୌଣସି ଜଣେ ବ୍ୟକ୍ତିଙ୍କ କର୍ତ୍ତୃତ୍ୱ ନ ରହିବା ପାଇଁ ଏପରି କରାଯାଇଛି। କାରଣ ବ୍ୟାଙ୍କରେ ଲୋକଙ୍କ ଟଙ୍କା ଜମା ରହିଛି। ମାଲିକଙ୍କ ମଧ୍ୟରେ ସନ୍ତୁଳନ ଏବଂ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଏହା ଜରୁରୀ।

### • ଆର୍‌ବିଆଇ ତଥ୍ୟ

# ବ୍ୟାଙ୍କ ଜମା ଦୁଇ ଗୁଣ ବଢ଼ି ୩.୭୯ ଲକ୍ଷ କୋଟି

ମୁମ୍ବାଇ, ୨୬।୭ (ଏଜେନ୍ସି)

ଦେଶରେ ଡିଜିଟାଲ କାରବାର ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହା ସତ୍ତ୍ୱେ ଦେଶରେ ନଗଦ ଟଙ୍କା ଗଦା ହୋଇ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଅନୁଯାୟୀ ଋଣ ଏବଂ ବାସ୍ତବିକ ଉଭୟ ଅର୍ଥ ବ୍ୟବସ୍ଥାରେ ଏହି ନଗଦ (କ୍ୟାଶ୍) ରହିଛି। ବ୍ୟାଙ୍କର ଚଳନ୍ତି ଏବଂ ସଞ୍ଚୟ ଖାତା ଜମା ରାଶିରେ ଜୁନ୍ ଶେଷ ସୁଦ୍ଧା ନଗଦ ରାଶି ଦୁଇ ଗୁଣା ବୃଦ୍ଧି ପାଇ ୩.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ କେବଳ ବ୍ୟାଙ୍କ ନୁହେଁ, ଲୋକଙ୍କ ପାଖରେ ମଧ୍ୟ ଭରପୂର ଟଙ୍କା ରହିଛି। ଲୋକଙ୍କ ପାଖରେ ଥିବା ନଗଦ ପରିମାଣ ୩୧ ହଜାର କୋଟିରୁ ବୃଦ୍ଧି ପାଇ ୯୧ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ନୀତିଗତ କାରଣରୁ ଏହି ବୃଦ୍ଧି ଦେଖା ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କ ନଗଦକୁ ସରଳ କରିବା ପାଇଁ ପଦକ୍ଷେପ ନେଇଥିଲା। ଗ୍ରାମାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପଛରେ ନଗଦ କାରବାର ରହିଛି। ଏହା ସହିତ ଟିକସରେ ରିଆତି ମଧ୍ୟ ଏହାର ପ୍ରମୁଖ କାରଣ ପାଲଟିଛି।

ଏହି ନଗଦ ବୃଦ୍ଧି ପଛରେ ଅନେକ କାରଣ ରହିଛି। ଏହା ମଧ୍ୟରେ କୃଷି ଉତ୍ପାଦନ ବୃଦ୍ଧି, ମନରେଗା ଭଳି ରୋଜଗାର ଯୋଜନାରେ ମିଳୁଥିବା ମଜୁରୀ ଏବଂ ଜନଧନ ଖାତାରେ ଦିଆଯାଉଥିବା ସରକାରୀ ରିଆତି ସାମିଲ ରହିଛି। ଗ୍ରାମାଞ୍ଚଳରେ ଏବେ ବି ନଗଦ ବ୍ୟବହାର ହେଉଛି। ୟୁପିଆଇ ଭଳି ଡିଜିଟାଲ କାରବାର ମଧ୍ୟ ଦ୍ରୁତଗତିରେ ଲୋକପ୍ରିୟ ହେବାରେ ଲାଗିଛି।

## ପିପିଲି-ଡେଲାଙ୍ଗରେ ବିଦ୍ୟୁତ୍ ନେଟୱର୍କ ସୁଦୃଢ଼ କଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୬।୭ (ଏଜେନ୍ସି): ପିପିଲି-ଡେଲାଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡିଏସ୍ଏସ୍‌ପି ଫେଜ୍-୪ ଅଭିଯାନ ଅଧୀନରେ ଦୁଇଟି ୩୩ କେଭି ଫିଡର୍ ଲାଇନ୍‌କୁ କାର୍ଯ୍ୟକ୍ଷମ କରାଯାଇଛି। ଏହାକୁ ପିପିଲି-ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଯଥାକ୍ରମେ ୬.୬ କୋଟି ଟଙ୍କା ଓ ୬.୧୩୫ କୋଟି ଟଙ୍କାର ନିବେଶ ସହିତ ଏହି ନୂଆ ଲାଇନ୍ ସାତଶଙ୍ଖ ଗ୍ରିଡ୍ ସବ୍‌ଷ୍ଟେସନ୍ (ଜିଏସ୍‌ଏସ୍)କୁ କୁମାରେଶ୍ୱର ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍‌ଏସ୍) ଓ ପଟ୍ଟନାୟକ ଛକ ସହ ଯୋଡ଼ିବ। ସମୁଦାୟ ୧୦.୨ ସିକେଏମ୍ ଫିଡର୍ ଲମ୍ବ ସହିତ ଭିତ୍ତିଭୂମିରେ ଏହି ଉନ୍ନତି ଏହି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ଉନ୍ନତ ନେଟ୍‌ୱର୍କ ଦ୍ୱାରା ସାକ୍ଷୀଗୋପାଳର ପ୍ରାୟ ୧୪,୦୦୦ ଗ୍ରାହକ ଏବଂ ସାତଶଙ୍ଖର ୧୨, ୦୦୦ ଗ୍ରାହକ ଉପକୃତ ହେବେ। ଏହା ଦୀର୍ଘଦିନର ଭୋଲଟେଜ୍ ସମସ୍ୟା ଏବଂ ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସମାଧାନ ସହ ଭବିଷ୍ୟତର ଲୋଡ୍ ବୃଦ୍ଧି ମୁକାବିଲାରେ ସହାୟକ ହେବ। ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି। ଏହି ନିବେଶ ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଆଧୁନିକିକରଣ ଏବଂ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବା ପାଇଁ ରହିଥିବା ବ୍ୟାପକ ମିଶନର ଅଂଶ ବୋଲି ଟିପିସିଓଡିଏଲ୍‌ର ଅଧିକାରୀମାନେ ଆଲୋକପାତ କରିଥିଲେ।



### ୟୁବିଏସ୍ ଗ୍ଲୋବାଲ୍ ହେଲ୍‌ଥ ରିପୋର୍ଟ

# ତାଇୱାନରେ ଦ୍ରୁତଗତିରେ ବଢୁଛି ଧନୀଙ୍କ ସଂଖ୍ୟା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)

**ଟପ୍-୧୦ରେ ନାହିଁ ଭାରତ, ଚୀନ୍, ଆମେରିକା**

ଆମେରିକା ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି। ଏହା ପଛରେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧି କରୁଥିବା ଅର୍ଥନୀତି ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବିଶ୍ୱର ଯେଉଁ ଦଶ ଦେଶରେ ଧନୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି ସେହି ତାଲିକାରେ ଭାରତ, ଚୀନ୍ ଏବଂ ଆମେରିକା ନାହିଁ। ଏହି ତାଲିକାରେ ତାଇୱାନ ପ୍ରଥମ ସ୍ଥାନରେ ରହିଛି। ଚୀନ୍‌କୁ ଲାଗି ରହିଥିବା ଏହି ଦେଶରେ ଧନୀଙ୍କ ସଂଖ୍ୟା ସର୍ବାଧିକ ବେଗରେ ବଢୁଛି। ଏହି ଦେଶର ୭୬ ହଜାର ଲୋକଙ୍କ ସମ୍ପତ୍ତି ୧୦ ଲକ୍ଷ ଡଲାରରୁ ଅଧିକ ରହିଛି। ସେହିପରି ବୟସ୍କଙ୍କ ହାରାହାରି ସମ୍ପତ୍ତି ୩, ୧୨,୦୭୫ ଡଲାର ରହିଛି। ୟୁବିଏସ ଗ୍ଲୋବାଲ ୱେଲଥ୍ ରିପୋର୍ଟ-୨୦୨୪ରେ ଏହି ସୂଚନା ଦିଆଯାଇଛି। ତାଇୱାନର ମୋଟ ଜନସଂଖ୍ୟା ପ୍ରାୟ ୨.୩୧ କୋଟି ରହିଛି। ରିପୋର୍ଟ ଅନୁଯାୟୀ ଧନୀଙ୍କ ସଂଖ୍ୟା ବଢୁଥିବା ଦେଶଙ୍କ ମଧ୍ୟରେ ତୁର୍କୀ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ୟୁରୋପର ରୋଗୀ ନାମରେ ପରିଚିତ ତୁର୍କୀ କିଛି ବର୍ଷ ହେଲା ଭଲ ପ୍ରଗତି କରିଛି। ତୁର୍କୀରେ ଗତ ବର୍ଷେ ମଧ୍ୟରେ ମିଲିନେୟର୍ସଙ୍କ ସଂଖ୍ୟା ୭ ହଜାର ଅର୍ଥାତ ୮.୪ ପ୍ରତିଶତ ବୃଦ୍ଧି ପାଇଛି। ଏବେ ଏହି ସଂଖ୍ୟା ୬୮ ହଜାରରେ ପହଞ୍ଚି ଯାଇଛି। ଏହା ୨୦୨୮ ସୁଦ୍ଧା ୮୭, ୦୭୭ରେ ପହଞ୍ଚି ବୋଲି ଆଶା କରାଯାଉଛି। ଏହି ତାଲିକାରେ ତୁର୍କୀ ପରେ କାଜାକସ୍ତାନ, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଇସ୍ରାଏଲ, ମେକ୍ସିକୋ, ଥାଇଲାଣ୍ଡ ଏବଂ ସ୍ୱିଡେନ ରହିଛି।

### ବଜେଟ ବିଗାଡୁଛି ଜଳବାୟୁ ପରିବର୍ତ୍ତନ

# ୨୦୨୪ରେ ୮୦% ବଢ଼ିଛି ଆଳୁ-ପିଆଜ ଦର

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇବାରେ ଲାଗିଛି। ଏହା ଭାରତ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିପାଇଁ ଗତ ବର୍ଷ (୨୦୨୪)ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷ କରି ଆଳୁ ଏବଂ ପିଆଜ ମୂଲ୍ୟ ଆକାଶ ଛୁଆଁ ହୋଇଛି। ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ ଏହି ମୂଲ୍ୟ ୮୦ ପ୍ରତିଶତରୁ ଅଧିକ ବଢ଼ିଛି। ଏହା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଉତ୍କଟ କରିଦେଇଛି। ପାରିବାରିକ ବଜେଟକୁ ବିଗାଡ଼ି ଦେଇଛି। ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟରର ମ୍ୟାକ୍ସିମିଲିୟନ କୋଟ୍‌ଜ ଏହାର ନେତୃତ୍ୱ ନେଇଥିଲେ। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ, ପୋଟ୍ସଡାମ ଇନ୍‌ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ବ୍ରିଟେନର ଫୁଡ୍ ଫାଉଣ୍ଡେସନର ବିଶେଷଜ୍ଞ ଏହି ଅଧ୍ୟୟନରେ ସାମିଲ ଥିଲେ। ୨୦୨୨ରୁ ୨୦୨୪ ମଧ୍ୟରେ ୧୮ ଦେଶର ୧୬ଟି ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେସବୁ ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି।

ବିଶେଷଜ୍ଞଙ୍କ ଅନୁଯାୟୀ ମେ' ମାସରେ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହା ଫସଲ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା। ଏହା ଦ୍ୱାରା ପନିପରିବା ମୂଲ୍ୟ

**ବଢ଼ିବ ଆର୍ଥିକ ଅସମାନତା**

**ବିଗିଡ଼ିପାରେ ସ୍ୱାସ୍ଥ୍ୟାବସ୍ଥା; ବଢ଼ିପାରେ ଜଟିଳ ରୋଗ**

ଆକାଶ ଛୁଇଁ ଥିଲା। ପିଆଜ ଏବଂ ଆଳୁ ଦର ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଏଭଳି ହ୍ରାସ ବୃଦ୍ଧି ଜାରି ରହିଲେ କୁପୋଷଣ ବଢ଼ିବ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ପାରେ। ଏହା ଦ୍ୱାରା ଆର୍ଥିକ ଅସମାନତା ବୃଦ୍ଧି ପାଇପାରେ। କୋଟ୍‌ଜ କହିଛନ୍ତି ଯେ ଖାଦ୍ୟପଦାର୍ଥ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡୁଛି। ବିଶେଷ କରି ଗରିବ ଏବଂ କମ୍ ଆୟକାରୀ ପରିବାର ପ୍ରଭାବିତ ହେଉଛନ୍ତି। ଦରଦାମ ବଢ଼ିଲେ ଏଭଳି ପରିବାର ପୁଷ୍ଟିକର ଖାଦ୍ୟ ଖାଇପାରୁ ନାହାନ୍ତି। ଶସ୍ତା ସାମଗ୍ରୀକୁ ଭରସା କରିଥାନ୍ତି। ଏଭଳି ଖାଦ୍ୟ ପଦାର୍ଥ ଦ୍ୱାରା କର୍କଟ, ମଧୁମେହ, ହୃତ୍‌ପିଣ୍ଡ ଆଦି ରୋଗ ହୋଇପାରେ।

ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିଲେ ମୁଖ୍ୟ ମୁଦ୍ରାସ୍ଫୀତିକୁ ବି ବଢ଼ିବ। ଏହା ଦ୍ୱାରା ମୂଲ୍ୟରେ ସ୍ଥିରତା ରଖିବା କେନ୍ଦ୍ରୀୟ ବ୍ୟାଙ୍କ କଷ୍ଟସାଧ ହୋଇଯିବ। ଉଚ୍ଚ ଦରଦାମ ଯୋଗୁଁ ନିର୍ବାଚନ ଫଳାଫଳ ମଧ୍ୟ ପ୍ରଭାବିତ ହେବ। ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଉଥିବା ଦଳ ବେଶ ଉପକୃତ ହୋଇପାରନ୍ତି। ସବୁଜ କୋଠରୀ ଗ୍ୟାସ ହ୍ରାସ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଗବେଷକମାନେ ଚେତାବନୀ ଦେଇଛନ୍ତି। ଶୂନ୍ୟ ନିର୍ଗମନ ପର୍ଯ୍ୟନ୍ତ ନ ପହଞ୍ଚିଲେ ଜଳବାୟୁ ଅଧିକ ବିଗିଡିଯିବ। ଏହା ଦିନକୁ ଦିନ ଅଧିକ ଖରାପ ପ୍ରଭାବ ପକାଇବ। ଏହା ପୂର୍ବରୁ ଫସଲ କ୍ଷତି କରୁଛି। ଏଥିଯୋଗୁଁ ସାରା ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଚାଲିଛି।

## ୨.୫ କୋଟି ଆଇଆରସିଟିସି ୟୁଜର ଆଇଡି ନିଷ୍କ୍ରିୟ କଲା ରେଳବାଇ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ରେଳବାଇ ବଡ଼ ପଦକ୍ଷେପ ନେଇଛି। ୨.୫ କୋଟିରୁ ଅଧିକ ଆଇଆରସିଟିସି ଆଇଡିକୁ ନିଷ୍କ୍ରିୟ କରିଦେଇଛି। ଅନ୍‌ଲାଇନ ଟିକେଟ ବୁକିଂ ସିଷ୍ଟମରେ ଜାଲିଆତିକୁ ରୋକିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସଂସଦରେ ସାଂସଦ ଏଡି ସିଂହଙ୍କ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ ଟିକଟ ବୁକିଂ ସମୟରେ ଦ୍ରୁତଗତିରେ ଏହା ଗାଏବ ହେବା, ୟୁଜର ଆଇଡି ନିଷ୍କ୍ରିୟ କରିବା ଏବଂ ରେଳବାଇ ନେଇଥିବା ପଦକ୍ଷେପ ବିଷୟରେ ପଚାରି ଥିଲେ। ସରକାରଙ୍କ ସୂଚନା ଅନୁଯାୟୀ ଆଡାଭାନ୍ସଡ ଡାଟା ଆନାଲିଟିକ୍ସରୁ ଏହି ବ୍ୟବହାରକାରୀଙ୍କ ବୁକିଂ ପ୍ୟାଟର୍ଣ୍ଣ ଏବଂ ବ୍ୟବହାର ଏକାଭଳି ଥିଲା ବୋଲି ଜଣାପଡ଼ିଛି। ତେଣୁ ଏମାନେ ସାଧାରଣ ବ୍ୟବହାରକାରୀ ନ ଥିଲେ। ବଟ୍ସ କିମ୍ବା ଏଜେଣ୍ଟମାନେ ଏହାକୁ ବ୍ୟବହାର କରୁଥିବା ମଧ୍ୟ ଜଣା ପଡ଼ିଥିଲା। ସେହିପରି ଟିକଟ ବୁକିଂରେ ସ୍ୱଚ୍ଛତା ବଢ଼ାଇବାକୁ ଏବଂ ଠକେଇ ରୋକିବାକୁ ଅନେକ ଡିଜିଟାଲ ସୁଧାର କରାଯାଇଛି।

# ଭାରତ-ଚୀନ୍ ମିଳିତ ଭେଞ୍ଚରକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଏବଂ ଭାରତ ପଛରେ ପଡ଼ି ଯାଇଛନ୍ତି। ଏହି ଦୁଇ ଦେଶର କର୍ମଚାରୀଙ୍କୁ ନିଯୁକ୍ତି ନ କରିବା ପାଇଁ ସେ ଆମେରିକା କମ୍ପାନୀଙ୍କୁ କହିଛନ୍ତି। ଚୀନ୍‌ର ବିଶ୍ୱର ଦ୍ୱିତୀୟ ବୃହତ ଏବଂ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଚୀନ୍ ଭାରତର ସବୁଠୁ ବଡ଼ ବ୍ୟାବସାୟିକ ସହଯୋଗୀ। ଏପରି ସ୍ଥଳେ ଟ୍ରମ୍ପ ବିରକ୍ତି ହେବା ବୁଝା ପଡୁଛି। ତେବେ ଭାରତ ଏବଂ ଚୀନ୍ ମଧ୍ୟରେ ବି ଭଲ ସମ୍ପର୍କ ନାହିଁ। କିଛି ଦିନ ତଳେ ଭାରତକୁ 'ରେୟାର ଆର୍ଥ ମ୍ୟାଗ୍ନେଟ୍ସ' ଏବଂ ସ୍ପେସିଆଲିଟି ଫର୍ଟିଲାଇଜର ଦେବା ଉପରେ ବେଜିଂ କଟକଣା ଲଗାଇ ଦେଇଥିଲା। କିନ୍ତୁ ଏଭଳି ଏକ କ୍ଷେତ୍ରରେ ଦୁଇ ଦେଶର କମ୍ପାନୀ ହାତ ମିଶାଇଛନ୍ତି। ରିପୋର୍ଟ ଅନୁଯାୟୀ ଭାରତରେ ଇଲେକ୍‌ଟ୍ରୋନିକ ସାମଗ୍ରୀ ନିର୍ମାଣ କରୁଥିବା ଅନେକ କମ୍ପାନୀ ଏବେ ଚୀନ୍ କମ୍ପାନୀ ସହ ମିଶି କାମ କରିବାକୁ ଭାବୁଛନ୍ତି। କାରଣ କେନ୍ଦ୍ର ସରକାର ଇଲେକ୍‌ଟ୍ରୋନିକ ସାମଗ୍ରୀ ନିର୍ମାତା କମ୍ପାନୀ ଡିକ୍ସନ ଟେକ୍ନୋଲୋଜି ଏବଂ ଚୀନ୍‌ର ଲଙ୍କଚିୟର ଇଣ୍ଟେଲିଜେନ୍ସ ମଧ୍ୟରେ ଜଏଣ୍ଟ ଭେଞ୍ଚରକୁ ମଞ୍ଜୁରୀ ଦେଇଛନ୍ତି। ଡିକ୍ସନ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଏହି ଯୁଗ୍ମ ଉଦ୍ୟୋଗରେ ଡିକ୍ସନର ୭୪ ପ୍ରତିଶତ ଏବଂ ଲଙ୍ଗଚିୟର ୨୬ ପ୍ରତିଶତ ଅଂଶଧନ ରହିବ।

ଏହି ଚୁକ୍ତିକୁ ନେଇ ଅନ୍ୟ କମ୍ପାନୀ ଉତ୍ସାହିତ ଅଛନ୍ତି। ଇପାକ ଡୁରାବଲ, ପିଜି ଇଲେକଟ୍ରୋପ୍ଲାଷ୍ଟ, ଅମ୍ବର ଏଣ୍ଟରପ୍ରାଜେସ ଏବଂ କାର୍ବନ ମୋବାଇଲ ଭଳି କମ୍ପାନୀ ଚୀନ୍ ସହ ମିଶି କାମ କରିବାକୁ ଯୋଜନା କରୁଛନ୍ତି। ଚୀନ୍‌କୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି ବୋଲି କୁହାଯାଉଛି। ଏବେ ଚୀନ୍ କମ୍ପାନୀ ମଧ୍ୟ ଭାରତରେ ସାମଗ୍ରୀ ନିର୍ମାଣ କରିପାରିବେ। ତେବେ ଲୋକେ ଏହାକୁ ନେଇ କି ପ୍ରତିକ୍ରିୟା ଦେଉଛନ୍ତି ତାହା ଦେଖିବା ବାକି ରହିଲା।

**ସଫେଇ କର୍ମଚାରୀଙ୍କ ପାଇଁ ଜାତୀୟ କର୍ମଶାଳା**

# ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୭(ସମିସ): ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ସଫେଇ କର୍ମଚାରୀଙ୍କୁ ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଏହାସହ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇ ଦିଆଯିବ। କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ। ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ। ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି କାର୍ଯ୍ୟକ୍ରମ କରାଯିବ। ଏହା ସହିତ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଏସ୍‌ସି, ଏସ୍‌ଟି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣା

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

ଭୁବନେଶ୍ୱର,୨୬।୭(ସମିସ): ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ ଶନିବାର ଜାତୀୟ ଜନଜାତି ଆୟୋଗ(ଏନସିଏସଟି)ଙ୍କ ନିକଟରେ ଏନେଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଓଡ଼ିଶାର ଏସ୍‌ସ/ଏସ୍‌ଟି ସ୍କୁଲ ହଷ୍ଟେଲ୍‌ଗୁଡିକରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର ଓ ଗର୍ଭଧାରଣ ଘଟଣା ବାବଦରେ ତୁରନ୍ତ ହସ୍ତକ୍ଷେପ ପାଇଁ ଏଥିରେ ଦାବି କରାଯାଇଛି। ବିଜେଡି ଏହି ଘଟଣାଗୁଡିକୁ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି କହି ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

- ଜାତୀୟ ଜନଜାତି ଆୟୋଗଙ୍କୁ ଦାବିପତ୍ର ପ୍ରଦାନ
- ସମସ୍ତ ଘଟଣାକୁ ନେଇ ହେଉ ଉଚ୍ଚସ୍ତରୀୟ ତଦନ୍ତ
- ପୀଡ଼ିତାଙ୍କୁ ଆଇନ ସହାୟତା ଓ ସହଯୋଗ ମିଳୁ
- ସ୍କୁଲ ଛାତ୍ରାବାସରେ ସୁରକ୍ଷା ବୃଦ୍ଧି କରାଯାଉ

ଦଳ ପକ୍ଷରୁ କୁହାଯାଇଛି ଯେ ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲା ସହିତ ଅନ୍ୟାନ୍ୟ ଅଞ୍ଚଳରେ ଏପରି ଅନେକ ଘଟଣା ଘଟିଛି, ଯେଉଁଠି ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ଅନେକ ଅନୁସୂଚିତ ଜାତି ଓ ଜନଜାତିର ଝିଅମାନେ ଯୌନ ଅତ୍ୟାଚାରର ଶିକାର ହୋଇ ଗର୍ଭବତୀ ହେଉଛନ୍ତି। ଏହା ଏକ ଗମ୍ଭୀର ପ୍ରଶାସନିକ ବିଫଳତା ଓ ଅନୁପଯୁକ୍ତ ନିରୀକ୍ଷଣ ପ୍ରଣାଳୀର ପ୍ରତିଫଳନ ଅଟେ। ଏ ସମସ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଏଥିରେ ସମ୍ପୃକ୍ତ ଅଧିକାରୀ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲରେ ସିସିଟିଭି, ନିୟମିତ ଡାକ୍ତରୀ ପରୀକ୍ଷା, ପରାମର୍ଶଦାତା ସୁବିଧା ଓ ମହିଳା ସୁରକ୍ଷା କର୍ମଚାରୀ ତୁରନ୍ତ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏକ ସ୍ୱତନ୍ତ୍ର ଦଳ (ଏସ୍‌ଆଇଟି) ଗଠନ କରି ପୀଡ଼ିତାଙ୍କୁ ଚିକିତ୍ସା ଆଇନ ଓ ମାନସିକ ସ୍ତରରେ ସହଯୋଗ ଦେବା ପାଇଁ କରାଯାଇଛି।

ଏଥିସହ ଏହିଭଳି ଘଟଣା ଆଗକୁ ଯେଭଳି ନ ଘଟିବ, ସେଥିପାଇଁ ସ୍କୁଲ ହଷ୍ଟେଲଗୁଡ଼ିକୁ ନିୟମିତ ମନିଟରିଂ ବ୍ୟବସ୍ଥା କରିବା ସହ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନସିଏସଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗାରିମା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ। ଏହିପରି ଦୁଃଖଦ ଘଟଣା ପୁନର୍ବାର ନ ଘଟିବା ପାଇଁ କମିଶନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ଦଳ କହିଛି। ଏହି ଦାବିପତ୍ରକୁ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କ ନିକଟରେ ଦାଖଲ କରାଯାଇଛି।




# ବର୍ଷାଦିନେ ପାଦର ଯତ୍ନ



**କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।**

- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନ୍‌ରେ ପାଦ ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଙ୍ଗଲ୍ ପାଉଡର ସ୍ପ୍ରେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁୟର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥିରେ ପାଦର ଅଙ୍ଗୁଳିଗୁଡ଼ିକୁ ସଫା କରିବା ସହ ପାଦକୁ ମସାଜ୍ ମଧ୍ୟ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ଭ ସେପ୍‌ରେ କାଟିବା ଆବଶ୍ୟକ । ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ୍ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କମିଥାଏ ।

# ରାକ୍ଷୀରୁ ସ୍ୱାବଲମ୍ବୀ ମହିଳା

**ପାଖେଇ ଆସୁଛି ରାକ୍ଷୀ ପୂର୍ଣ୍ଣିମା । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ନିଜ ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଥିପାଇଁ ବଜାରରେ ବିଭିନ୍ନ ଡିଜାଇନ୍‌ର ଭଳିକି ଭଳି ରାକ୍ଷୀ ସବୁ ଦେଖିବାକୁ ମିଳିଥାଏ । ହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ରାକ୍ଷୀ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ ଏବଂ ଏହା ପରିବେଶକୁ ଦୂଷିତ କରିଥାଏ । ତେଣୁ ଧାନ, ଚାଉଳ, ମାଟି, ଗହମ, କଉଡ଼ି, କୁଲା ଭଳି ପ୍ରାକୃତିକ ଜିନିଷକୁ ଉପଯୋଗ କରି ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି, ଖୋର୍ଦ୍ଧା ଜିଲ୍ଲା ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଏହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ।**







ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥିମ୍ ଅନୁଯାୟୀ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପ୍ରସ୍ତୁତି । ଧାନ, ଗହମ, ଚାଉଳ, ମାଟି, କୁଲା, ମୁଦ୍ରା, ବାଉଁଶ ଆଦିକୁ ବ୍ୟବହାର କରି ଭଳିକି ଭଳି ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଜଗନ୍ନାଥ, କଉଡ଼ି, କାର୍ଟୁନ, ଗଣେଶ ଓ କୁଲା ଆଦି ଡିଜାଇନର ରାକ୍ଷୀ ତିଆରି କରନ୍ତି । ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମା ପରେ ଲୋକେ ରାକ୍ଷୀକୁ ଏଣେତେଣେ ଫୋପାଡ଼ି ଦିଅନ୍ତି । ଏହାଦ୍ୱାରା ପ୍ଲାଷ୍ଟିକ୍ ଜିନିଷ ମାଟିରେ ପଡ଼ି ପରିବେଶକୁ ଦୂଷିତ କରିଥାଏ । ଏପରି ସ୍ଥଳେ ପରିବେଶ ଅନୁକୂଳ ରାକ୍ଷୀ ଖୁବ୍ ଲାଭଦାୟକ ହୋଇଥାଏ । ରାକ୍ଷୀରେ ବ୍ୟବହୃତ ଧାନ, ଗହମ, ଚାଉଳ ଆଦି ସହଜରେ ମାଟିରେ ମିଳେଇଯାଏ । ଏଥିସହ ଏହି ରାକ୍ଷୀ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହା ତ୍ୱଚାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

ଗୋଷ୍ଠୀର ସଭାପତି ସ୍ୱପ୍ନା ମହାନ୍ତିଙ୍କ କହିବାନୁଯାୟୀ, ଆଧୁନିକ ଛାପ ଥିବା ଷ୍ଟୋନ୍, ଚେନ୍, ପ୍ଲାଷ୍ଟିକ୍ ରାକ୍ଷୀ ବଦଳରେ ଲୋକେ ଆକାରରେ ଛୋଟ, ନାଲିକଳା ରଙ୍ଗର ହାତ ତିଆରି ଜଗନ୍ନାଥ ରାକ୍ଷୀକୁ ବେଶି ପସନ୍ଦ କରୁଛନ୍ତି । ଏହା ତୁଳସୀ, କଉଡ଼ି ଧାନରେ ନିର୍ମିତ ହୋଇଥିବାରୁ ଏହା ଅଧିକ ସଂଖ୍ୟାରେ ଅର୍ଡର ମଧ୍ୟ ଆସୁଛି । ଏଥିସହ ଲୋକଙ୍କ ଆକର୍ଷଣ ସାଜିଛି କୁଲା ରାକ୍ଷୀ । ଗୋଟିଏ ଛୋଟ କୁଲାକୁ ସଜେଇ ସେଥିରେ ରାକ୍ଷୀ, ସିନ୍ଦୂର, ଚାଉଳ ଆଦି ରଖି ପ୍ୟାକେଟ୍ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହି ସ୍ୱତନ୍ତ୍ର କୁଲା ରାକ୍ଷୀ ପ୍ରସ୍ତୁତ ହୋଇଛି ।

ମହିଳାମାନେ ବର୍ଷକ ବାରମାସ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏଥି ସହିତ ଲୋକଙ୍କ ଚାହିଦା, ପୂଜା, ଉତ୍ସବ ଆଦି ଦିନଗୁଡ଼ିକୁ ଧ୍ୟାନରେ ରଖି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ସେହିପରି ବାକି ଦିନଗୁଡ଼ିକରେ ସମ୍ବଲପୁରୀ କପଡ଼ାରୁ କାନଫୁଲ, ଚାବିରିଙ୍ଗ, କ୍ଲିପ୍, ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରିଥାନ୍ତି । ବଜାରରେ ଏହି ଜିନିଷର ଚାହିଦା ମଧ୍ୟ ରହିଛି । ସେହିପରି ଦୀପାବଳିରେ ମଧ୍ୟ ଭଳିକି ଭଳି କ୍ୟାଣ୍ଡେଲ ପ୍ରସ୍ତୁତ କରିଥାନ୍ତି । ସେହିପରି ରାକ୍ଷୀ ପୂର୍ଣ୍ଣିମାର ଦୁଇମାସ ପୂର୍ବରୁ ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି ।

# କ୍ଲେ ମାସ୍କ



**ସାଧାରଣତଃ ଧୂଳି, ପ୍ରଦୂଷଣ ତେଲ ଆଦି ମୁହଁରେ ଜମି ତ୍ୱଚାକୁ କଳା କରିଥାଏ । ଏହାଦ୍ୱାରା ମୁହଁର ଉଜ୍ଜ୍ୱଳତା କମିଯାଏ । ଏପରି ସ୍ଥଳେ କ୍ଲେ ମାସ୍କ ତ୍ୱଚା ପାଇଁ ଏକ ବରଦାନ । ଏହା ତ୍ୱଚାର ଅତିରିକ୍ତ ତେଲକୁ ଅବଶୋଷିତ କରିଥାଏ । ବିଶେଷ କରି ତେଲିଆ ଏବଂ ବ୍ରଣତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

### ପ୍ରସ୍ତୁତି

- ଗୋଟିଏ ପାତ୍ରରେ ମୁଲ୍‌ତାନୀ ମାଟି, ଗୋଲାପଜଳ, ଆଲୋଭେରା ଜେଲ୍, ଅଳ୍ପ ହଳଦୀଗୁଣ୍ଡ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।
- ସେହିପରି ତ୍ୱଚା ଶୁଷ୍କ ଥିଲେ ଅଳ୍ପ ମହୁ ଓ କ୍ଷୀର ମିଶାଇପାରିବେ । ଏହା ତ୍ୱଚାରେ ଆଦ୍ରତା ବଜାୟ ରଖିଥାଏ ।
- ସପ୍ତାହରେ ଥରେ ଦୁଇଥର ଏହି ମାସ୍କକୁ ବ୍ୟବହାର କଲେ, ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।




### ଧ୍ୟାନ ଦିଅନ୍ତୁ

- ଏହା ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲକରି ସଫା କରନ୍ତୁ ।
- ମାସ୍କ ଲଗାଇବା ପରେ ତ୍ୱଚାକୁ ଦୀର୍ଘ ସମୟ ଶୁଖାନ୍ତୁ ନାହିଁ ।
- ମାସ୍କ ଶୁଖିଗଲା ପରେ ତ୍ୱଚାକୁ ସଫା କରି ମଏଶ୍ଚରାଇଜର୍ ଲଗାନ୍ତୁ ।
- ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ । ପରେ ଯାଇ ଏହାକୁ ତ୍ୱଚାରେ ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ, ରାସାୟନିକ ପଦାର୍ଥଯୁକ୍ତ ପ୍ରସାଧନ ଲଗାଇବାରୁ ଦୂରେଇ ରୁହନ୍ତୁ । କ୍ଲେ ମାସ୍କକୁ ରୁଟିନ୍‌ରେ ସାମିଲ କରନ୍ତୁ ।
- ଏହା ତ୍ୱଚାକୁ ଗଭୀରରୁ ସଫା କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

# ବିନା ବିଜୁଳିରେ ଇସ୍ତ୍ରୀ

**ଅନେକ ସମୟରେ ପୋଷାକ ଇସ୍ତ୍ରୀ କରୁଥିବା ସମୟରେ ବିଜୁଳି କଟିଯାଏ । ଫଳରେ ଇସ୍ତ୍ରୀ ଅଧା ରହିଯାଏ । କିନ୍ତୁ କିଛି ଘରୋଇ ଟିପ୍‌ସ ଆପଣାଇ ବିଦ୍ୟୁତ୍ କଟିଗଲେ ମଧ୍ୟ ପୋଷାକକୁ ଇସ୍ତ୍ରୀ କରିପାରିବେ, ଜାଣିବା ସେ ବିଷୟରେ...**

- ଗୋଟିଏ କଡ଼େଇରେ ପାଣି ନେଇ ଗରମ କରନ୍ତୁ । ଗରମପାଣିକୁ ଏକ ପ୍ୟାନ୍‌ରେ କାଢ଼ି ଦିଅନ୍ତୁ । ଏହା ଉପରେ ଏକ ଢାଙ୍କୁଣି ଘୋଡ଼ାଇ ପୋଷାକ ଉପରେ ଧୀରେ ଧୀରେ ଘସି ଇସ୍ତ୍ରୀ କରିପାରିବେ । ଏହାଦ୍ୱାରା ଲୋଚାକୋଚା କପଡ଼ା ସିଧା ହୋଇଯାଏ ।
- ସେହିପରି ଘରେ କୋଇଲା ଥିଲେ ଏହାକୁ ମଧ୍ୟ ବ୍ୟବହାର କରିପାରିବେ । ଏକ ଷ୍ଟିଲ୍ ପାତ୍ର ନେଇ ସେଥିରେ କୋଇଲାକୁ ଦେଇ ଗରମକରନ୍ତୁ । ଏହାପରେ ଏହାକୁ ଗୋଟିଏ କପଡ଼ାରେ ଧରି ଧୀରେ ଧୀରେ ପୋଷାକ ଉପରେ ଘଷନ୍ତୁ । ଏହାଦ୍ୱାରା ଇସ୍ତ୍ରୀ ଭଲ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପନିର୍ ଟିକି



### ଆବଶ୍ୟକ ସାମଗ୍ରୀ

ରସୁଣ- ଏକ କୋଳା, କଞ୍ଚା ଲଙ୍କା – ତିନି, ଚାରୋଟି, ବାଦାମ – ଅଧା କପ୍, ଜିରା – ଏକ ଚାମଚ, ରାଶି- ଏକ ଚାମଚ, ପନିର୍ – ୨୦୦ ଗ୍ରାମ୍, ଧନିଆପତ୍ର – ଏକ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ତାୱା ଗରମ ହୋଇଗଲେ, ରସୁଣ ପକାନ୍ତୁ । ପରେ ସେଥିରେ କଞ୍ଚାଲଙ୍କା, ଚିନାବାଦାମ, ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲେ ଜିରା, ରାଶି ଓ ସାମାନ୍ୟ ଲୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାର୍‌ରେ ପୂରାଇ ଅଳ୍ପ ଧନିଆ ପତ୍ର ଦେଇ ବାଟି ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ପନିର୍‌କୁ ଗ୍ରେଡେଟ୍ କରି ଦିଅନ୍ତୁ । ସେଥିରେ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବାଦାମ ଧନିଆପତ୍ର ବଟାକୁ ଦେଇ ଭଲଭାବେ ଗୋଳାଇ ଦିଅନ୍ତୁ । ସେଥିରୁ କିଛି ହାତରେ ନେଇ ଥାପି ଟିକି ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ପନିର୍ ଟିକି ସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର ଟିକି' ।



# ସ୍କର୍ଟ୍ ପାଇଁ ଟପ୍‌ସ

**ବର୍ଷାଦିନ ପାଇଁ ସ୍କର୍ଟ୍ ଭଲ ବିକଳ୍ପ । ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟକ ହୋଇଥାଏ । କିନ୍ତୁ ସ୍କର୍ଟ୍ ସହ କେଉଁ ପ୍ରକାର ଟପ୍‌ସ ପିନ୍ଧିଲେ ଭଲ ମାନିବ, ତାକୁ ନେଇ ଅନେକ ମହିଳା ଦ୍ୱନ୍ଦରେ ଥାଆନ୍ତି । ତେଣୁ ସ୍କର୍ଟ୍‌ରେ ସ୍ଲିମ୍ ଓ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍‌ସ ।**

### ବଟନ୍ – ଡାଉନ୍

ବଟନ୍ – ଡାଉନ୍ ଟପ୍ସ ପିନ୍ଧିଲେ ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଏହାକୁ ମିଡି ସ୍କର୍ଟ୍ କିମ୍ବା ପେନ୍‌ସିଲ୍ ସ୍କର୍ଟ୍ ସହ ପିନ୍ଧିପାରିବେ । ଏଥିରେ ଲାଗିଥିବା ସ୍ଲିଭସ୍‌କୁ ମୋଡ଼ିପାରିବେ । ଏଥିସହ ଚାହିଁଲେ ବ୍ରେସ୍‌ଲେଟ୍ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ଫିଟେଡ୍ କ୍ରପ୍

ଫିଟେଡ୍ କ୍ରପ ଟପ୍ ପିନ୍ଧିବା ଦ୍ୱାରା ଅଣ୍ଟା ପତଳା ଦେଖାଯାଏ । ଏହି ଟପ୍‌ସ ହାଇୱେଷ୍ଟ ସ୍କର୍ଟ୍‌ସକୁ ଭଲ ମାନିଥାଏ । ଏହାଦ୍ୱାରା ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ସେହିପରି ପତଳା ଦିଶିବାକୁ ଚାହୁଁଥିଲେ, ସ୍କର୍ଟ୍ ଓ ଟପ୍‌ସ ସମାନ ରଙ୍ଗର ପିନ୍ଧିପାରିବେ । ଏହାଦ୍ୱାରା ଲମ୍ବା ଓ ପତଳା ଦିଶିଥାଏ ।

### ଭି-ନେକ୍ ଟପ୍‌ସ

ଭି-ନେକ୍ ଟି ସାର୍ଟ ପିନ୍ଧିବା ଦ୍ୱାରା ବେକ ଲମ୍ବା ଦିଶିଥାଏ । ଏଥିସହ ଚେହେରା ମଧ୍ୟ ପତଳା ଦିଶିଥାଏ । ତେବେ ଏହି ଟି-ସାର୍ଟ ହାଲୁକା ଫିଟିଙ୍ଗ୍ ହେବା ଜରୁରୀ । ଏହାକୁ ଡେନିମ୍ ସ୍କର୍ଟ୍ କିମ୍ବା ମିଡି ସ୍କର୍ଟ୍ ସହ ପିନ୍ଧିପାରିବେ । ସେହିପରି ଚାହିଁଲେ ସ୍କର୍ଟ୍‌ରେ ଟପ୍‌ସକୁ ଟ୍ୟାଙ୍କ୍ କରି ଏକ ବେଲ୍ଟ ଲଗାଇପାରିବେ ।

### ପେପ୍ଲମ୍

ସେହିପରି ପେଟ ବଡ଼ ଥିଲେ ଏହାକୁ ଲୁଚାଇବା ପାଇଁ ପେପ୍ଲମ୍ ଟପ୍‌ସ ପିନ୍ଧିପାରିବେ । ଏହା ଅଣ୍ଟାପାଖରୁ ଫ୍ଲେୟାର ଥାଏ । ଏହା ଶରୀରକୁ ଏକ ସୁନ୍ଦର ଆକାର ଦେଇଥାଏ । ଚାହିଁଲେ ପ୍ରିଣ୍ଟେଡ୍ ଟପ୍ସ ମଧ୍ୟ ପିନ୍ଧିପାରିବେ ।

### ଅଫ୍ ସୋଲଡର୍

କୌଣସି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଅଫ୍‌ସୋଲଡର ଟପ୍ସ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦେଖାଯାଏ । ଏଥିସହ ସହ ଆସେସରିଜ୍ ମଧ୍ୟ ପରିଧାନ କରିପାରିବେ ।

### ଲୋକେଶ ରାହୁଲ (୮୭*) ଓ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ

# ମ୍ୟାଚ୍ ବଞ୍ଚାଇବାକୁ ଭାରତର ସଂଘର୍ଷ

ଓଲ୍ଡ ଟ୍ରାଫୋର୍ଡ,୨୬ା୭ (ଏଜେନ୍ସି):

ଅଭିଜ୍ଞ ଓପନର ଲୋକେଶ ରାହୁଲ (୮୭*) ଓ ଅଧିନାୟକ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ପରାଜୟ ଏଡ଼ାଇବାକୁ ଭାରତ ଜୋରଦାର ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ଶେଷ ହେବା ପରେ ଭ୍ରମଣକାରୀ ଭାରତ ୩୧୧ ରନ୍‌ରେ ପଛୁଆ ହୋଇଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦଳ ଖାତା ଖୋଲିବା ପୂର୍ବରୁ ଓପନର ଯଶସ୍ୱୀ ଜୟସ୍ୱାଲ ଓ ନଂ-୩ ସାଇ ସୁଦର୍ଶନଙ୍କ ୱିକେଟ କ୍ରମାଗତ ବଲ୍‌ରେ ହରାଇଥିଲା। ଏହା ପରେ ରାହୁଲଙ୍କ ସହ ଗିଲ ଯୋଗଦେବା ପରେ ଚମତ୍କାର ଟେକ୍‌ନିକ୍ ଓ ଟେମ୍ପରାମେଣ୍ଟରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରି ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଆଉ କୌଣସି ୱିକେଟ ହରାଇ ୧୭୪ ରନ୍ ଭରଣା କରିନେଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ରାହୁଲ ୨୧୦ ବଲ ଖେଳି ୮ ଚୌକା ସହ ୮୭ ଓ ଗିଲ୍ ୧୬୭ ବଲ୍‌ରୁ ୧୦ ଚୌକା ସହ ୭୮ ରନ୍‌ରେ ଅପରାଜିତ ରହିଥିଲେ। ଖେଳ ଆଉ ଗୋଟିଏ ଦିନ ବାକି ଥିଲାବେଳେ ଭାରତ ୧୩୭ ରନ୍‌ରେ ପଛୁଆ ରହିଛି। ପୂର୍ବରୁ ଜୋ ରୁଟ୍ (୧୫୦) ଓ ବେନ୍ ଷ୍ଟୋକ୍ସ (୧୪୧)ଙ୍କ ଦମ୍‌ଦାର ଶତକ ସହାୟତାରେ ଇଂଲଣ୍ଡର ପ୍ରଥମ ଇନିଂସରେ ୬୬୯ ରନ୍ କରିଥିଲା।




### ଅଧିନାୟକ ବେନ୍‌ଙ୍କ ଶତକ

ଏହି ମ୍ୟାଚ୍‌ର ଶନିବାର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୫୪୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ବେନ୍ ଷ୍ଟୋକ୍ସ ଏକାକୀ ଭାରତୀୟ ବୋଲରଙ୍କୁ ଚୌକା ଛକା ମାଧ୍ୟମରେ ନିଷ୍ପ୍ରଭ କରିଦେଇଥିଲେ। ଗତକାଲି ୬୬ ରନ୍‌ରେ ରିଟାୟର୍ଡ ହୋଇଥିବା ଷ୍ଟୋକ୍ସ ପରେ ବ୍ୟାଟିଂ କରିବାକୁ ଆସି ୭୭ ରନ୍‌ରେ ଅପରାଜିତ ରହିଥିଲେ। ଆଜି ସେ ଏହି ସ୍କୋରକୁ ଆଗକୁ ବଢ଼ାଇବା ସହ ଇଂଲଣ୍ଡକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ସେ ଓ ବ୍ରାଇଡନ କାର୍ସ ୯ମ ୱିକେଟରେ ୯୭ ବଲ୍‌ରୁ ୯୫ ରନ୍ ଉଠାଇବା ଫଳରେ ଇଂଲଣ୍ଡ ୬୬୯ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଏହା ଓଲ୍ଡ ଟ୍ରାଫୋର୍ଡରେ ସର୍ବାଧିକ ହୋଇଥିଲାବେଳେ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର। ଭାରତୀୟ ବୋଲରଙ୍କୁ ନିରାଶ କରିବା ପରେ ଷ୍ଟୋକ୍ସ ଏକାଧିକ ରେକର୍ଡ କରି ୧୪୧ ରନ୍‌ରେ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସ୍କୋର ଲାଗି ସେ ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୩ ଛକା ମାରିଥିଲେ। ଟେଷ୍ଟ କ୍ରିକେଟରେ ଷ୍ଟୋକ୍ସର ଏହା ୧୪ତମ ଶତକ ଥିଲା।

### ପ୍ରଥମଥର ବୁମରା ଖର୍ଚ୍ଚ କଲେ ୧୦୦+ ରନ୍

ଏହି ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସବୁଠାରୁ ନିକୃଷ୍ଟ ଥିଲା। ଇଂଲଣ୍ଡ ୧୫୭.୧ ଓଭର ଭାରତୀୟଙ୍କୁ ପଡ଼ିଆରେ ରଖିଥିଲା। ଏଥିରେ ବୁମ୍‌ରା ୩୩ ଓଭର ବୋଲିଂ କରି ୧୧୨ ରନ୍ ଦେଇଥିଲେ। ଟେଷ୍ଟ କ୍ରିକେଟ କ୍ୟାରିୟରରେ ବୁମ୍‌ରା ପ୍ରଥମଥର ଗୋଟିଏ ଇନିଂସରେ ୧୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ତାଙ୍କ ବ୍ୟତୀତ ଆଉ ୪ଜଣ ବୋଲର ମହମ୍ମଦ୍ ସିରାଜ ୩୦ ଓଭରରେ ୧୪୦, ରବୀନ୍ଦ୍ର ଜାଡେଜା ୩୭.୧ ଓଭରରେ ୧୪୩ ଓ ୱାଶିଂଟନ ସୁନ୍ଦର ୨୮ ଓଭରରେ ୧୦୭ ରନ୍ ବ୍ୟୟ କରିଥିଲେ। ଏହା ୨୫ତମ ଅବସର ଯେଉଁଥିରେ ଭାରତର ୪ଜଣ ବୋଲର ୧୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଥିଲେ। ଜାଡେଜାଙ୍କୁ ସର୍ବାଧିକ ୪ଟି, ବୁମ୍‌ରା ଓ ସୁନ୍ଦରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୩୫୮/୧୦,** ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/୧୦,** ୧୫୭.୧ ଓଭର (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଡକେଟ-୯୪, କ୍ରାଲୀ-୮୪, ପୋପ୍-୭୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ: ୧୭୪/୨, ୬୩** ଓଭର (ଲୋକେଶ ରାହୁଲ-ବ୍ୟାଟିଂ-୮୭, ଶୁବମନ ଗିଲ-ବ୍ୟାଟିଂ-୭୮, ଜୟସ୍ୱାଲ-୦, ସୁଦର୍ଶନ-୦, କ୍ରିସ୍ ଓକ୍ସ-୨/୪୮)।

## ଷ୍ଟୋକ୍ସଙ୍କ ବିରଳ କୀର୍ତ୍ତିମାନ

### ଟେଷ୍ଟରେ ୭୦୦୦ ରନ୍ ଓ ୨୦୦ ୱିକେଟ ନେବାରେ ତୃତୀୟ

ଓଲ୍ଡ ଟ୍ରାଫୋର୍ଡ,୨୬ା୭ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଏକ ବିରଳ ସଫଳତା ପାଇଛନ୍ତି। ଏହି ଟେଷ୍ଟରେ ସେ ୫ ୱିକେଟ ଓ ୧୪୧ ରନ୍ କରିଛନ୍ତି। ଏହି ଟେଷ୍ଟରେ ସେ ଇଂଲଣ୍ଡର ଚତୁର୍ଥ ଖେଳାଳି ତଥା ବିଶ୍ୱର ୫ମ ଅଧିନାୟକ ଭାବେ ଗୋଟିଏ ଟେଷ୍ଟରେ ୫ ୱିକେଟ ନେବା ସହ ଶତକ ହାସଲ କରିଛନ୍ତି। ଏହି ସଫଳତା ବଳରେ ଏଠାରେ ୧୧୫ତମ ଟେଷ୍ଟ ଖେଳୁଥିବା ଷ୍ଟୋକ୍ସ ଟେଷ୍ଟ କ୍ରିକେଟରେ ୭୦୦୦ ରନ୍ ପୂରଣ କରିବା ସହ ଦୁଇଶହ ୱିକେଟ ନେବାରେ ସଫଳ ହୋଇଛନ୍ତି। ଏହି ବିରଳ ସଫଳତା ପାଇବାରେ ସେ ବିଶ୍ୱର ମାତ୍ର ତୃତୀୟ ଅଲରାଉଣ୍ଡର। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ (୧୩୨୮୯ ରନ୍ ଓ ୨୯୨ ୱିକେଟ) ଓ ୱେଷ୍ଟଇଣ୍ଡିଜ୍‌ର ଗ୍ୟାରୀ ସୋବର୍ସ (୮୦୩୨ ରନ୍ ଓ ୨୩୫ ୱିକେଟ) ଏହି କ୍ଲବ୍‌ର ସଦସ୍ୟ ହୋଇଥିଲେ। ଷ୍ଟୋକ୍ସ ୧୧୫ତମ ଟେଷ୍ଟରେ ମୋଟ ୭୦୩୨ ରନ୍ କରିବା ସହ ୨୨୯ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ରହିଥିଲାବେଳେ ଗୋଟିଏ ଇନିଂସରେ ୫ମଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ସୀମିତ ରହିବା ଫଳରେ ଭାରତ ବିପକ୍ଷରେ ଘରୋଇ ଦଳ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ୨୦୧୧ ବର୍ମିଂହାମ ଟେଷ୍ଟରେ ଇଂଲଣ୍ଡ ୭ ୱିକେଟରେ ୭୧୦ ରନ୍ କରି ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଥିଲା। ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ୫ମ ସର୍ବାଧିକ ସ୍କୋର। ୨୦୧୪ରେ ଶେଷଥର ଭାରତ ବିପକ୍ଷରେ ପ୍ରତିପକ୍ଷ ଦଳ ୬୦୦ (ନ୍ୟୁଜିଲାଣ୍ଡ, ୬୮୦/୮) ରନ୍ କରିଥିଲା।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ହରାରେ, ୨୬ା୭ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩ ରନରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଚାମ୍ପିଅନ ହୋଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୧୮୦ ରନ କରିଥିଲା। ଡେଭିଡ୍ କନୱେ ଓ ରାଚିନ ରବୀନ୍ଦ୍ର ୪୭ ରନ ଲେଖାଏ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଓପନର୍ ଲୁଆନ ଡ୍ରି-ପ୍ରିଟୋରିୟସ (୫୧ ରନ), ରିଜା ହେଣ୍ଡ୍ରିକ୍ସ (୩୭) ଓ ଡେୱାଲ୍ଡ ବ୍ରେଭିସ (୩୧)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୬ ୱିକେଟ୍‌ରେ ୧୭୭ ରନ କରିପାରିଥିଲା। ଶେଷ ଓଭରରେ ଜିତିବାକୁ ୭ ରନ ଆବଶ୍ୟକ ହେଉଥିବାବେଳେ ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରୀ ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଥିଲେ।

## ଡେଭିଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ସିରିଜ୍ କବ୍‌ଜା

ସେଣ୍ଟ କିଟ୍ସ, ୨୬ା୭ (ଏଜେନ୍ସି): ଟିମ୍ ଡେଭିଡ୍‌ଙ୍କ ୩୭ ବଲ୍‌ରେ ଅପରାଜିତ ୧୦୨ ଓ ଅବିଭକ୍ତ ୫ମ ୱିକେଟ ଯୋଡିରେ ମିଚେଲ ଓଏନ୍(୩୬)ଙ୍କ ସହ ୧୨୮ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୬ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି। ଇଣ୍ଡିଜ୍‌ର ସାଇ ହୋପ୍ ଅପରାଜିତ ୧୦୨ ରନ୍ କରିଥିଲେ।

## ଦ୍ୱିତୀୟଥର ଲାଗି ସ୍ଥଗିତ ରହିଲା କବାଡ଼ି ବିଶ୍ୱକପ୍

ନୂଆଦିଲ୍ଲୀ, ୨୬ା୭ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ର ଗାଛିବୋଲି ଇଣ୍ଡୋର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିଲା। କିନ୍ତୁ ପ୍ରଶାସନିକ ସମସ୍ୟା ଯୋଗୁ ଅନିର୍ଦ୍ଦିଷ୍ଟକାଳ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା ଭାରତୀୟ ଆମେଚର କବାଡ଼ି ମହାସଂଘ (ଏକେଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଫଳରେ ମହିଳା କବାଡ଼ି ବିଶ୍ୱକପ୍ ୨ୟଥର ଲାଗି ସ୍ଥଗିତ ହୋଇଛି। ଏଥିପୂର୍ବରୁ ମହିଳା କବାଡ଼ି ବିଶ୍ୱକପ୍ ଜୁନରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ସରକାର ପରେ ଆୟୋଜନ ନେଇ ଅସମର୍ଥ ପ୍ରକାଶ କରିଥିଲେ।

### ୟୁଏଇରେ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮

## ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୨୬ା୭ (ଏଜେନ୍ସି): ୟୁଏଇ ବା ୟୁନାଇଟେଡ ଆରବ ଏମିରେଟ୍ସରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୯ରୁ ୨୮ ତାରିଖ ଯାଏ ଏସିଆ କପ୍ ପୁରୁଷ କ୍ରିକେଟ ଖେଳାଯିବ। ଏ ସମ୍ପର୍କରେ ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଶନିବାର ବିଧିବଦ୍ଧ ଘୋଷଣା କରିଛି। ଟି-୨୦ ଫର୍ମାଟରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଏସିସିର ସଭାପତି ପାକିସ୍ତାନର ମୋହସିନ ନକ୍‌ଭି ଆଜି ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଥର ଏସିଆ କପ୍‌କୁ ସମାନ ଫର୍ମାଟରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ଖେଳସୂଚୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭାବେ ଭାରତ ରହିଛି। କିନ୍ତୁ ଏସିସିର ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନ ଯଦି ଆୟୋଜକ ହୁଅନ୍ତି, ତେବେ ଆସନ୍ତା ୩ ବର୍ଷ ଯାଏ ଏହି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ। ଏଥିଲାଗି ଏଥର ଟୁର୍ଣ୍ଣାମେଣ୍ଟ ୟୁଏଇରେ ଖେଳାଯିବ ବୋଲି ସ୍ଥିର ହୋଇଛି।

**ଭାରତର ଖେଳସୂଚୀ**

- ସେପ୍ଟେମ୍ବର ୯: ଭାରତ-ୟୁଏଇ
- ସେପ୍ଟେମ୍ବର ୧୪: ଭାରତ-ପାକିସ୍ତାନ
- ସେପ୍ଟେମ୍ବର ୧୯: ଭାରତ-ଓମାନ

## ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬ା୭ (ସମିସ): ଆଇଆରସି ଭିଲେଜ୍‌ସ୍ଥିତ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଜାକିର ଅଲି, ଶ୍ୟାମ ଅଗରୱାଲ, ଅଲ୍‌ତାଫ୍ ଅଲି, ସନ୍ଦୀପ ଅଗରୱାଲ, ଗୋବିନ୍ଦ ରାଓ, ଅଭିଳାଷ ମହାରଣା, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଚେତନ ଆନନ୍ଦ, ଆଦିତ୍ୟ ହାଲଦାର, ମିଶାଲ ସ୍ୱାଇଁ, ସାଗର ସ୍ୱାଇଁ, ଜ୍ଞାନ ଦାଶ, ଦେବୀ ପ୍ରସାଦ ସାହୁ ଓ ବରୁଣ ନାୟକ ବିଜୟୀ ହୋଇଛନ୍ତି। ମିଶାଲ, ଜ୍ଞାନ, ଜାକିର ଓ ଗୋବିନ୍ଦ ରାଓ ଏଥିସହ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରବିବାର ମୁକାବିଲା ପରେ ଅନ୍ୟ କେଉଁ ପ୍ରତିଯୋଗୀ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ମିଶାଲ ସ୍ୱାଇଁ, ଶ୍ୟାମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ନିଶାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## ଟ୍ୟାଲେଣ୍ଟ ଟେନିସ ସିରିଜ: ସୁତଭ୍ୟାଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୬ା୭ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ସୁତଭ୍ୟା କର୍ମାକର ଡବଲ୍ ଟାଇଟଲ୍ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସ୍ୱପ୍ନିଏ ଘୋଷ ଟାଇଟଲ୍ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ଆଇପିଏସ୍ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୫ ଓ ୧୨ ଆଇଟା ପଏଣ୍ଟ ପାଇଛନ୍ତି। ଗତ ୨୧ ତାରିଖରୁ ଚାଲିଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମର ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ

## ତନ୍ୱି, ଭେନାଲାଙ୍କୁ କାଂସ୍ୟ ପଦକ

ନୂଆଦିଲ୍ଲୀ, ୨୬ା୭ (ଏଜେନ୍ସି): ଇଣ୍ଡୋନେସିଆରେ ଶନିବାର ଶେଷ ହୋଇଛି ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ। ଏହି ପ୍ରତିଯୋଗିତାରେ ଭାରତର ମହିଳା ଦଳ ପ୍ରଥମଥର ଲାଗି ୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଭାରତ ପକ୍ଷରୁ ତନ୍ୱି ଶର୍ମା ଓ ଭେନାଲା କାଲାଗୋଟାଲା ମହିଳା ଏକକ ସେମିଫାଇନାଲରେ ପରାଜିତ ହେବା ଫଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଚୀନର ପ୍ରତିଯୋଗୀ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ତନ୍ୱି ଶର୍ମା ଏକାଧିକ ତ୍ରୁଟି କରିବା ଫଳରେ ଏହି ମ୍ୟାଚ୍ ହାରିଯାଇଥିଲେ।

## ସାହାଣୀ କପ୍ ଫାଇନାଲରେ କଟକ

ଭୁବନେଶ୍ୱର, ୨୬ା୭ (ସମିସ): ପ୍ରଥମ ଦଳ ଭାବେ କଟକ ଚଳିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଜୋନରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଦୀନବନ୍ଧୁ ଦାସଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କଟକ ୫-୦ରେ ବିଜୟୀ



ହୋଇ ଫାଇନାଲ ଟିକଟ୍ ହାସଲ କରିଥିଲା। ଦୀନବନ୍ଧୁ ମ୍ୟାଚର ପ୍ରଥମାର୍ଦ୍ଧ (୩୬ତମ, ୪୩ତମ ଓ ୪୫ତମ ମିନିଟ୍)ରେ ୩ଟି ଯାକ ଗୋଲ୍ ଦେଇଥିଲେ। ସେହିଭଳି ବାପୁନି ବିନ୍ଧାଣୀ ଅନ୍ୟ ୨ଟି ଗୋଲ୍ ଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବ୍ରହ୍ମପୁରର ମହାତ୍ମା ଗାନ୍ଧି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ କୋରାପୁଟ ଓ ସମ୍ବଲପୁର ସାମ୍ନାସାମ୍ନି ହେବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS